ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୧୭୦
୨୭ ନଭେମ୍ବର, ୨୦୨୫ ଗୁରୁବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 170
27th November, 2025 Thursday
Bhubaneswar

ODISHA EXPRESS — SIGHTS TRUTH WRITES TRUTH — ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ


## ନୀତି ବାଣୀ

ସଦ୍ଭିରେବ ସହାସୀତ ସଦ୍ଭିଃ କୁର୍ବୀତ ସଂଗତିମ୍
ସଦ୍ଭିର୍ବିବାଦଂ ମୈତ୍ରୀଂ ଚ ନାସଦ୍ଭିଃ କିଞ୍ଚିଦାଚରେତ୍ ।

ସାଧୁଲୋକଙ୍କ ସହିତ ଉପବେଶନ, ଆଳାପ, କଳହ ଓ ବନ୍ଧୁତା କରିବା ଉଚିତ, ମାତ୍ର ଅସାଧୁ ସହିତ କିଛି କରିବା ଉଚିତ ନୁହେଁ।

### ଅମ୍ବିକା ପ୍ରସାଦ ଦାସଙ୍କ ‘ସତ କହିବାକୁ କିଆଁ ଡରିବି’ ସ୍ତମ୍ଭରେ

## ପ୍ରକୃତିର ନିୟମ କାହାକୁ ଛାଡ଼େ ନାହିଁ

## ଓଏଏସ୍ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୨୬।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ଓଏଏସ୍ ଅଧିକାରୀଙ୍କ ସ୍ତରରେ ବଡଧରଣର ଅଦଳବଦଳ ହୋଇଛି। ଉଷାରାଣୀ ସାହୁ ପଞ୍ଚାୟତିରାଜ ବିଭାଗର ସ୍ୱତନ୍ତ୍ର ସଚିବ ହୋଇଥିବାବେଳେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ ହୋଇଛନ୍ତି ଲୋପାମୁଦ୍ରା ମହାପାତ୍ର। ରାଜ୍ୟ ମାଇନିଂ ବିଭାଗର ସିଭିଓ ହେଲେ ନାରାୟଣ ଚନ୍ଦ୍ର ଧଳ। ଅନୁସୂଚିତ ଜନଜାତି ବିଭାଗର ଅତିରିକ୍ତ ସଚିବ ହେଲେ ଦେବେନ୍ଦ୍ର ନନ୍ଦ। ସେହିପରି ପ୍ରୀତିପର୍ଣ୍ଣା ମିଶ୍ର ରାଜସ୍ୱ ବିଭାଗର ଡେପୁଟି ସେକ୍ରେଟାରୀ ହୋଇଥିବାବେଳେ ବାଲେଶ୍ୱର ଜିଲ୍ଲାର ଡ଼ିଏଚ୍ଏଚ୍ ପ୍ରଶାସନିକ ଅଧିକାରୀ ହୋଇଛନ୍ତି ଅନିତା ନାୟକ।

## ଏକାସଙ୍ଗେ ଆତ୍ମସମର୍ପଣ କଲେ ୪୧ ନକ୍ସଲ

**ବିଜାପୁର,୨୬।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଛତିଶଗଡର ବିଜାପୁର ଜିଲ୍ଲାରେ ସୁରକ୍ଷା ବାହିନୀକୁ ଏକ ବଡ଼ ସଫଳତା ମିଳିଛି। ବୁଧବାର ଏଠାରେ ୪୧ ଜଣ ନକ୍ସଲ ଏକାସଙ୍ଗେ ସୁରକ୍ଷା ବାହିନୀ ନିକଟରେ ଆତ୍ମସମର୍ପଣ କରିଛନ୍ତି। *(ଶେଷ ପୃଷ୍ଠା ଦେଖନ୍ତୁ)*

### ବିଧାନସଭା ଅଧିବେଶନ ନେଇ ସର୍ବଦଳୀୟ ବୈଠକ

# ଆଜି ଉଦ୍‌ବୋଧନ ଦେବେ ରାଷ୍ଟ୍ରପତି





**ଭୁବନେଶ୍ୱର,୨୬।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତାକାଲିଠୁ ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଓଡିଶା ବିଧାନସଭା ଇତିହାସରେ ପ୍ରଥମଥର ପାଇଁ ଗୃହକୁ ଦେଶର ରାଷ୍ଟ୍ରପତି ସମ୍ବୋଧିତ କରିବେ। ଗୃହକୁ ସୁରୁଖୁରୁରେ ଚଳାଇବା ପାଇଁ ବାଚସ୍ପତି ସୁରମା ପାଢ଼ୀ ଆଜି ସବୁ ଦଳର ସହଯୋଗ ଲୋଡିବା ସହ ଗୃହର ମର୍ଯ୍ୟାଦା ରକ୍ଷା ପାଇଁ ଉଭୟ ଶାସକ ଓ ବିରୋଧୀ ଦଳକୁ ପରାମର୍ଶ ଦେଇଛନ୍ତି। ଏହି ଶୀତ ଅଧିବେଶନ ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ ଚାଲିବ ଓ ଏଥିରେ ମୋଟ ୨୯ଟି କାର୍ଯ୍ୟଦିବସ ରହିଛି। ଆଜି ଉଭୟ ଶାସକ ବିଜେପି ଓ ବିରୋଧୀ ବିଜେଡି ନିଜର ବିଧାୟକ ଦଳ ବୈଠକ ଡାକି ରଣନୀତି କରିଛନ୍ତି।

ସୂଚନା ଅନୁସାରେ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ବିଧାନସଭାକୁ ଆସି ଅପରାହ୍ନ ସାଢ଼େ ୪ଟାରୁ ସାଢ଼େ ୫ଟା ପର୍ଯ୍ୟନ୍ତ ବିଧାନସଭାର ସଦସ୍ୟମାନଙ୍କୁ ସମ୍ବୋଧିତ କରିବେ। ଓଡିଶା ବିଧାନସଭା ଇତିହାସରେ ପ୍ରଥମଥର ପାଇଁ ଦେଶର ରାଷ୍ଟ୍ରପତି ଗୃହକୁ ସମ୍ବୋଧିତ କରିବେ। ଏହି ଐତିହାସିକ ମୁହୂର୍ତ୍ତରେ ରାଜ୍ୟପାଳ ହରିବାବୁ କମ୍ଭମ୍ପାଟି, ରାଜ୍ୟର ସାଂସଦ ଓ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷ ମଧ୍ୟ ଉପସ୍ଥିତ ରହିବେ ବୋଲି ଜଣାପଡିଛି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଜର ଅଭିଭାଷଣ ପରେ ବିଧାନସଭାର ୧୧ ନମ୍ବର ରୁମକୁ ଯିବେ। ୨୦୦୦ରୁ ୨୦୦୪ ମସିହା ମଧ୍ୟରେ ସେ ରାଇରଙ୍ଗପୁରରୁ ବିଧାୟିକା ତଥା ରାଜ୍ୟ ପରିବହନ ଓ ବାଣିଜ୍ୟ ମନ୍ତ୍ରୀ ଥିବାବେଳେ ବିଧାନସଭା ପରିସରରେ ଏହି ୧୧ ନମ୍ବର ରୁମ୍ ତାଙ୍କର ଅଫିସ୍ ପ୍ରକୋଷ୍ଠ ଥିଲା। ରାଷ୍ଟ୍ରପତିଙ୍କ ସମ୍ମାନରେ ଏହି ଚାମ୍ବରକୁ ସ୍ୱତନ୍ତ୍ର ଭାବେ ସଜ୍ଜିତ କରାଯାଇଛି।

ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆସନ୍ତାକାଲି ଅପରାହ୍ନ ୨ଟାରେ ଭୁବନେଶ୍ୱରରେ ପହଂଚିବା ପରେ ରାଜଭବନରେ ତାଙ୍କୁ ସାଢ଼େ ୨ଟାରୁ ପ୍ରାୟ ୧୫ମିନିଟ୍ ପର୍ଯ୍ୟନ୍ତ ରାଜ୍ୟପାଳ, ୩ଜଣ କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବାଚସ୍ପତି, ପୂର୍ତ୍ତ ମନ୍ତ୍ରୀ, ମୁଖ୍ୟ ସଚିବ, ଉନ୍ନୟନ କମିଶନର, ଗୃହ ସଚିବ ଓ ପୁଲିସ ଡିଜି ଭେଟିବାର କାର୍ଯ୍ୟକ୍ରମ ରହିଛି।

ବାଚସ୍ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ, ଉପମୁଖ୍ୟମନ୍ତ୍ରୀ କେଭି. ସିଂହଦେଓ, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ସରକାରୀ ଦଳ ମୁଖ୍ୟ ସଚେତକ ଉପସ୍ଥିତ ଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏବଂ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଉପସ୍ଥିତ ଥିଲେ। ଗୃହରେ ବିରୋଧୀ ବିଧାୟକମାନଙ୍କୁ ଶାସକ ଦଳ ତୁଳନାରେ ସମାନ ସମୟ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଅହମଦାବାଦରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା

**ନୂଆଦିଲ୍ଲୀ,୨୬।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତର କ୍ରୀଡା ଇତିହାସରେ ଯୋଡି ହୋଇଯାଇଛି ନୂଆ ଅଧ୍ୟାୟ। ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡା ଭାରତରେ ଅନୁଷ୍ଠିତ ହେବ। ଗୁଜରାଟର ଅହମଦାବାଦକୁ ଆୟୋଜକ ସହର ଭାବେ ଆଜି ବିଧିବଦ୍ଧ ଅନୁମତି ମିଳିଛି। ରାଜ୍ୟଗୋଷ୍ଠୀ କ୍ରୀଡାର ୭୪ ଜଣିଆ କମିଟି ଅହମଦାବାଦ ନାଁ ଉପରେ ମୋହର ମାରିଛନ୍ତି। ଏହାର ଅର୍ଥ ଦୀର୍ଘ ୨୦ ବର୍ଷ ପରେ ଭାରତକୁ ରାଜ୍ୟଗୋଷ୍ଠୀ କ୍ରୀଡା ଫେରିଛି।



୨୦୩୦ରେ ରାଜ୍ୟ ଗୋଷ୍ଠୀ କ୍ରୀଡାକୁ ୧୦୦ ବର୍ଷ ପୂରିବାକୁ ଯାଉଛି। ଏହି ୧୦୦ ବର୍ଷ ପୂର୍ତ୍ତି ଅବସରରେ ଇଭେଣ୍ଟର ଆୟୋଜନ କରିବାକୁ ଭାରତ ସରକାର ଚାହୁଁଥିଲେ। ଏଥିପାଇଁ ଭାରତର ସରକାର ବିଧିବଦ୍ଧ ଭାବେ ଆବେଦନ ଦାଖଲ କରିଥିଲେ।

ଭାରତର ଆବେଦନ ପରେ ଅହମଦାବାଦର କ୍ରୀଡା ଭିତ୍ତିଭୂମିକୁ ଯାଞ୍ଚ କରାଯାଇଥିଲା। ଶେଷରେ ଆଜି ୭୪ ଦେଶର କମିଟି ଭାରତର ଆୟୋଜନ ଅଧିକାରୀକୁ ଅନୁମତି ଦେଇଛି। ଗ୍ଲାସଗୋରେ ଆୟୋଜିତ ରାଜ୍ୟଗୋଷ୍ଠୀ କ୍ରୀଡାର ସାଧାରଣ ମହାସଭାରେ ଏପରି ନିଷ୍ପତ୍ତି ହୋଇଛି। ୨୦୩୦ ରାଜ୍ୟ ଗୋଷ୍ଠୀ କ୍ରୀଡାରେ ୭୪ଟି ଦେଶ ଭାଗନେବେ।

ନିକଟରେ ଭାରତୀୟ ଅଲିମ୍ପିକ ଆସୋସିଏସନ(ଆଇଓଏ) ଅନଔପଚାରିକ ଭାବେ ରାଜ୍ୟ ଗୋଷ୍ଠୀ କ୍ରୀଡା ମହାସଂଘ ବା ସିଜିଏଫ ସହ ହୋଷ୍ଟିଂ ଅଧିକାର ସମ୍ପର୍କରେ ଆଲୋଚନା କରିଥିଲା। ନୂଆଦିଲ୍ଲୀ ଓ ଅହମଦାବାଦରେ *(ଶେଷ ପୃଷ୍ଠା ଦେଖନ୍ତୁ)*

## ୧ରେ ଖୋଲିବ ଗୁଣ୍ଡିଚା ମନ୍ଦିର: ପ୍ରବେଶ ଶୁଳ୍କ ୧୦ ଟଙ୍କା

**ପୁରୀ,୨୬।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆଉ ଚାରି ଦିନ ପରେ ଅର୍ଥାତ୍ ଡିସେମ୍ବର ୧ ତାରିଖରୁ ପରୀକ୍ଷାମୂଳକ ଭାବେ ଖୋଲିବ ଗୁଣ୍ଡିଚା ମନ୍ଦିର। ତେବେ ମନ୍ଦିର ଭିତରେ ପ୍ରବେଶ କରିବାକୁ କରାଯାଇଛି ଟିକେଟ୍ ବ୍ୟବସ୍ଥା। ପ୍ରତିଟି ଟିକେଟ୍‌ର ମୂଲ୍ୟ ୧୦ ଟଙ୍କା ରଖାଯାଇଛି। ବୁଧବାର ଗୁଣ୍ଡିଚା ମନ୍ଦିରରେ ଚାଲିଥିବା ଉନ୍ନତିକରଣ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିବା ପରେ ଏହି ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ।



ଶ୍ରୀ ପାଢ଼ୀ କହିଛନ୍ତି, ୧ ତାରିଖରୁ ପରୀକ୍ଷାମୂଳକ ଭାବେ ଗୁଣ୍ଡିଚା ମନ୍ଦିରକୁ ଶ୍ରଦ୍ଧାଳୁଙ୍କ ନିମନ୍ତେ ଖୋଲାଯିବ। ଶ୍ରଦ୍ଧାଳୁଙ୍କ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି। ମନ୍ଦିର ପରିସରରେ ଉନ୍ନତିକରଣ କାର୍ଯ୍ୟ ଏବେ ବି ଜାରି ରହିଛି। ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ସବୁଠୁ ଅଧିକ ଗୁରୁତ୍ୱ ଦିଆଯାଉଛି। ୧ ତାରିଖରୁ ପରୀକ୍ଷାମୂଳକ ଭାବେ ଖୋଲାଯିବା ପରେ ଯେଉଁ ସବୁ ତ୍ରୁଟି ବା ସମସ୍ୟା ସାମ୍ନାକୁ ଆସିବ, ସେହି ଅନୁସାରେ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବ୍ୟବସ୍ଥା କରାଯିବ।

ସେ କହିଛନ୍ତି ଯେ ଶ୍ରୀଗୁଣ୍ଡିଚା ମନ୍ଦିରରେ ପ୍ରବେଶ କରିବା ପାଇଁ ଟିକେଟ ବ୍ୟବସ୍ଥା କରାଯାଇଛି। ଟିକେଟର ମୂଲ୍ୟ ୧୦ ଟଙ୍କା ରଖାଯାଇଛି। ତେବେ ୫ ବର୍ଷରୁ କମ୍ ଶିଶୁ, ୮୦ ବର୍ଷରୁ ଅଧିକ ବୟସର ବ୍ୟକ୍ତି ଓ ଦିବ୍ୟାଙ୍ଗମାନଙ୍କ ପାଇଁ ଟିକେଟ ବ୍ୟବସ୍ଥା କରାଯାଇନାହିଁ। ଦିବ୍ୟାଙ୍ଗମାନଙ୍କ ପାଇଁ କାଠ ରାମ୍ପର ବ୍ୟବସ୍ଥା କରାଯାଇଛି। ମନ୍ଦିର ବାହାରେ ସିଂହଦ୍ୱାର ସାମ୍ନାରେ ନିଃଶୁଳ୍କ ମୋବାଇଲ ଓ ଜୋତା ଷ୍ଟାଣ୍ଡର ବ୍ୟବସ୍ଥା *(ଶେଷ ପୃଷ୍ଠା ଦେଖନ୍ତୁ)*

## ୨୦୨୫ ପାଇଁ ଘନଶ୍ୟାମ ଓ ଭାଗବତଙ୍କୁ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ

**ଭୁବନେଶ୍ୱର,୨୬।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ନାଟକ ଏକଡେମୀ ପୁରସ୍କାର ଘୋଷଣା ହୋଇଛି। ୩ ବର୍ଷ ପାଇଁ ନାଁ ଘୋଷଣା କରିଛି ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ। କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ, ଏକାଡେମୀ ପୁରସ୍କାର, ଉପାୟନ ଏବଂ କବିଚନ୍ଦ୍ର କାଳୀଚରଣ ଯୁବ ପ୍ରତିଭା ସମ୍ମାନ ପ୍ରମୁଖ ୪ଟି ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଛି।

୨୦୨୩ ପାଇଁ ପ୍ରଣବ କିଶୋର ପଟ୍ଟନାୟକ ଓ ବାଦଲ ଶିକଦାର, ୨୦୨୪ ପାଇଁ ବଂଶୀବଦକ ପ୍ରଫେସର ମୋହିନୀ ମୋହନ ପଟ୍ଟନାୟକ ଓ ସୁଧାକର ସାହୁ, ୨୦୨୫ ପାଇଁ ଘନଶ୍ୟାମ ପଣ୍ଡା ଓ ଭାଗବତ ପ୍ରଧାନଙ୍କୁ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ପ୍ରଦାନ କରାଯାଇଛି। ସେହିଭଳି ୨୦୨୩ବର୍ଷ ପାଇଁ ନୃତ୍ୟ, ସଙ୍ଗୀତ, ଅଭିନୟ ଭଳି ବିଭିନ୍ନ ବର୍ଗରେ ୩୧ଜଣଙ୍କୁ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି। ୨୦୨୪ ପାଇଁ ୩୬ଜଣ ଏବଂ ୨୦୨୫ ପାଇଁ ୩୨ ଜଣଙ୍କୁ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି।

ସେହିଭଳି କବିଚନ୍ଦ୍ର କାଳିଚରଣ ଯୁବପ୍ରତିଭା ସମ୍ମାନ ୨୦୨୩ ପାଇଁ ସଙ୍ଗୀତ, ନୃତ୍ୟ, ନାଟକ ଓ ଲୋକକଳା ପାଇଁ ୯ଜଣଙ୍କୁ *(ଶେଷ ପୃଷ୍ଠା ଦେଖନ୍ତୁ)*

## ନଗରପାଳଙ୍କ ସହିତ ଇସ୍ତଫା ଦେଲେ ୧୩ ବିଜେଡି କାଉନ୍‌ସିଲର

**ତାଳଚେର,୨୬।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଅନୁଗୁଳ ଜିଲ୍ଲା ତାଳଚେର ବିଜେଡିକୁ ଶକ୍ତ ଧକ୍କା ଲାଗିଛି। ସ୍ଥାନୀୟ ପୌରପରିଷଦ ନଗରପାଳ ପବିତ୍ର ଭୂତିଆ ବିଜୁ ଜନତା ଦଳ (ବିଜେଡି) ଛାଡିବା ସହିତ ଭାରତୀୟ ଜନତା ପାର୍ଟି (ବିଜେପି)ରେ ଯୋଗ ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ତାଙ୍କ ସହିତ ମୋଟ ୧୩ ଜଣ କାଉନ୍‌ସିଲର ବିଜେଡି ସାଧାରଣ ସଦସ୍ୟତା ପଦରୁ ଇସ୍ତଫା ଦେଇଥିବା ଜଣାପଡିଛି। ଏମାନେ ସମସ୍ତେ ଆଗାମୀ ଦିନରେ ବିଜେପିରେ ଯୋଗ ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

ଅନୁଗୁଳ ଜିଲ୍ଲାରେ ତାଳଚେରକୁ ବିଜେଡିର ଗଡ ବୋଲି ବିବେଚନା କରାଯାଇଥାଏ। କିନ୍ତୁ ଏଠାରେ ଏବେ ଏଭଳି ପରିସ୍ଥିତି ଦେଖାଯାଇଛି, ଯାହା ସଂପୂର୍ଣ୍ଣ ଭାବେ ଚୂରମାର ହୋଇଯିବ। ଏପରିକି ଗତକାଲି ରାଜ୍ୟର ବିଭିନ୍ନ ବରିଷ୍ଠ ବିଜେଡି ନେତା ଓ କର୍ମୀ ନଗରପାଳଙ୍କ ସହିତ କାଉନ୍‌ସିଲରଙ୍କୁ ବୁଝାସୁଝା କରିଥିଲେ ମଧ୍ୟ କୌଣସି ଲାଭ ମିଳିପାରି ନାହିଁ। ଏପରିକି ତାଳଚେର ବିଧାୟକ ତଥା ଅନୁଗୁଳ ଜିଲ୍ଲା ବିଜେଡି ସଭାପତି *(ଶେଷ ପୃଷ୍ଠା ଦେଖନ୍ତୁ)*

## ଲୋକଙ୍କ ସମସ୍ୟା ଓ ସରକାରୀ ଅପାରଗତା: ବିଧାନସଭାରେ ସ୍ୱର ଉଠାଇବ ବିଜେଡି



**ଭୁବନେଶ୍ୱର,୨୬।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିଜେଡି ବିଧାୟକ ଦଳର ବୈଠକ ଆଜି ଶଙ୍ଖ ଭବନଠାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ସାଂପ୍ରତିକ ରାଜନୈତିକ ପରିସ୍ଥିତି ଓ ଲୋକଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା।

ଏହି ବୈଠକରେ ଉଦ୍‌ବୋଧନ ଦେଇ ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ କହିଥିଲେ ଯେ ରାଜ୍ୟରେ ଆଇନ ଶୃଙ୍ଖଳା ଭୁଶୁଡି ପଡିଛି। ମହିଳାମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ କେନ୍ଦୁଝର ସଦରଠାରୁ ଆରମ୍ଭ କରି ଖୋର୍ଦ୍ଧା, ବାଘମାରୀ ଓ କଟକ ଏସସିବି ମେଡିକାଲ କଲେଜ ନିକଟରେ ଘଟି ଯାଇଥିବା ନାରୀ ନିର୍ଯାତନା ଘଟଣା ଅତ୍ୟନ୍ତ ପୀଡା ଦାୟକ। ଏଭଳି ସମ୍ବେଦନଶୀଳ ଘଟଣା ସରକାରଙ୍କର ଅପାରଗତାକୁ ପଦାରେ ପକାଇଛି। ଏତେ ଘଟଣା ପରେ ଏ ସରକାରର ନିଦ କେବେ ଭାଙ୍ଗିବ ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଥିଲେ।

ସେହିପରି ଶାନ୍ତି ଓ ସଦ୍‌ଭାବ ପାଇଁ ସୁନାମ ଥିବା ଓଡିଶାରେ ସାଂପ୍ରଦାୟିକ ଉତ୍ତେଜନା ବଢି ଚାଲିଥିବା ବେଦନା ଦାୟକ। ଗତ ୧୮ ମାସ ଭିତରେ ରାଜ୍ୟରେ ସ୍ଥିତିରେ ଅବନତି ଘଟିଛି। ନିକଟରେ କଟକ ସହରରେ ଦୁର୍ଗାପୂଜା ସମୟରେ ଘଟି ଯାଇଥିବା ଦଙ୍ଗା ଓଡିଶାର ମୁଣ୍ଡ ତଳକୁ କରିଦେଇଛି ବୋଲି ଶ୍ରୀ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଥିଲେ।

ଶ୍ରୀ ପଟ୍ଟନାୟକ କହିଲେ ଯେ ଆଜି ରାଜ୍ୟରେ ଚାଷୀ ଓ ମହିଳାମାନେ ସବୁଠାରୁ ଅଧିକ ଦୁଃଖରେ ଅଛନ୍ତି। ସରକାର ନା ଚାଷୀଙ୍କୁ ଠିକ୍ ସମୟରେ ସାର ଯୋଗାଇ ପାରୁଛନ୍ତି, ନା ମିଶନ ଶକ୍ତି ମା’ମାନଙ୍କୁ ଋଣ ସହାୟତା ଦେଇ ପାରୁଛନ୍ତି। ଚାଷୀ ଓ ମିଶନ ଶକ୍ତି ମା’ମାନଙ୍କ *(ଶେଷ ପୃଷ୍ଠା ଦେଖନ୍ତୁ)*

## କେନ୍ଦ୍ର କ୍ୟାବିନେଟରେ ୭୨୮୦ କୋଟିର ଆରଇପିଏମ୍ ସ୍କିମ୍‌କୁ ମଞ୍ଜୁରୀ

**ନୂଆଦିଲ୍ଲୀ,୨୬।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ର ସରକାର ୭୨୮୦ କୋଟି ଟଙ୍କାର ଏକ ନୂଆ ପ୍ରୋଜେକ୍ଟକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହାର ଉଦେଶ୍ୟ ଭାରତରେ ସିଣ୍ଟର୍ଡ ରେୟାର ଆର୍ଥ ପରମାନେଣ୍ଟ ମ୍ୟାଗନେଟ (ଆରଇପିଏମ୍)ର ଉତ୍ପାଦନ ବଢାଇବ। ଏହା ଏଭଳି ଏକ କାର୍ଯ୍ୟକ୍ରମ, ଯାହାକି ଦେଶରେ ଆରଇପିଏମ୍ ତିଆରି କରିବା ପାଇଁ ଏକ ମଜବୁତ ଇକୋସିଷ୍ଟମ ତିଆରି କରିବ। ସରକାରଙ୍କ କହିବା ଅନୁସାରେ, ଏହାଦ୍ୱାରା ଭାରତ ଆତ୍ମନିର୍ଭର ହେବ ଓ ଦୁନିଆରେ ଆରଇପିଏମ୍ ବଜାରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହାସଲ କରିବ। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ‘କ୍ୟାବିନେଟ୍ ପରମାନେଣ୍ଟ ମ୍ୟାଗନେଟସ୍ ତିଆରିରେ ଆତ୍ମନିର୍ଭରତା ପାଇବା ପାଇଁ ନିଜ ଭଳି ପ୍ରଥମ ରେୟାର ଆର୍ଥ ପରମନେଣ୍ଟ ମ୍ୟାଗନେଣ୍ଟସ୍ ସ୍କିମ୍‌କୁ ମଞ୍ଜୁରୀ ଦେଇଛି।

ସରକାର ଏହି ଯୋଜନା ଅନୁସାରେ, ସରକାର ଦେଶରେ ବାର୍ଷିକ ୬୦୦୦ ମେଟ୍ରିକ୍ ଟନ୍ କ୍ଷମତା ଥିବା ଆରଇପିଏମ୍ ମାନୁଫାକଚରିଂ ୟୁନିଟ୍ ସ୍ଥାପନ କରିବେ। ଏହି ମ୍ୟାଗନେଟ୍ ଇଲେକ୍ଟ୍ରିକ୍ ବାହାନ, ପବନ ଶକ୍ତି ଉପକରଣ, ଇଲେକ୍ଟ୍ରୋନିକ୍ସ, ଏରୋସ୍ପେସ୍ ଓ ପ୍ରତିରକ୍ଷା କ୍ଷେତ୍ରରେ ଖୁବ୍ ଜରୁରୀ ହେବ। ଏହା ଦୁନିଆର ସବୁଠାରୁ ମଜବୁତ ମ୍ୟାଗନେଟ୍ ଭିତରେ ଆସିଥାଏ। ଏହାଛଡା ହାଇ-ଟେକ୍ ମେସିନ୍‌ରେ ମଧ୍ୟ ଏହାର ସ୍ୱତନ୍ତ୍ର ଭାବରେ ବ୍ୟବହାର ହୋଇଥାଏ।

ଏବେ ଭାରତରେ ଆରଇପିଏମର ଆବଶ୍ୟକତାର ବଡ଼ ଅଂଶ ଆମଦାନୀ ଦ୍ୱାରା ପୂରା କରାଯାଏ। କିନ୍ତୁ ଭାରତରେ ଇଲେକ୍ଟ୍ରିକ୍ ଭେଇକିଲ, ଶକ୍ତିର ନବୀକରଣ ଓ ଇଲେକ୍ଟ୍ରୋନିକ୍ସର ବଢୁଥିବା ଚାହିଦା କାରଣରୁ ୨୦୨୫ ରୁ ୨୦୩୦ ଭିତରେ ଆରଇପିଏମର ବ୍ୟବହାର ଦୁଇଗୁଣା ହେବାର ଆଶା କରାଯାଉଛି। ଏଭଳି ସ୍ଥିତିରେ ଏହି ଯୋଜନା ଦେଶରେ ପ୍ରଥମ ସମ୍ପୂର୍ଣ୍ଣ ଭାବରେ ଇଣ୍ଟିଗ୍ରେଟେଡ୍ ଆରଇପିଏମ୍‌ର ଉତ୍ପାଦନ ସୁବିଧା ସ୍ଥାପନ କରିବ। ଯେଉଁଠି ରେୟାର ଆର୍ଥ ଅକ୍ସାଇଡକୁ ନେଇ ଫାଇନାଲ ମ୍ୟାଗନେଟ୍ ତିଆରି କରିବାର ସବୁ ପ୍ରକ୍ରିୟା ଦେଶରେ ହିଁ ହେବ।

ଏହି ଯୋଜନାର ମୋଟ ବଜେଟ୍ ୭୨୮୦ କୋଟି ଟଙ୍କା ରହିଛି। ଏଥିରେ ୬୪୫୦ *(ଶେଷ ପୃଷ୍ଠା ଦେଖନ୍ତୁ)*

# ବିଦ୍ୟୁତ୍ କାଟ୍‌ର ସମୟ ଓ କାରଣ ଜାଣିପାରୁ ନାହାନ୍ତି ଗ୍ରାହକ

**ଭୁବନେଶ୍ୱର,୨୬।୧୧: ତଥ୍ୟ**

ମରାମତି ଓ ରକ୍ଷଣା ବେକ୍ଷଣ ନାଁରେ ଲଗାତାର ଭାବେ ବିଦ୍ୟୁତ୍ କାଟ୍ ହେଉଥିବାବେଳେ ନିଜନିଜ ଅଞ୍ଚଳରେ କି ପ୍ରକାର ରକ୍ଷଣାବେକ୍ଷଣ ଓ ମରାମତି ହେଉଛି ତାହା କିନ୍ତୁ ହିତାଧିକାରୀମାନେ ଜାଣିପାରୁ ନାହାନ୍ତି । ସ୍ଥାନୀୟ ବିଦ୍ୟୁତ୍ ଅଫିସ୍ ବି ଏ ନେଇ ସ୍ପଷ୍ଟ ସୂଚନା ଦେଇପାରୁ ନାହାନ୍ତି ।

ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ସଂସ୍ଥା ପକ୍ଷରୁ ଖୋଦ୍ ରାଜଧାନୀରେ ବର୍ଷସାରା ରକ୍ଷଣା ବେକ୍ଷଣ ଓ ମରାମତି ନାଁରେ ବିଜୁଳି କାଟ୍ ହେଉଛି । କେତେବେଳେ ୨ଘଣ୍ଟା ତ ଆଉ କେତେବେଳେ ୪ଘଣ୍ଟା । କେତେକ ସମୟରେ ତ ଏହାଠାରୁ ଅଧିକ ସମୟ ଧରି ବିଦ୍ୟୁତ୍ କାଟ୍ ହେଉଛି ।

ବିଦ୍ୟୁତ୍ କାଟ୍ ପୂର୍ବରୁ ହିତାଧିକାରୀଙ୍କ ମୋବାଇଲ୍‌କୁ ଇଂରାଜୀରେ ମେସେଜ୍‌ଟିଏ ଦେବା ସହିତ ସ୍ଥାନୀୟ ଅଞ୍ଚଳରେ ମାଇକ୍ ଯୋଗେ ପ୍ରଚାର କରାଯାଉଛି । ତେବେ ଇଂରାଜୀରେ ଆସୁଥିବା ବାର୍ତ୍ତାରେ ବିଦ୍ୟୁତ୍ କାଟ୍‌ର ସମୟ ଓ ତାରିଖ ଉଲ୍ଲେଖ କରାଯାଉଛି । ସେହିଭଳି ମାଇକ୍ ଯୋଗେ ହେଉଥିବା ପ୍ରଚାରରେ ମଧ୍ୟ କେବଳ କେଉଁ ସମୟରୁ କେଉଁ ସମୟ ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ୍ ହେବ ସେ ନେଇ ସୂଚନା ଦିଆଯାଉଛି ।

ରାଜଧାନୀରେ ଇତି ମଧ୍ୟରେ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ପାଇଁ କାପେକ୍ସ ଯୋଜନାରେ ବ୍ୟାପକ ଅର୍ଥ ବ୍ୟୟ ହୋଇ ସାରିଲାଣି । ବହୁ ସ୍ଥାନରେ ପୁରୁଣା ବିଦ୍ୟୁତ୍ ତାର ବଦଳରେ ଇନ୍‌ସୁଲେଟେଡ୍ ବିଜୁଳି



ତାର ଲଗାଯାଇଛି । ନୂତନ ଟ୍ରାନ୍ସଫର୍ମର ବସାଯିବା ସହିତ ତାହା ଚାରିପଟେ ଲୁହାବାଡ ବି ଲଗାଯାଇଛି । ଏତେ ସବୁ ସତ୍ତ୍ୱେ ବି ବର୍ଷସାରା ମରାମତି ଓ ରକ୍ଷଣା ବେକ୍ଷଣ ନାଁରେ ବିଦ୍ୟୁତ୍ କାଟ୍ ହେଉଛି ।

ଯଦି ବିଦ୍ୟୁତ୍ ଯୋଗାଣକାରୀ ସଂସ୍ଥା କେଉଁ କାରଣ ପାଇଁ ବିଜୁଳି କାଟ୍ ହେଉଛି ବୋଲି ଉପଭୋକ୍ତାଙ୍କୁ ଅବଗତ କରାନ୍ତା ତାହେଲେ ଲୋକେ ବାସ୍ତବ ଚିତ୍ର ଜାଣିପାରନ୍ତେ । ଥରେ ମରାମତି ହେଉଥିବା ସ୍ଥାନରେ ଏକାଧିକ ମରାମତି ହେଉଛି କି ନାହିଁ ତାହା ବି ଜଣାପଡନ୍ତା । ସେହିଭଳି କେଉଁ ଅଞ୍ଚଳରୁ କେତେ ଗଛ କଟାଯାଉଛି ତାହା ବି ଲୋକ ଜାଣିପାରନ୍ତେ । ହିତାଧିକାରୀଙ୍କ ମଧ୍ୟରେ ବିଦ୍ୟୁତ୍ ବିଭାଗର ତଳୁ ଉପର ପର୍ଯ୍ୟନ୍ତ କର୍ମଚାରୀ ଓ ଅଧିକାରୀ ଥିବାରୁ ବୈଷୟିକ ମରାମତି ସଂକ୍ରାନ୍ତରେ ସେମାନେ ବି ସହଜରେ ଅବଗତ ହୋଇପାରନ୍ତେ ।

ବିଜୁଳି ବିଭାଗ ଲୋକଙ୍କ ନିକଟକୁ ପଠାଉଥିବା ବାର୍ତ୍ତାଟି ଓଡିଆ ଭାଷାରେ ପଠାଇବା ସହିତ ମରାମତି ଓ ରକ୍ଷଣା ବେକ୍ଷଣ ସଂକ୍ରାନ୍ତରେ ସୂଚନା ଦେବାପାଇଁ ମତପ୍ରକାଶ ପାଉଥିଲେ ମଧ୍ୟ ବିତରଣ କମ୍ପାନୀ ସେଥିପ୍ରତି ଧ୍ୟାନ ଦେଉ ନାହାନ୍ତି । ଏହା ଫଳରେ ଲୋକେ ପଇସା ଗଣି କେବଳ ହଇରାଣ ହେବା ସାର ହେଉଛି ।

ରାଜଧାନୀରେ ଏବେ ବିଦ୍ୟୁତ୍ ରକ୍ଷଣା ବେକ୍ଷଣ ନାଁରେ ବିଭିନ୍ନ ସ୍ଥାନରେ ଗଛଗୁଡିକୁ ଅତି ନିର୍ମମ ଭାବେ କାଟି ଦିଆଯାଉଛି । ଗୋଟିଏ ପଟେ ବିଏମ୍‌ସି ଓ ବିଡିଏ ଲକ୍ଷାଧିକ ଟଙ୍କା ଖର୍ଚ୍ଚକରି ଗଛ ଲଗାଉଛନ୍ତି, ବିଦ୍ୟୁତ୍ ବିଭାଗ ବି ଅର୍ଥ ବ୍ୟୟକରି ଇନସୁଲେଟ୍ ତାର ଲଗାଉଛି, ହେଲେ ଏହାବାଦ୍ ବି ବିଦ୍ୟୁତ୍ ବିଭାଗର ଗଛକଟା ଜାରି ରହିଛି ।

କେବଳ ବିଦ୍ୟୁତ୍ କାଟ୍ ସଂକ୍ରାନ୍ତରେ ମେସେଜ୍‌କୁ ଓଡିଆ ଭାଷାରେ ଦିଆଯାଉନାହିଁ, ପ୍ରତିମାସରେ ହିତାଧିକାରୀଙ୍କୁ ମିଳୁଥିବା ବିଦ୍ୟୁତ୍ ବିଲ୍ ବି ବର୍ତ୍ତମାନ ସୁଦ୍ଧା ଓଡିଆ ଭାଷାରେ ହୋଇପାରିଲା ନାହିଁ । ଓଡିଆ ଭାଷାରେ ସରକାରୀ କାର୍ଯ୍ୟ କରିବାକୁ ରାଜ୍ୟ ସରକାର କଡା ନିର୍ଦ୍ଦେଶ ଦେବା ସହିତ ଫାଇଲ୍ କାମ ଓଡିଆ ଭାଷାରେ କରୁଥିବାବେଳେ ବିଦ୍ୟୁତ୍ ବିଲ୍‌ଟି କାହିଁକି ଓଡିଆ ଭାଷାରେ ହୋଇପାରୁ ନାହିଁ ତାହା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୭ ନଭେମ୍ବର ୨୦୨୫ । ଗୁରୁବାର




## ରାଜ୍ୟର ପ୍ରଥମ ଇ-ସେବା ତହସିଲରେ ଲୋକାର୍ପିତ



**ନିମାପଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ରାଜ୍ୟର ପ୍ରଥମ ଡିଜିଟାଲ ଇ-ସେବା ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିମାପଡ଼ା ତହସିଲରେ ମଙ୍ଗଳବାର ଅପରାହ୍ନରେ ଲୋକାର୍ପିତ ହୋଇଯାଇଛି । ଜନସାଧାରଣଙ୍କ ବିଭିନ୍ନ ପ୍ରମାଣପତ୍ର ପାଇଁ ଆବେଦନ, ଜମିଜମା ସଂକ୍ରାନ୍ତୀୟ ଅଭିଯୋଗ ତଥା ଅଭିଯୋଗର ସ୍ଥିତି ଯାଞ୍ଚ କରିବା ସହ ସମସ୍ତ ପ୍ରକାର ଡିଜିଟାଲ ସେବା ଜନସାଧାରଣ ଖୁବକମ ସମୟ ମଧ୍ୟରେ ଏବଂ ସ୍ୱଳ୍ପ ଖର୍ଚ୍ଚରେ ପାଇପାରିବେ । ଖବର ମୁତାବକ ଗତ ଉତ୍କର୍ଷ ନିମାପଡ଼ା କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କରିଥିବା ଘୋଷଣା ଅନୁଯାୟୀ ନିମାପଡ଼ା ତହସିଲ କାର୍ଯ୍ୟାଳୟରେ ଉତ୍କର୍ଷ ଇ-ସେବାର ଶୁଭାରମ୍ଭ କରିଛନ୍ତି । ତହସିଲଦାର ମନୋଜ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥିମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ରାଜ କିଶୋର ଜେନା, ବିଡ଼ିଓ ଡ଼ଃ ଅଭିଜିତ ଷଡ଼ଙ୍ଗୀ, ସବ ରେଜିଷ୍ଟ୍ରାର ସମ୍ବିତ କୁମାର ସାମଲ, ଏନଏସି ନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ଏସବିଆଇ ରିଜିଓନାଲ ମ୍ୟାନେଜର ଭରତ ଚନ୍ଦ୍ର ସାହୁ, ନିମାପଡ଼ା ଶାଖା ପରିଚାଳକ ଦେବାନନ୍ଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ସହଯୋଗରେ ଆରମ୍ଭ ହୋଇଥିବା ଏହି ସେବାର ଉପଯୋଗ କରି ଜନସାଧାରଣ ସମସ୍ତ ସେବା ଡିଜିଟାଲ ମାଧ୍ୟମରେ ପାଇପାରିବେ । ସମଗ୍ର ଓଡିଶାରେ ପ୍ରଥମ ତହସିଲ ଭାବେ ନିମାପଡା ତହସିଲରେ ଏହି ସେବା ଆରମ୍ଭ କରାଯାଇଥିବାରୁ ଶ୍ରୀମତୀ ପରିଡ଼ା ଏବଂ ତହସିଲଦାର ମନୋଜ ପ୍ରଧାନଙ୍କୁ ସବୁ ମହଲରୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି । ଜନସେବା କେନ୍ଦ୍ରକୁ ନଯାଇ ଏହି କିଓସ୍କ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଇନକମ୍ ସାର୍ଟିଫିକେଟ ଏବଂ ରେସିଡେନ୍ସ ସାର୍ଟିଫିକେଟ୍ ଆଦି ଏହି ସେବା ମାଧ୍ୟମରେ ଆବେଦନ କରିପାରିବେ । ଅନଲାଇନରେ ଖଜଣା ଦେବାସହ ଜମି ପଟ୍ଟା, ନକ୍ସା ଓ ଅନ୍ୟ ତଥ୍ୟ ଗୋଟିଏ ପ୍ଲାଟଫର୍ମରେ ଦେଖିପାରିବେ । ରାଜସ୍ୱ ସମ୍ବନ୍ଧୀୟ ଅଭିଯୋଗ ପଞ୍ଜିକରଣ କରିବା ସହ ଅଭିଯୋଗର ସ୍ଥିତି ମଧ୍ୟ ନିଜେ ଯାଞ୍ଚ କରିପାରିବେ । ନିମାପଡ଼ା ତହସିଲ ଜନସାଧାରଣଙ୍କୁ ସ୍ୱଚ୍ଛତା ଓ ତତ୍ପରତାର ସହ ସେବା ଯୋଗାଇବାରେ ଉତ୍କର୍ଷ ଇ-ସେବା ସହାୟକ ହେବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି ।

## ବେଆଇନ ବାଲି ଉତ୍ତୋଳନକୁ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

**ଯାଜପୁର: ଏକ୍ସପ୍ରେସ ନ୍ୟୁଜ୍**

ବୁଢ଼ା ନଦୀର ଓଲେଇପଡ଼ା ଠାରୁ ନଖେଇ ପର୍ଯ୍ୟନ୍ତ ନଦୀ ଘାଟରୁ ବେଆଇନ ବାଲି ଉଠାଣ ଓ ପରିବହନକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳବାସୀ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହ ଏହାର ନକଲ ଖଣି ଉପ ନିର୍ଦ୍ଦେଶକ, ପୋଲିସ ଅଧିକ୍ଷକ, ତହସିଲଦାର, ଯାଜପୁର ଓ ସଦର ଥାନାଧିକାରୀଙ୍କୁ ପ୍ରେରଣ କରିଛନ୍ତି । ଏହି ବୁଢ଼ା ନଦୀରୁ ଉପରୋକ୍ତ ସ୍ଥାନ ଗୁଡ଼ିକରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ବାଲି ମାଫିଆ ପରିବହନ କରୁଥିବା ନେଇ ସ୍ଥାନୀୟ ପଞ୍ଚାୟତ ଜନପ୍ରତିନିଧି ଅଭିଯୋଗ କରିଛନ୍ତି । ଅନବରତ ବାଲି ଉତ୍ତୋଳନ କରି ଟ୍ରାକ୍ଟର ଯୋଗେ ପରିବହନ କରିବା ଦ୍ୱାରା ଗ୍ରାମ୍ୟ ରାସ୍ତା କ୍ଷତିଗ୍ରସ୍ତ ହେବା ସହ ଓଦା ବାଲି ପଡ଼ି ରାସ୍ତା ଦୁରାବସ୍ଥା ଘଟୁଛି । ଏହି ପ୍ରମୁଖ ରାସ୍ତାରେ ବେଆଇନ ବାଲି ପରିବହନ କରାଯିବା ଦ୍ୱାରା ଛାତ୍ରଛାତ୍ରୀଙ୍କ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି । ଟ୍ରାକ୍ଟର ଗାଡ଼ି ବାଲି ବୋଝେଇ କରି ଦ୍ରୁତ ଗତିରେ ଯିବା ଦ୍ୱାରା ଦୁର୍ଘଟଣା ଆଶଙ୍କା ରହିଛି । ଏପରିକି ନଦୀ କୂଳରୁ ବେଆଇନ ବାଲି ଉତ୍ତୋଳନ କରିବା ଦ୍ୱାରା ନଦୀକୁ ଶୌଚ ହେବାକୁ ଲୋକେ ଯାଇପାରୁନାହାଁନ୍ତି । ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି କରିଛନ୍ତି ।

## ଶିଶୁକନ୍ୟା ବିକ୍ରି ଘଟଣା: ସହାୟତା ପାଇଁ ଦାବି କଲା ଯୁବ କଂଗ୍ରେସ



**ଯାଜପୁର: ଏକ୍ସପ୍ରେସ ନ୍ୟୁଜ୍**

ଶିଶୁକନ୍ୟା ବିକ୍ରି ଘଟଣାକୁ ନେଇ ଯୁବ କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହ ଅସହାୟକୁ ସହାୟତା କରିବା ନେଇ ଦାବିପତ୍ରରେ ଯୁବ କଂଗ୍ରେସ ଉଲ୍ଲେଖ କରିଛନ୍ତି । ଯାଜପୁର ଜିଲ୍ଲାକୁ ଆଗୁଆ ଓ ବିକଶିତ ଜିଲ୍ଲା ଭାବେ ବର୍ଣ୍ଣନା କରାଯାଉଛି । କିନ୍ତୁ ଆଜି ବି ଏହି ଜିଲ୍ଲାରେ ଅଭାବ ପାଇଁ ଶିଶୁଙ୍କୁ ବିକ୍ରି କରାଯାଉଛି । ଦଶରଥପୁର ବ୍ଲକ ଗୋପାଳପୁର ପଞ୍ଚାୟତ ବିଭୂତିପୁର ଗ୍ରାମରେ ନରେନ୍ଦ୍ର ଜେନା ନିଜର ନବଜାତ ଶିଶୁକନ୍ୟାକୁ ସମ୍ପର୍କୀୟ ଭଉଣୀକୁ ବିକ୍ରି କରି ଦେଇଥିଲେ । ଏହି ଘଟଣା ଜଣାପଡ଼ିବା ପରେ ଜିଲ୍ଲା ପ୍ରଶାସନର ପଦାଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଶିଶୁ କନ୍ୟା ବିକ୍ରି ସମ୍ପର୍କରେ ତଦନ୍ତ ଆରମ୍ଭ କରିଥିଲେ । ଅଭାବ, ଅନାଟନ ପାଇଁ ନରେନ୍ଦ୍ର ଶିଶୁ କନ୍ୟାକୁ ବିକ୍ରି କରିଦେଇଥିବା ନେଇ ଜଣାପଡ଼ିଥିଲା । ନରେନ୍ଦ୍ରଙ୍କର ପୂର୍ବରୁ ୩ଟି ଝିଅ ଓ ଗୋଟିଏ ପୁଅ ଥିବାବେଳେ ଏହି ନବଜାତ ଶିଶୁକନ୍ୟା ତାଙ୍କର ପଞ୍ଚମ ସନ୍ତାନ ଥିଲେ । ଅଭାବ ଅନାଟନ ଓ ସଚେତନତା ଅଭାବରୁ ଲୋକେ ନିଜ ସନ୍ତାନକୁ ବିକ୍ରି କରିବାକୁ ପଛାଉ ନାହାଁନ୍ତି । ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ସରକାରୀ କର୍ମଚାରୀଙ୍କ ଦାୟିତ୍ୱ ହୀନତା ଯୋଗୁ ଏପରି ଘଟଣା ଘଟି ଚାଲିଛି । ଖାଲି ସେତିକି ନୁହେଁ ସଚେତନତା ଅଭାବରୁ ନାବାଳିକା ମାତୃତ୍ୱ ଲାଭ କରୁଛନ୍ତି ବୋଲି ଯୁବ କଂଗ୍ରେସ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ଏପରିକି ସରକାରୀ ଚିକିତ୍ସାଳୟରୁ ନବଜାତ ଶିଶୁଙ୍କୁ ବିକ୍ରି କରାଯାଉଛି ବୋଲି ଦଳ ଅଭିଯୋଗ କରିଥିଲେ । ୨୦୨୪ ମସିହାରେ ଦଶରଥପୁର ବ୍ଲକ ବିହାରି ପଞ୍ଚାୟତ ସାଉଣ୍ଡି ଗ୍ରାମର ସିଲୁ ଜେନା ଓ ସଞ୍ଜୁ ଜେନା ମଧ୍ୟ ସମାନ ଅଭିଯୋଗରେ ନିଜ ପିଲା ବିକ୍ରି କରିବାକୁ ବାଧ୍ୟ ହୋଇ ପ୍ରଶାସନର ନଜରକୁ ଆସିଥିଲେ । ଏହି ଦୁଇ ଅସହାୟ ପରିବାରକୁ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ଯୁବ କଂଗ୍ରେସ ପକ୍ଷରୁ ଦାବି କରାଯିବା ସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଯୁବନେତା ଚନ୍ଦ୍ର ଶେଖର ସାହୁ, ଅପୂର୍ବ ସାମଲ, ବିଶ୍ୱନାଥ ଦାସ, ରବି ପ୍ରକାଶ ନାୟକ, ରବି ନାରାୟଣ ଜେନା, ଅନନ୍ତ କୁମାର ଜେନା, ବିଶ୍ୱନାଥ ଦାସ, ସତ୍ୟବାନ ଜେନା, ସୌମ୍ୟରଞ୍ଜନ ବେହେରା, ସଞ୍ଜିବ କୁମାର ଦାସ ପ୍ରମୁଖ ସାମିଲ ଥିଲେ ।

## ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି



**ଜଗତସିଂହପୁର: ଏକ୍ସପ୍ରେସ ନ୍ୟୁଜ୍**

ଜଗତସିଂହପୁର ଜିଲ୍ଲାରେ ଖରିଫ ବର୍ଷ ୨୦୨୫ -୨୬ ପାଇଁ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ମଙ୍ଗଳବାର ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଜେ ସୋନାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଂସଦ ଜଗତସିଂହପୁର ଡ.ବିଭୁ ପ୍ରସାଦ ତରାଇ, ବିଧାୟକ ବାଲିକୁଦା ଏରସମା ସାରଦା ପ୍ରସନ୍ନ ଜେନା, ବିଧାୟକ ତିର୍ତ୍ତୋଲ ଡ.ରମାକାନ୍ତ ଭୋଇ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲା ଯୋଗାଣ ଅଧିକାରୀ ଜିତ୍ରାୟ ଚରଣ ଟୁଡୁ ସ୍ୱାଗତ ଭାଷଣ ଦେବାସହ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକ ପରିଚାଳନା କରିଥିଲେ ।

## କୁରାଳ ପଞ୍ଚମୀରେ ପୂଜା ପାଇଲେ ଲକ୍ଷ୍ମୀନାରାୟଣ

**ଯାଜପୁର: ଏକ୍ସପ୍ରେସ୍ ନ୍ୟୁଜ୍**

କୁରାଳ ପଞ୍ଚମୀ ଅବସରରେ ପୂଜା ପାଇଲେ ଲକ୍ଷ୍ମୀନାରାୟଣ । ଏହି ପୂଜା ହେଉଛି କୁମ୍ଭକାରମାନଙ୍କର ଏକ ପ୍ରମୁଖ ପର୍ବ । ମାର୍ଗଶୀର ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ କୁମ୍ଭକାରମାନେ ନିଜର ଇଷ୍ଟ ଦେବାଦେବୀଙ୍କ ସ୍ମରଣାର୍ଥେ ପାଞ୍ଚ ଦିନ ଧରି ଏହି ପର୍ବ ପାଳନ କରିଥାନ୍ତି । ଏହାକୁ କୁରାଳ ପଞ୍ଚମୀ ପର୍ବ କୁହାଯାଏ । ଯାଜପୁର ପୌରାଞ୍ଚଳ ରାମେଶ୍ୱର ଗ୍ରାମର କୁମ୍ଭାର ସାହିରେ ଲକ୍ଷ୍ମୀନାରାୟଣଙ୍କ ପୂଜା କରାଯାଇଛି । ସକାଳେ କଳସ ବୁଡ଼ା ହେବା ପରେ ଲକ୍ଷ୍ମୀନାରାୟଣଙ୍କ ପୂଜା ଆରମ୍ଭ କରାଯାଇଥିଲା । କୁମ୍ଭାର ସାହିର ସଦସ୍ୟମାନେ ନବବସ୍ତ୍ର ପରିଧାନ ପୂର୍ବକ ଅତ୍ୟନ୍ତ ଶୁଦ୍ଧପୁତ ଚିତ୍ତରେ ପୂଜା ମଣ୍ଡପରେ ଉପସ୍ଥିତ ରହି ପୂଜା କାର୍ଯ୍ୟ ଲକରିଥିଲେ । ଏହି ପୂଜାରେ ଶୁକଦେବ ମୁଦୁଲି, ମକରକେତନ ମୁଦୁଲି, ଶଙ୍କର୍ଷଣ ମୁଦୁଲି, ଗଦାଧର ମୁଦୁଲି, ପ୍ରଭାତ ମୁଦୁଲି, ଦିଲ୍ଲୀପ ସାହୁ, ମାଧବ ଚନ୍ଦ୍ର ମୁଦୁଲି, ବାପିନ ମୁଦୁଲି, କାଳନ୍ଦୀ ମୁଦୁଲି, ଜିତେନ କୁମାର ମୁଦୁଲି, ରବିନ୍ଦ୍ର ମୁଦୁଲି, ବଳରାମ ମୁଦୁଲି, କପିଳା ସାହୁ ପ୍ରମୁଖ ପୂଜାରେ ସାମିଲ ହୋଇଥିଲେ ।

## ଆମ ହସପିଟାଲ କାଫେ ଉଦଘାଟିତ

**ବ୍ରହ୍ମପୁର: ଏକ୍ସପ୍ରେସ୍ ନ୍ୟୁଜ୍**

ଛତ୍ରପୁର ସରକାରୀ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ରୋଗୀ ଏବଂ ତାଙ୍କ ସମ୍ପର୍କୀୟମାନଙ୍କ ସୁବିଧା ନିମନ୍ତେ ଆମ ହସପିଟାଲ କାଫେ ଉଦଘାଟିତ ହୋଇଯାଇଛି । ଏହାକୁ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ରିବନ କାଟି ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷିକ ଡାକ୍ତର ଅଲେଖ ପ୍ରଧାନ, ହସପିଟାଲ ମ୍ୟାନଜର ଗଣେଶ ନାହାକ, ମିଶନ ଶକ୍ତିର ଜିଲ୍ଲା ସଂଯୋଜକ ଜୟ କୃଷ୍ଣ ମହାପାତ୍ର, ବ୍ଲକ ସଂଯୋଜିକା ସୀତା ବରାଳ, ଓଡିଶା ଜୀବିକା ମିଶନର ବ୍ଲକ ପ୍ରକଳ୍ପ ସଂଯୋଜିକା ମାନିନୀ ଜେନା, କଫେ ଦାୟିତ୍ୱରେ ଥିବା ଭୁବନେଶ୍ୱରୀ ଏସଏଚ୍‌ଜି ଗ୍ରୁପର ସଭାନେତ୍ରୀ ଜି.ମିନାକ୍ଷୀ, ସମ୍ପାଦିକା ଅନୀତା ଚୌଧୁରୀ, ଶୈଳବାଳା ରଥ, ପୂର୍ବତନ ସମିତି ସଭ୍ୟ ଏନ. ଦୁର୍ଯୋଧନ ରେଡ୍ଡୀ, ଯୁବ ନେତା ବନୋଜ ନାହାକଙ୍କ ସମେତ ବହୁ ମହିଳା ଏବଂ ହସପିଟାଲର କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ବାବାସାହେବ ପଲ୍ଲୀପ୍ରତିଭା ସମ୍ମାନ



**ଖଣ୍ଡପଡା: ଏକ୍ସପ୍ରେସ ନ୍ୟୁଜ୍**

ଖଣ୍ଡପଡା ବ୍ଲକ ଅଧିନ କୁମ୍ଭାରପଡା ଗ୍ରାମର ଶ୍ରୀ ଶ୍ରୀ ଲଡୁକେଶ୍ୱର ଜୀୟୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାବା ସାହେବ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସମ୍ବିଧାନ ଦିବସ ପାଳନ ଅବସରରେ ବାବାସାହେବ ପଲ୍ଲୀ ପ୍ରତିଭା ସମ୍ମାନ- ୨୦୨୫ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାରେ ଆଖପାଖ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ । ପ୍ରତିଯୋଗୀତାରେ ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀମାନଙ୍କୁ ବାବାସାହେବଙ୍କ ମହାପରିନିର୍ବାଣ ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମ ଜରିଆରେ ପୁରସ୍କାର ପ୍ରଦାନ କରାଯିବ ବୋଲି ଟ୍ରଷ୍ଟର ପ୍ରତିଷ୍ଠାତା ବିଜୟ କୁମାର ସେଠୀଙ୍କ ଠାରୁ ପ୍ରକାଶ । ପ୍ରକାଶଥାଉକି ଛାତ୍ରଛାତ୍ରୀମାନଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ନିମନ୍ତେ ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଉଥିବା ଜଣାପଡିଛି ।

## ଫାଇଲେରିଆ ମୁକ୍ତ ପ୍ରଥମ ପର୍ଯ୍ୟାୟ ଅଭିଯାନର ଆକଳନ

**ଖୋର୍ଦ୍ଧା: ଏକ୍ସପ୍ରେସ ନ୍ୟୁଜ୍**

ଫାଇଲେରିଆ ମୁକ୍ତ ଖୋର୍ଦ୍ଧା ପାଇଁ କମର କଷିଥିଲା ସ୍ୱାସ୍ଥ୍ୟ ବିଭାଗ । ବାତଜ୍ୱର ନିରାକରଣ ନିମନ୍ତେ ଗତ ଜୁଲାଇ ମାସ ଠାରୁ ଅଭିଯାନ ଆରମ୍ଭ ହୋଇଥିଲା ଓ ୨୫ ନଭେମ୍ବରରେ କାର୍ଯକ୍ରମ ସମାପ୍ତ ହୋଇଅଛି । ଏହି ସର୍ବେକ୍ଷଣରେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବ୍ଲକ୍ ଅଞ୍ଚଳ ସମେତ ଭୁବନେଶ୍ୱର ସହରାଞ୍ଚଳରେ ବିଦ୍ୟାଳୟସ୍ତରୀୟ ବାତଜ୍ୱର ସଂକ୍ରମଣସ୍ତରର ଆକଳନ କରାଯାଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟଙ୍କ ତତ୍ତ୍ୱାବଧାନରେ ଏହି ସର୍ବେକ୍ଷଣ ପ୍ରଥମ ପର୍ଯ୍ୟାୟରେ ବାଣପୁର, ଚିଲିକା, ଟାଙ୍ଗୀ, ବେଗୁନିଆ, ବୋଲଗଡ଼, ଖୋର୍ଦ୍ଧା ବ୍ଲକ୍ ଅଞ୍ଚଳରେ କରାଯାଇଥିଲା ଓ ଦ୍ୱିତୀୟ ପର୍ଯ୍ୟାୟରେ ଜଟଣୀ, ଭୁବନେଶ୍ୱର ବ୍ଲକ୍ ସମେତ ଭୁବନେଶ୍ୱର ମହାନଗର ସହରାଞ୍ଚଳରେ ସମ୍ପୂର୍ଣ୍ଣ କରାଯାଇଥିଲା । ଏହି ସର୍ବେକ୍ଷଣରେ ଜିଲ୍ଲାର ୩୧୦ଟି ବିଦ୍ୟାଳୟ ସାମିଲ ହୋଇଥିଲେ ଓ ସର୍ବମୋଟ ୯୬୮୭ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କର ରକ୍ତନମୁନା ପରୀକ୍ଷା ହୋଇଥିଲା ସେଥିମଧ୍ୟରୁ ମାତ୍ର ୩୪ ଜଣଙ୍କର ଫାଇଲରିଆ ପୋଜିଟିଭ ଚିହ୍ନଟ ହୋଇଥିଲା । ଏହି ସର୍ବେକ୍ଷଣମାନଙ୍କ ମାତ୍ରାରେ ପୋଜିଟିଭ ହାର ୧୦୮ରୁ ମାତ୍ର ୩୪ ବାହାରି ଥିବାରୁ ଜିଲ୍ଲା ସଫଳତାର ସହ ଏହି ସର୍ବେକ୍ଷଣରେ ଉତ୍ତୀର୍ଣ୍ଣ ହେଲା । ମୋଟ ୪୧ଟି ସର୍ଭେ ଟିମ୍ ନିୟୋଜିତ ହୋଇଥିଲେ । ପ୍ରତ୍ୟେକ ଟିମ୍‌ରେ ଜଣେ ଲ୍ୟାବ ଟେକ୍ନିସୀୟନ୍, ଦୁଇ ଜଣ ସ୍ୱାସ୍ଥ୍ୟ କର୍ମୀ, ଜଣେ ସ୍ୱାସ୍ଥ୍ୟ ପରିଦର୍ଶକ ସମେତ ସ୍ଥାନୀୟ ଆଶା କର୍ମୀ ସାମିଲ ହୋଇଥିଲେ । ଏହି ଆକଳନ ପ୍ରକ୍ରିୟା ଶିକ୍ଷା ବିଭାଗର ସହଯୋଗରେ ଅନୁଷ୍ଠିତ ହୋଇଥିଲା । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନମାନଙ୍କ ଅନୁସାରେ ଏହି ସର୍ଭେ ଆଗାମୀ ଦିନରେ ଆଉ ଦୁଇ ପର୍ଯ୍ୟାୟରେ ମୋଟ ୩ ଥର କରାଯିବ । ରକ୍ତ ନମୁନା ପରୀକ୍ଷାର ହାର ତଥ୍ୟ ଯଦି ସକାରାତ୍ମକ ମାନଦଣ୍ଡରେ ଉତ୍ତୀର୍ଣ୍ଣ ହୁଏ ତାହାଲେ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଓ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦ୍ୱାରା ଜିଲ୍ଲା ଫାଇଲେରିଆ ମୁକ୍ତ ଘୋଷଣା କରାଯିବ । ପ୍ରଥମ ପର୍ଯ୍ୟାୟରେ ଜିଲ୍ଲା ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଅଛି । ଏହି କାର୍ଯକ୍ରମକୁ ଜିଲ୍ଲାପାଳ ଓ ରାଜ୍ୟ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶାଳୟ ବିଭିନ୍ନ ପର୍ଯ୍ୟାୟରେ ତଦାରଖ କରିଥିଲେ । ଏହି ସର୍ବେକ୍ଷଣ ଆକଳନ ଟିମରେ ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଜୀବନ୍ତ ଆଚାର୍ଜୀ, ଡାକ୍ତର ନୀଳମଣି ସେନାପତି, ରାଜ୍ୟ ସଂଯୋଜକ (ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ) ଡାକ୍ତର ବିଶ୍ୱ ପ୍ରକାଶ ଦତ୍ତ, ଡାକ୍ତର ନିଶିଥ ରଞ୍ଜନ ଦାଶ, ଜିଲ୍ଲା ସ୍ୱାସ୍ଥ୍ୟ ମିଶନ ପରିଚାଳକ ଶୁଭକାନ୍ତ ଗନ୍ତାୟତ, ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ଅସିତ୍ କୁମାର ଦାଶ, ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ପରିଚାଳକ ଏଲିନା ପ୍ରିୟଦର୍ଶିନୀ, ସୁସ୍ମିତା ସାମନ୍ତରାୟ, ଦୀପକ ନାୟକ, ଜଗନ୍ନାଥ ସାହୁ ସମେତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଓ ସର୍ଭେ ଟିମ୍ ସାମିଲ ହୋଇଥିଲେ ।

## ଆୟୁଷ ଡାକ୍ତରଙ୍କ ସମସ୍ୟା ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**କେନ୍ଦ୍ରାପଡ଼ା, ୨୬।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶା ଆୟୁଷ ଡାକ୍ତର ମିଳିତ କ୍ରିୟାନୁଷ୍ଠାନ କମିଟି (ଏମଏଚୟୁ ଆୟୁଷ ଡାକ୍ତର, କଲୋକେଟେଡ଼ ପ୍ରାଥମିକ ସ୍ୱାସ୍ଥକେନ୍ଦ୍ର / ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର / ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆୟୁଷ ଡାକ୍ତର ଏବଂ ଆରବିଏସ କେ. ଆୟୁଷ ଡାକ୍ତର) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର. ଆୟାରଙ୍କୁ ଏକ ୧୦ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନରେ କାର୍ଯ୍ୟରତ ପ୍ରାୟ ୩ହଜାର ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତର ଓ ଆୟୁଷ ବିଭାଗ ପ୍ରତି ସରକାରଙ୍କ ଉଦାସୀନତା, ଅବହେଳା ଓ କାଳକ୍ଷେପଣ ନୀତି ପାଇଁ ମିଳିତ କ୍ରୀୟାନୁଷ୍ଠାନ କମିଟି ଦୁଃଖ ପ୍ରକାଶ କରି ସମସ୍ୟାର ଆଶୁ ସମାଧାନ ପାଇଁ ସରକାରଙ୍କୁ ନିବେଦନ କରିଛି । ସ୍ୱାସ୍ଥ୍ୟ ବିଭାଗ ଅନ୍ତର୍ଗତ ରାଜ୍ୟ ସରକାରଙ୍କ ଅଧୀନରେ ଏମଏଚୟୁ ୨୦୦୧ ଓ ଏନଏଚଏମ ଅଧୀନରେ ଆୟୁଷ ଓପିଡିରେ ୨୦୦୭, ୨୦୧୩ରେ ଆରବିଏସକେ ଦୀର୍ଘ ୨୪ ବର୍ଷରୁ ଉର୍ଦ୍ଧ୍ୱ ହେବ ଆୟୁଷ ଡାକ୍ତରମାନେ ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଥିଲେ ହେଁ ଆଜି ପର୍ଯ୍ୟନ୍ତ ସେମାନଙ୍କ ଚାକିରୀ ନିୟମିତ କରାଯାଇ ନାହିଁ । ଦୈନନ୍ଦିନ ରୋଗୀ ସେବା ସହିତ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯଥା ବନ୍ୟା, ବାତ୍ୟା ଓ କୋଭିଡ ଭଳି ମହାମାରି ସମୟରେ ନିଜ ଜୀବନକୁ ଉତ୍ସର୍ଗ କରି ସ୍ୱାସ୍ଥ୍ୟସେବା ଯୋଗାଇଦେବା ସତ୍ତ୍ୱେ ସରକାରଙ୍କ ଅବହେଳା ଆୟୁଷ ଡାକ୍ତରଙ୍କ ମନୋବଳକୁ ଭାଙ୍ଗି ଦେଇଛି । ମାତୃ ଓ ଶିଶୁ ମୃତ୍ୟୁହାର କମାଇବା, ଅଙ୍ଗନବାଡିର ଶିଶୁମାନଙ୍କ ଜଟିଳ ରୋଗ ଚିହ୍ନଟ ଓ ଚିକିତ୍ସାସେବା ଯୋଗାଇଦେବା, ମହାବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ତଦାରଖ ଓ ସେବାପ୍ରଦାନ, ଜାତୀୟ ଟୀକାକରଣ ଓ ଇନ୍ଦ୍ରଧନୁସର ସଫଳ ରୂପାୟନ, ପୋଲିଓର ସମ୍ପୂର୍ଣ୍ଣ ମୂଳୋତ୍ପାଟନ, କୁଷ୍ଠ ଓ ରାଜଯକ୍ଷ୍ମାର ନିରାକରଣ, ଅଣ ସଂକ୍ରାମକ ରୋଗର ନିୟନ୍ତ୍ରଣ ସଂଜୀବନୀ ମାଧ୍ୟମରେ ରୋଗର ନିଦାନ ଓ ଚିକିତ୍ସା ଯୋଗାଇ ଦେଇ ଆସୁଥିବା ଆୟୁଷ ଡାକ୍ତରଙ୍କ ଅବଦାନକୁ ନ୍ୟୁନ କରି ଗୋଡିଶ୍ରମିକ ଭାବେ ଅଳ୍ପ ପାରିଶ୍ରମିକ ଦେଇ ୨୦୦୧ ମସିହାରୁ ଆଜି ପର୍ଯ୍ୟନ୍ତ ଠିକାରେ ଖଟାଯାଉଛି । ଓଡିଶାରେ ମାତ୍ର ୧,୩୫୮ ଜଣ ନିୟମିତ ଆୟୁଷ ଡାକ୍ତର (ଏଏମଓ+ଏଚଏମଓ) ଅଛନ୍ତି । ଯେଉଁମାନେ ୪.୨ କୋଟି ଲୋକଙ୍କୁ ସେବା ଯୋଗାଇ ଦେଉଛନ୍ତି । ଅର୍ଥାତ୍ ଜଣେ ଆୟୁଷ ଡାକ୍ତର ପ୍ରାୟ ୩୧ ହଜାର ଲୋକଙ୍କ ଦାୟିତ୍ୱ ବହନ କରୁଛନ୍ତି । ଯାହା କୌଣସି ସ୍ୱାସ୍ଥ୍ୟ ମାନଦଣ୍ଡ ସହିତ ସମନ୍ୱୟ ରଖେ ନାହିଁ ବୋଲି କୁହାଯାଇଛି । ସେମାନଙ୍କ ଦାବି ଗୁଡ଼ିକୁ ଯୁଦ୍ଧ କାକାଳ ଭିତ୍ତିରେ ପୁରଣ କରିବାକୁ ଓଡ଼ିଶା ଆୟୁଷ ଡାକ୍ତର ମିଳିତ କ୍ରିୟାନୁଷ୍ଠାନ କମିଟି ଦୃଢ ଦାବି ଉପସ୍ଥାପନ କରିଛି । ସେମାନଙ୍କର ଦାବି ଗୁଡ଼ିକ ମଧ୍ୟରେ ଦୀର୍ଘ ବର୍ଷର ଚୁକ୍ତି ଭିତ୍ତିକ ଚାକିରୀକୁ ସ୍ଥାୟୀ କରାଯିବା, ସ୍ଥାୟୀ ହେବା ପର୍ଯ୍ୟନ୍ତ ନିୟମିତ ଆୟୁଷ ଡାକ୍ତରଙ୍କ ସହ ସମାନୁପାତିକ ହାରରେ ବର୍ଦ୍ଧିତ ଦରମା ପ୍ରଦାନ, ୧୧ ମାସିଆ ଚୁକ୍ତି ବ୍ୟବସ୍ଥାର ସମ୍ପୂର୍ଣ୍ଣ ଉଚ୍ଛେଦ, ରାଜ୍ୟର ସମସ୍ତ ଆୟୁଷ ଡାକ୍ତରଙ୍କୁ ସ୍ୱତନ୍ତ୍ର ଆୟୁଷ ବିଭାଗରେ ଅନ୍ତର୍ଭୁକ୍ତ କରାଯାଇ ନିୟମିତ ଆୟୁଷ ଔଷଧ ଯୋଗାଣ ସହ ଆୟୁଷ ସହାୟକ ଅନ୍ୟ ସରକାରୀ କର୍ମଚାରୀଙ୍କ ଭଳି ସମାନ ଅନୁପାତରେ ଏକକାଳୀନ ମୃତ୍ୟୁ ସହାୟତା, ଦୁର୍ଘଟଣାରେ ଅକର୍ମଣ୍ୟ ବା ମୃତ୍ୟୁ ହେଲେ ଅନ୍ୟ ସରକାରୀ କର୍ମଚାରୀଙ୍କ ଭଳି ସମାନୁପାତିକ ସହାୟତା ପ୍ରଦାନ, ଜାତୀୟ ସ୍ୱାସ୍ଥ୍ୟ ମିଶନରେ ଥିବା ସମସ୍ତ କର୍ମଚାରୀଙ୍କ ପରି ମୋବାଇଲ ହେଲଥ ୟୁନିଟର ଡାକ୍ତରଙ୍କୁ ଇପିଏଫ ପରିଷର ଭୁକ୍ତ କରାଯିବା ପ୍ରଭୃତି ଦାବି ଗୁଡିକ ରହିଛି । ଯଦି ଏହି ନାର୍ଯ୍ୟ ଦାବି ଗୁଡିକ ଆସନ୍ତା ଡିସେମ୍ବରମାସ ୨ତାରିଖ ସୁଦ୍ଧା ପୁରଣ ନହୁଏ ତେବେ ଆସନ୍ତା ୩ତାରିଖ ଠାରୁ ଗଣତାନ୍ତ୍ରିକ ଉପାୟରେ ଆୟୁଷ ଡାକ୍ତରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି । ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ସମୟରେ ଓଡିଶା ଆୟୁଷ ଡାକ୍ତର ମିଳିତ କ୍ରିୟାନୁଷ୍ଠାନ କମିଟି ଜିଲ୍ଲା ଶାଖା ସଭାପତି ଡା. ବିକେ ପ୍ରଶାନ୍ତ କୁମାର, ଜିଲ୍ଲା ବରିଷ୍ଠ ଉପଦେଷ୍ଟା ଡା. ଖଗେଶ୍ୱର ନାୟକ, ଜିଲ୍ଲା ସମ୍ପାଦକ ଡା. ପ୍ରଦୀପ କୁମାର ଚମ୍ପତି, ଜିଲ୍ଲା ସଂଚାଳକ ଡା. ସୌହାର୍ଦ୍ଦ୍ୟ ନାୟକ, ସମ୍ପାଦକ ଡା. ଅସିଫ ହୁସେନ, କୋଷାଧ୍ୟକ୍ଷ ଡା. ରଘୁନାଥ ଓଝା, ଉପଦେଷ୍ଟା ଡା. ଅଯୋଦ୍ଧାନାଥ ଶର୍ମା, ସଂଚାଳକ ଡା. ସୀତାକାନ୍ତ କର, ଜିଲ୍ଲା ସଂଚାଳିକା ଡା. ପ୍ରିୟମ୍ବଦା ମିଶ୍ର, ସଭାପତି ଡା. ଶାରଦା ପ୍ରସାଦ କର ପ୍ରମୁଖ ଉପସ୍ଥିତ ଥିଲେ ।

## ଭଦ୍ରକରେ ଶ୍ରମିକ- କୃଷକ ମିଳିତ ପ୍ରତିବାଦ




**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

ସମସ୍ତ କୃଷିଜାତ ସାମଗ୍ରୀ ଉତ୍ପାଦନ ମୂଲ୍ୟର ଦେଢଗୁଣ ଅଧିକ ବିକ୍ରି ମୂଲ୍ୟ ସରକାର ସ୍ଥିର କରିବା, ଶ୍ରମିକ ବିରୋଧୀ କର୍ପୋରେଟ ସପକ୍ଷବାଦୀ ୪ଟି ଶ୍ରମ କୋର୍ଡ ବାତିଲ କରିବା, ଡ୍ରାଫ୍ଟ ଶ୍ରମଶକ୍ତି ନୀତି-୨୦୨୫କୁ ପ୍ରତ୍ୟାହାର କରିବା, ବିଦ୍ୟୁତ୍ ସଂଶୋଧନ ବିଲ- ୨୦୨୫ ପ୍ରତ୍ୟାହାର କରିବା, ଜଙ୍ଗଲ ଅଧିକାର ଆଇନ-୨୦୧୩ର ସଠିକ୍ କାର୍ଯ୍ୟକାରୀ କରିବା, ଜମିଅଧିଗ୍ରହଣ ପୁନର୍ବାସ ଓ ଥଇଥାନ ଆଇନ-୨୦୧୩ର ସଠିକ୍ କାର୍ଯ୍ୟକାରୀତା, ସଂଖ୍ୟାତ୍ମକ କୃଷି ମିଶନ ବାତିଲ କରିବା, ଏମ୍‌ଏନ୍‌ଆର ଇଜିଏସ ଯୋଜନାରେ ବର୍ଷ କୁ ମୂଲିଆମାନଙ୍କୁ ସର୍ବନିମ୍ନ ୨୦୦ ଦିନର କାମ ଯୋଗାଇ ଦେବା, ଏମ୍‌ଏନ୍‌ଆର ଇଜିଏସ ଯୋଜନାରେ ଦୈନିକ ମଜୁରୀ ୭୦୦ ଟଙ୍କାକୁ ବୃଦ୍ଧି କରିବା, ଜାତୀୟ ସାଧାରଣ ମଜୁରୀ ମାସିକ ୨୬୦୦୦ ଟଙ୍କା ପ୍ରଦାନ କରିବା, ଶ୍ରମିକମାନଙ୍କୁ ମାସିକ ପେନସନ ୧୦୦୦୦ ଟଙ୍କା ପ୍ରଦାନ କରିବା, ସମସ୍ତ ଶ୍ରମିକ ସାମାଜିକ ସୁରକ୍ଷା ବେନିଫିଟ ଯୋଗାଇ ଦେବା, ଅସଂଗଠିତ କ୍ଷେତ୍ରରେ କାମ କରୁଥିବା ଶତକଡା ୯୨ ଭାଗ ଶ୍ରମିକମାନଙ୍କ ସାମାଜିକ ନିରାପତ୍ତା ପାଇଁ ସଂସଦରେ ଆଇନ ପ୍ରଣୟନ, ଭଦ୍ରକ ଜିଲ୍ଲାର ସମସ୍ତ ଚାଷୀ, ଭାଗଚାଷୀ, କୃଷି ଶ୍ରମିକମାନଙ୍କ ସମସ୍ତ ପ୍ରକାର ଋଣ ଛାଡ କରିବା, ଆମ ଦେଶର ଅତ୍ୟଧିକ ଧନୀ ଲୋକଙ୍କ ଉପରେ ଅଧିକ ଟିକସ ବସାଇବା, କମ୍ ସୁଧରେ ଭଦ୍ରକ ଜିଲ୍ଲାର ସମସ୍ତ ଚାଷୀ ଓ ଭାଗଚାଷୀମାନଙ୍କୁ ସରକାରୀ ଓ ଘରୋଇ ବ୍ୟାଙ୍କରୁ ଋଣ ଯୋଗାଇଦେବା, ଜୈବିକ ସଂପତ୍ତି ଉପରେ ଜାତୀୟ ସାର୍ବଭୌମତ୍ୱ ସୁନିଶ୍ଚିତ କରିବା, ଜାତୀୟ ମୁଦ୍ରିକରଣ ପାଇପଲାଇନକୁ ବାତିଲ କରିବା, ଡ୍ରାଫ୍ଟ ବିହନ ବିଲ୍-୨୦୨୫ ବାତିଲ କରିବା, ବିଦ୍ୟୁତ୍ କ୍ଷେତ୍ରରେ ସ୍ମାର୍ଟ ମିଟର ପ୍ରଚଳନ ବ୍ୟବସ୍ଥା ବାତିଲ କରିବା, ନିର୍ବାଚନ ପ୍ରତିଶ୍ରୁତି ମୁତାବକ ମାଗଣାରେ ପ୍ରତ୍ୟେକ ପରିବାରକୁ ୩୦୦ ୟୁନିଟ ବିଜୁଳି ମାଗଣାରେ ଯୋଗାଇଦେବା, ସରକାରୀ ଫସଲବୀମା ଓ ଗୃହପାଳିତ ପଶୁ ପକ୍ଷୀ ବୀମା ଯୋଜନା ଗ୍ରହଣ କରିବା, ଅତ୍ୟାବଶ୍ୟକ ସାମଗ୍ରୀର ଦର କମାଇବା ସହ ୧୪ଟି ଅତ୍ୟାବଶ୍ୟକ ସାମଗ୍ରୀକୁ କଣ୍ଟ୍ରୋଲ ସାମଗ୍ରୀ ଭୁକ୍ତ କରିବା, ସକଳ ଶ୍ରେଣୀର ଶ୍ରମିକମାନଙ୍କୁ ୬୦ ବର୍ଷ ପରେ ମାସିକ ୧୦୦୦୦ ଟଙ୍କା ପେନସନ ଦେବା, ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଟାରିଫକୁ ପ୍ରତ୍ୟାଖ୍ୟାନ କରିବା, ସାଂପ୍ରଦାୟିକ ଓ ଜାତିଗତ ଉତ୍ପୀଡନ ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରି ଦୃଢ ଭାବରେ କାର୍ଯ୍ୟକାରୀ କରିବା ଓ ମହିଳା ଓ ଶିଶୁମାନଙ୍କ ସୁରକ୍ଷା ପାଇଁ ଫାଷ୍ଟ ଟ୍ରାକ ବିଚାର ବ୍ୟବସ୍ଥା ପ୍ରଚଳନ କରିବା ଆଦି ଦାବି ନେଇ ଐତିହାସିକ ଦିଲ୍ଲୀ ଚାଷୀ ଆନ୍ଦୋଳନ-୨୦୨୦ର ପଞ୍ଚମ ସ୍ମୃତି ବାର୍ଷିକ ପରିପ୍ରେକ୍ଷୀରେ ଭଦ୍ରକରେ ସଂଯୁକ୍ତ କୃଷକ ମୋର୍ଚ୍ଚା ଓ କେନ୍ଦ୍ରୀୟ ମିଳିତ ଟ୍ରେଡ ୟୁନିୟନ ଓ ସ୍ୱାଧୀନ ଫେଡେରେସନ ସମୂହ ପକ୍ଷରୁ ଭଦ୍ରକ ସହର ସ୍ଥିତ ବନ୍ତ ଛକରୁ ଏକ ଲାଲ୍ ଶୋଭାଯାତ୍ରା ବାହାରି ଭଦ୍ରକ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଉପରୋକ୍ତ ଦାବି ଗୁଡ଼ିକୁ ପୂରଣ କରିବା ପାଇଁ ମିଳିତ ଶ୍ରମିକ- କୃଷକ ସଂଗଠନର ଏକ ପ୍ରତିନିଧି ଦଳ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଏହି ଆନ୍ଦୋଳନ କାର୍ଯ୍ୟାକ୍ରମରେ ଓଡିଶା କୃଷକ ସଭା ରାଜ୍ୟ ଯୁଗ୍ମ ସଂପାଦକ ବିକାଶ ନାଥ, ଓଡିଶା କୃଷକ ସଭା ଭଦ୍ରକ ଜିଲ୍ଲା ସଭାପତି ଚନ୍ଦ୍ରଶେଖର ନାୟକ, ଜିଲ୍ଲା ସଂପାଦକ ପ୍ରଭାସ ମହାପାତ୍ର, ଅଖିଳ ଭାରତ କୃଷକ ସଭାର ଜିଲ୍ଲା ସଂପାଦକ ବିମ୍ବାଧର ବାରିକ୍, ସିଆଇଟିୟୁ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ, ସିଆଇଟିୟୁ ଜିଲ୍ଲା ଉପସଭାପତି ରାଧାନାଥ ଦାସ, ସିଆଇଟିୟୁ ଜିଲ୍ଲା ସଂପାଦକ କାଳନ୍ଦୀ ପାତ୍ର, ଏଆଇସିସିଟିୟୁ ଜିଲ୍ଲା ସଭାପତି ସମର ବଳ, ମହିଳା ନେତ୍ରୀ ଜୟନ୍ତୀ ବିଶ୍ୱାଳ, କୃଷକ ନେତା ଶୁଭେନ୍ଦ୍ରପ୍ରତାପ ମହାନ୍ତି, ମହିଳା ନେତ୍ରୀ ସୁରଜିତା ନାୟକ, ଶ୍ରମିକ ନେତା ମଳୟ ଭୋଇ, ଶ୍ରମିକ ନେତା ବିଷ୍ଣୁ ଦାଶ, ରାମଚନ୍ଦ୍ର ଶଙ୍ଖୁଆ, ଓଡିଶା କ୍ଷେତମଜଦୂର ୟୁନିୟନ ଜିଲ୍ଲା ସଂପାଦକ ଗିରିଧାରୀ ନାଥ, ଶ୍ରମିକ ନେତା ମହେଶ୍ୱର ନାୟକ, ଶ୍ରମିକ ନେତା ରମେଶ ଜେନା, ଶ୍ରମିକ ନେତା ରବିନ୍ଦ୍ର ସେଠୀ, ଚାଷୀ ନେତା ସୁଶାନ୍ତ ଜେନା, ଚାଷୀ ନେତା ଅଶୋକ ବେହେରା, ଯୁବନେତା ପ୍ରତାପ ସେଠୀ ପ୍ରମୁଖ ନେତୃତ୍ୱ ନେଇଥିଲେ ।

## ବାଣିଜ୍ୟ

### ସୁନ୍ଦରଗଡରେ ଏନ୍‌ଟିପିସି ଫ୍ଲୋଟିଂ ସୋଲାର ୟୁନିଟ୍

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ରାଜ୍ୟସ୍ତରୀୟ ସିଙ୍ଗଲଓ୍ୱିଣ୍ଡୋ ମଞ୍ଜୁରି କର୍ତ୍ତୃପକ୍ଷର ୧୪୨ତମ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୨୦ ଶିଳ୍ପ ପ୍ରସ୍ତାବକୁ ମଞ୍ଜୁରି ମିଳିଛି । ଏହା ଦ୍ୱାରା ରାଜ୍ୟର ୧୧ ଜିଲ୍ଲାରେ ୪,୩୫୩ କୋଟି ଟଙ୍କାର ନିବେଶ ଏବଂ ୭୮୧୫ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ରସାୟନ, ଇଲେକ୍ଟ୍ରୋନିକ୍ସ, ଆଲୁମିନିୟମ, ପର୍ଯ୍ୟଟନ, ଭିତ୍ତିଭୂମି, ଆଇଟି ସେବା, ଶକ୍ତି ଓ ଅକ୍ଷୟ ଶକ୍ତି ଏବଂ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଶିଳ୍ପଗୁଡିକ ଆସିବ । ଏହି ଶିଳ୍ପ ପ୍ରସ୍ତାବଗୁଡିକ ଦ୍ୱାରା ରାଜ୍ୟର ଶିଳ୍ପାୟନ ଧାରା ଦୃଢ ହେବ ବୋଲି ଆଶା କରାଯାଉଛି ।

ଜଗତସିଂହପୁରରେ ପିଟିଓ୍ୱାର୍କସ ପ୍ରାଇଭେଟ ଲିମିଟେଡ ୫୩୨ କୋଟି ବିନିଯୋଗରେ ଏକ ବେଭରେଜ୍ ୟୁନିଟ କରିବ । ଏଥିରେ ୨୪୦ ଲୋକ ନିଯୁକ୍ତି ପାଇବେ । ସୁନ୍ଦରଗଡରେ ଏନଟିପିସି ସେଲ୍ ପାଓ୍ୱାର ୭୧୦.୨୭ କୋଟି ବିନିଯୋଗରେ ଏକ ଫ୍ଲୋଟିଂ ସୋଲାର ୟୁନିଟ୍ ସ୍ଥାପନ କରିବାକୁ ଯାଉଛି । କେନ୍ଦୁଝରରେ ରଶ୍ମି ମେଟାଲର୍ଜିକାଲ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ ୬୦୦ କୋଟିରେ ଲୁହାପଥର ବେନିଫିକେସନ ପ୍ଲାଣ୍ଟ କରିବ । ଏହା ଦ୍ୱାରା ୪୦୦ ନିଯୁକ୍ତି ଆସିବ । ଏନଭାୟରୋକେୟାର ଇନଫ୍ରାସଲ୍ୟୁଶନ ୩୫୧ କୋଟିରେ ଅନୁଗୁଳରେ ସୋଲାର୍ ଫଟୋଭୋଲ୍ଟିକ ୟୁନିଟ୍ ବସାଇବାକୁ ଯାଉଛି । ୩୨୫ କୋଟି ମୂଲ୍ୟରେ ସମ୍ବଲପୁରରେ ପ୍ରିମିୟର ଗ୍ରୀନ୍‌କେମ୍ ଇଏନ୍‌ଏ ଆଣ୍ଡ୍ ବ୍ରିଓ୍ୱେରି ୟୁନିଟ ସ୍ଥାପନ କରିବ । ଖୋର୍ଦ୍ଧାରେ ମାଉଣ୍ଟଏଭରେଷ୍ଟ ବେଭରେଜେସ ୨୯୯.୦୮ କୋଟି ବିନିଯୋଗରେ ଏକ ବ୍ରିଓ୍ୱେରି ୟୁନିଟ କରିବ । ଢେଙ୍କାନାଳରେ ୨୭୧ କୋଟିରେ ଅନନ୍ତମ ସୋଲାର ଏନର୍ଜି ଏକ ସୋଲାର ସେଲ୍ ଏବଂ ସୋଲାର ମଡ୍ୟୁଲ୍ ମାନୁଫାକଚରିଂ ୟୁନିଟ କରିବ । ୧୭୦୦ ନିଯୁକ୍ତି ଦେବ କମ୍ପାନି । ପୁରୀରେ ୨୫୦ କୋଟି ଟଙ୍କା ବିନିଯୋଗରେ ଶ୍ରୀକ୍ରିଷ୍ଣା ଇଷ୍ଟେଟ ଆଣ୍ଡ୍ କନ୍‌ଷ୍ଟ୍ରକ୍ସନ ୫ ଷ୍ଟାର୍ ହୋଟେଲ କରିବ । ଏଠାରେ ୩୦୦ ନିଯୁକ୍ତି ସୁଯୋଗ ଆସିବ ।

ସେହିପରି ସପ୍ତଦା ରେଗାଲ୍ ଏଠାରେ ୧୨୫ କୋଟିରେ ୫ ଷ୍ଟାର୍ ରିସର୍ଟ ସ୍ଥାପନ କରିବାକୁ ଯାଉଛି । ଆର୍କେଡି ହୋଟେଲ୍ସ ମଧ୍ୟ ପୁରୀରେ ୫୮.୮୦ କୋଟି ବିନିଯୋଗରେ ଏକ ରିସର୍ଟ ବସାଇବ । କୋରାପୁଟରେ ୭୦ କୋଟି ଟଙ୍କାରେ ରିସର୍ଟ କରିବ ମିଡ୍ ଇଷ୍ଟ । ଏହା ଦ୍ୱାରା ଯଥାକ୍ରମେ ୧୬୬୪ ଏବଂ ୩୦୦ ନିଯୁକ୍ତି ଆସିବ । ଖୋର୍ଦ୍ଧାରେ ୧୫୦ କୋଟି ବିନିଯୋଗରେ ନିର୍ମଳ ଓ୍ୱାୟାର୍ସ ଆଲୁମିନିୟମ ଡାଉନ୍‌ଷ୍ଟ୍ରିମ ପ୍ରକଳ୍ପ କରିବ । ଅନ୍ୟ ଏକ କମ୍ପାନି ଏସ୍‌ଆର୍ ଡାଇନାମିକ୍ସ ୫୪ କୋଟିରେ ସ୍ଥାପନ କରିବ ସୋଲାର ମଡ୍ୟୁଲ କାରଖାନା ।

ଯାଜପୁରରେ ୧୧୧.୮୫ କୋଟିରେ ଶ୍ରୀ ଜଗନ୍ନାଥ କ୍ୟାରିୟର୍ସ ପ୍ରାଇଭେଟ ଲିମିଟେଡ ଲଜିଷ୍ଟିକ୍ସ ପାର୍କ ବସାଇବ । ଏହାବାଦ ଖୋର୍ଦ୍ଧାରେ ୬୦ କୋଟି ନିବେଶରେ ଗ୍ରେଟ୍‌ଲେନ ସର୍ଭେଲାନ୍ସ ସିଷ୍ଟମ୍ସ ଏଲ୍‌ଇଡି ମାନୁଫାକ୍‌ଚରିଂ ୟୁନିଟ କରିବାକୁ ଯାଉଛି । ସେହିଭଳି ମାତାରାଣୀ ରିସୋର୍ସେସ୍ ଝାରସୁଗୁଡାରେ ୫୧.୨୪ କୋଟିରେ ଘରୋଇ ମାଲ୍ ଟର୍ମିନାଲ, ଯାଜପୁରରେ ୭୦.୫୦ କୋଟିରେ ସିନୋମାକ ଟେକ୍ନୋଲୋଜିର ରେଳ ଯନ୍ତ୍ରାଂଶ ୟୁନିଟ, ଖୋର୍ଦ୍ଧାରେ ୬୩ କୋଟିରେ ଟେକ୍ନୋସ୍ରାଇନ ଇନ୍‌ଫୋସଲ୍ୟୁସନର ଆଇଟି ସେବା କମ୍ପାନି, ଅନୁଗୁଳରେ ୯୯ କୋଟିରେ ଗୋଦାବରୀ କମୋଡିଟିଜର କୋଇଲା ଓ୍ୱାସେରୀ ପ୍ରକଳ୍ପ ଏବଂ ୯୯.୮୫ କୋଟି ବିନିଯୋଗରେ ଖୋର୍ଦ୍ଧାରେ ଆଇନେକ୍ସ ରିନ୍ୟୁଏବୁଲ୍ସ ସୋଲାର ମଡ୍ୟୁଲ ୟୁନିଟ ପ୍ରକଳ୍ପକୁ ମଧ୍ୟ ମଞ୍ଜୁରି ମିଳିଛି ।

## ସ୍ୱାମୀଙ୍କ ବିରୋଧରେ କୋର୍ଟ ଗଲେ ସେଲିନା





### ସିନେମାଫିନେମା ଟିଭିଫିବି

**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ବଲିଉଡ୍ ଅଭିନେତ୍ରୀ ସେଲିନା ଜେଟ୍‌ଲି ସ୍ୱାମୀ ତଥା ଅଷ୍ଟ୍ରେଲୀୟ ବ୍ୟବସାୟୀ ପିଟର ହାଗ୍‌ଙ୍କ ବିରୋଧରେ ମୁମ୍ବାଇର ଏକ କୋର୍ଟରେ ଘରୋଇ ହିଂସା ମାମଲା ରୁଜୁ କରିଛନ୍ତି । ପିଟରଙ୍କ ବିରୋଧରେ ସେ ଭାବନାତ୍ମକ, ଶାରୀରିକ ଓ ଯୌନ ନିର୍ଯାତନା ଭଳି ଗମ୍ଭୀର ଅଭିଯୋଗ କରିଛନ୍ତି । ଏଥିସହିତ ୫୦ କୋଟି ଟଙ୍କା କ୍ଷତିପୂରଣ ଓ ପ୍ରତି ମାସ ୧୦ ଲକ୍ଷ ଟଙ୍କା ଭରଣପୋଷଣ ରାଶି ଦାବି କରିଛନ୍ତି ।

ଗତ ୨୧ ତାରିଖରେ ସେଲିନା ମୁମ୍ବାଇ କୋର୍ଟରେ ଆବେଦନ ଦାଖଲ କରିଥିଲେ । ହେଲେ ଗତ ୨୪ ତାରିଖ ଅର୍ଥାତ୍ ସୋମବାର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଏସ୍‌ସି ତାଡ୍‌ୟେ ଆବେଦନର ଶୁଣାଣି କଲେ । ଏହା ପରେ ପିଟରଙ୍କୁ ନୋଟିସ୍ ଜାରି କରାଗଲା । ସେଲିନା ନିଜ ଆବେଦନରେ କହିଛନ୍ତି, ୪୮ ବର୍ଷୀୟ ପିଟରଙ୍କର ନିଜ ସନ୍ତାନଙ୍କ ପ୍ରତି କୌଣସି ସହାନୁଭୂତି ନାହିଁ । ଶାରୀରିକ, ମାନସିକ ନିର୍ଯାତନା ଯୋଗୁ ତାଙ୍କୁ ଅଷ୍ଟ୍ରିଆରେ ନିଜ ଘର ଛାଡି ଭାରତ ଫେରିବାକୁ ପଡିଲା । ଏଥିସହିତ ତାଙ୍କର ମୁମ୍ବାଇ ସ୍ଥିତ ଘରେ ପିଟରଙ୍କ ପ୍ରବେଶ ରୋକିବାକୁ ସେ ଆବେଦନ କରିଛନ୍ତି । ଅଷ୍ଟ୍ରିଆରେ ପିଟରଙ୍କ ସହ ରହୁଥିବା ନିଜର ୩ ସନ୍ତାନଙ୍କ ହେପାଜତ ଲାଗି ମଧ୍ୟ ସେଲିନା ଆବେଦନ କରିଛନ୍ତି । ତାଙ୍କ ଅଭିଯୋଗ ଅନୁସାରେ, ସନ୍ତାନ ଜନ୍ମ ପରେ ପିଟର ବିଭିନ୍ନ ବାହାନା କରି ତାଙ୍କୁ କାମ କରିବାରୁ ଅଟକାଇଲେ । ଏହାଦ୍ୱାରା ତାଙ୍କର ଆର୍ଥିକ ସ୍ୱାଧୀନତା ଉପରେ ପ୍ରଭାବ ପଡିଲା ଏବଂ ତାଙ୍କ ସମ୍ମାନ ହାନି ହେଲା । ବେଳେବେଳେ କେବଳ ପିଟରଙ୍କ ଅନୁମତିରେ ହିଁ ସେ ଛୋଟ ଛୋଟ ପ୍ରୋଜେକ୍ଟ କରିପାରୁଥିଲେ ।

ତାଙ୍କ ଆବେଦନ ଅନୁସାରେ, ପିଟର ଚଳିତ ବର୍ଷ ଅଗଷ୍ଟରେ ଅଷ୍ଟ୍ରିଆର ଏକ କୋର୍ଟରେ ଛାଡପତ୍ର ଆବେଦନ କରିଥିଲେ । ସେଲିନା ଓ ପିଟର ୨୦୧୦ରେ ଅଷ୍ଟ୍ରିଆରେ ବିବାହ କରିଥିଲେ । ଉଭୟଙ୍କର ୩ ସନ୍ତାନ ୱିନ୍‌ଷ୍ଟନ, ଭିରାଜ ଓ ଆର୍ଥର ଅଛନ୍ତି । ୨୦୧୨ରେ ଉଭୟ ଯମଜ ପୁଅଙ୍କର ମାତାପିତା ହୋଇଥିଲେ । ୨୦୧୭ରେ ସେଲିନା ପୁଣି ଯମଜ ପୁତ୍ର ସନ୍ତାନ ଜନ୍ମ ଦେଲେ । କିନ୍ତୁ ଜଣଙ୍କର ହାଇପୋପ୍ଲାଷ୍ଟିକ୍ ହାର୍ଟ ଯୋଗୁ ମୃତ୍ୟୁ ହୋଇଥିଲା । ସେଲିନା 'ନୋ ଏଣ୍ଟ୍ରି', 'ଅପ୍‌ନା ସପ୍‌ନା ମନି ମନି', 'ମନି ହୈ ତୋ ହନି ହୈ', 'ଗୋଲ୍‌ମାଲ ରିଟର୍ନସ' ଓ 'ଥ୍ୟାଙ୍କ୍ ୟୁ' ଭଳି ଫିଲ୍ମରେ କାମ କରିଛନ୍ତି । ୨୦୦୧ରେ ସେ ଫେମିନା ମିସ୍ ଇଣ୍ଡିଆ ଟାଇଟଲ ଜିତିଥିଲେ ।

# ମାହାଙ୍ଗା ବ୍ଲକର ବହୁ ବିଭାଗରେ ଅଧିକାରୀ ପଦବୀ ଖାଲି

**୨୬।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସରକାରଙ୍କ ପକ୍ଷରୁ ଜନସାଧାରଣଙ୍କ ନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ କରିବା ସହ ସେମାନେ କିପରି ଉପକୃତ ହୋଇପାରିବେ ସେଥି ନିମନ୍ତେ ବିଭିନ୍ନ ଅଧିକାରୀ ଓ କର୍ମଚାରୀ ନିଯୁକ୍ତି ହୋଇଛନ୍ତି । ହେଲେ ମାହାଙ୍ଗା ବ୍ଲକର ବିଭିନ୍ନ ବିଭାଗରେ ପଦବୀ ଖାଲି ପଡିଥିବା ଜଣାପଡିଛି ।

ସୂଚନା ମୁତାବକ ମାହାଙ୍ଗା ବ୍ଲକ କାର୍ଯ୍ୟାଳୟରେ ବିଡିଓ ପଦବୀ ଦୀର୍ଘ ଦିନ ହେବ ଖାଲି ପଡିଥିବା ବେଳେ କାମଚଳା ଭାବେ ମାହାଙ୍ଗା ତହସିଲଦାର ସୁଭାଶିଷ ପାଲଟାଙ୍କୁ ଭାରପ୍ରାପ୍ତ ବିଡିଓ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛ । ଯାହାର ଫଳରେ ମାହାଙ୍ଗା ବ୍ଲକ ଓ ତହସିଲ କାର୍ଯ୍ୟରେ ବହୁ ବିଭ୍ରାଟ ଘଟୁଅଛି । ସ୍ଥାୟୀ ବିଡିଓ ନ ଥିବାରୁ ବିଭିନ୍ନ କାର୍ଯ୍ୟ ନେଇ ଆସୁଥିବା ହିତାଧିକାରୀମାନେ ବହୁ ଖର୍ଚ୍ଚାନ୍ତ ହୋଇ ନିରାଶ ହୋଇ ଘରକୁ ଫେରୁଛନ୍ତି । ତହସିଲଦାର ଶ୍ରୀ ପାଲଟା ଅଧିକାଂଶ ସମୟ ତହସିଲ କାର୍ଯ୍ୟାଳୟରେ ରହୁ ଥିବାରୁ ବ୍ଲକର ବହୁ ଅଧିକାରୀ ଓ କର୍ମଚାରୀମାନେ ତହସିଲକୁ ବିଭିନ୍ନ କାର୍ଯ୍ୟର ଫାଇଲ ନେଇ ଯାଉଛନ୍ତି । ଯାହା ଫଳରେ ବ୍ଲକର ବିଭିନ୍ନ ବିଭାଗରେ କାର୍ଯ୍ୟାଳୟର ତାଲା ଝୁଲୁଥିବା ଦେଖିବାକୁ ମିଳୁଛି । ବିଶେଷ କରି ବିଡିଓ ଅଧିକାଂଶ ସମୟ ବ୍ଲକରେ ରହୁନଥିବାରୁ କର୍ମଚାରୀମାନେ ମନମୁଖି କାର୍ଯ୍ୟାଳୟକୁ ଆସୁଥିବା ଏବଂ ଠିକ୍ ଭାବେ କାର୍ଯ୍ୟ କରୁନଥିବା ସାଧାରଣରେ ଅଭିଯୋଗ ହେଉଛି । ସେହିପରି ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ପଦବୀ ଦୀର୍ଘ ୨ ମାସ ହେବ ଛୁଟିରେ ଥିବାରୁ କାର୍ଯ୍ୟାଳୟରେ ତାଲା ଝୁଲୁଛି । ଜିପିଓ ପଦବୀ ଦୀର୍ଘ ଦିନ ହେବ ଖାଲିପଡିଛି । ତାଙ୍କ ପଦବୀରେ ବ୍ଲକର ଜଣେ ପିଇଓଙ୍କୁ ଦାୟିତ୍ୱ ଦିଆଯାଇଛି । ସେହିପରି ୱେଲ ଫେୟାର ଅଫିସର ପଦବୀ ଆଜକୁ ପ୍ରାୟ ୧୪ ମାସ ହେବ ଖାଲି ପଡିଛି । ତାଙ୍କ ସ୍ଥାନରେ ସାଲେପୁର ୱେଲ ଫେୟାର ଅଧିକାରିଣୀ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି । ଆଇପିଓ ଙ୍କ ପଦବୀ ଦୀର୍ଘ ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଖାଲି ପଡିଛି । ଏହି ପଦବୀ ନିମନ୍ତେ ଅତିରିକ୍ତ ତୁଲାଉଥିବା ବାବୁ ଜଣକ କଟକରେ ରହି କାର୍ଯ୍ୟ କରୁଛନ୍ତି । ସେହିପରି ପ୍ରୋଗ୍ରାମ ଅଫିସରଙ୍କ ପଦବୀ ପ୍ରାୟ ୧୯ ମାସ ହେବ ଖାଲି ପଡିଛି । ଖାଦ୍ୟ ଯୋଗାଣ ଅଧିକାରୀଙ୍କ ପଦବୀ ମଧ୍ୟ ଏକ ମାସ ହେବ ଖାଲି ପଡିଛି । ତାଙ୍କ ସ୍ଥାନରେ ଯୋଗାଣ ଅଧିକାରୀ ଅତିରିକ୍ତ କାର୍ଯ୍ୟ ତୁଲାଉଛନ୍ତି । ସିଓ ପଦବୀ ମଧ୍ୟ ଖାଲି ପଡିଛି । ଏହି କାର୍ଯ୍ୟାଳୟର ବହୁ କର୍ମଚାରୀଙ୍କ ପଦବୀ ଖାଲି ପଡିଥିବାରୁ କାର୍ଯ୍ୟରେ ବାଧା ସୃଷ୍ଟି ହେବା ସହ ଜନସାଧାରଣମାନେ ଖର୍ଚ୍ଚାନ୍ତ ହେବା ସହ ନିରାଶ ହୋଇ ଘରକୁ ଫେରୁଛନ୍ତି । ସେହିପରି ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ପଦବୀ ମଧ୍ୟ ଦୀର୍ଘ ଦିନ ହେବ ଖାଲି ପଡିଛି । ଭାରପ୍ରାପ୍ତରେ ଚାଲିଛି ରୋଗୀ ସେବା। ଅତିରିକ୍ତ ତହସିଲଦାର ପଦବୀ ମଧ୍ୟ ଖାଲି ପଡିଥିବା ଜଣାପଡିଛି । ଯାହା ଫଳରେ ତହସିଲ କାର୍ଯ୍ୟରେ ବାଧାପ୍ରାପ୍ତ ହେଉଛି । ମତ୍ସ୍ୟ ସଂପଦ ଅଧିକାରୀଙ୍କ ପଦବୀ ବହୁ ଦିନ ଧରି ଖାଲି ପଡିଛି । ସାଲେପୁର ଅଧିକାରୀ ଏହି ଦାୟିତ୍ୱରେ ରହି କାର୍ଯ୍ୟ କରୁଛନ୍ତି । ଯାହା ଫଳରେ ମତ୍ସ୍ୟ ଚାଷୀମାନେ ନାହିଁ ନଥିବାର ଅସୁବିଧା ଭୋଗ କରୁଛନ୍ତି । ସେହିପରି କୁମୁଡା ଜୟପୁଣ ଫାଣ୍ଡି ଅଧିକାରୀ ପଦବୀ ଖାଲି ଥିବାରୁ ଆଇନସେବାରେ ବ୍ୟାଘାତ ସୃଷ୍ଟି ହେଉଛି । ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ ମାହାଙ୍ଗା ଏସଡିଓ ଏବଂ ଯନ୍ତ୍ରୀଙ୍କ ପଦବୀ ଦୀର୍ଘ ଦିନ ହେବ ଖାଲି ପଡିଛି । ଜଳସମ୍ପଦ ବିଭାଗ ଏସଡିଓ ପଦବୀ ମଧ୍ୟ ଖାଲିପଡିଛି । ତେଣୁ ସରକାର ପକ୍ଷରୁ ଏହି ସବୁ ପଦବୀକୁ ତୁରନ୍ତ ପୂରଣ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ, କଟକ ଜିଲ୍ଲାପାଳ ଓ ସ୍ଥାନୀୟ ବିଧାୟକ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଖାଲି ଥିବା ପଦବୀକୁ ପୂରଣ ନିମନ୍ତେ ମାହାଙ୍ଗାବାସୀ ଦାବୀ କରିଛନ୍ତି ।



## ଆଜିର ରାଶିଫଳ

| ତାରିଖ | ଗୁରୁବାର– ସପ୍ତମୀ |
|---|---|
| ୨୭.୧୧.୨୦୨୫ | ନକ୍ଷତ୍ର– ଧନିଷ୍ଠା, ମକରଚନ୍ଦ୍ର |

| | |
|---|---|
| ମେଷ | : ଦୂରଯାତ୍ରା ଶୁଭଫଳ ଦେବ । |
| ବୃଷ | : ମାନ ସମ୍ମାନ ବୃଦ୍ଧି ପାଇବ । |
| ମିଥୁନ | : ଶତ୍ରୁ ବୃଦ୍ଧି ପାଇବେ । |
| କର୍କଟ | : ଅଯଥା ଖର୍ଚ୍ଚାନ୍ତରେ ପଡ଼ିବେ । |
| ସିଂହ | : ସାଙ୍ଗସାଥୀରେ ହସଖୁସିରେ ଦିନଟି କଟିବ । |
| କନ୍ୟା | : ଦ୍ରବ୍ୟଲାଭ ଯୋଗ ରହିଛି । |
| ତୁଳା | : ଆଘାତ ଭୟ ରହିଛି । |
| ବିଛା | : ଦ୍ରବ୍ୟଲାଭ ଯୋଗ ରହିଛି । |
| ଧନୁ | : ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ପାଇବ । |
| ମକର | : ସମ୍ମାନିତ ହେବେ । |
| କୁମ୍ଭ | : ବନ୍ଧୁଙ୍କ ସହ ମନାନ୍ତର ହୋଇପାରେ । |
| ମୀନ | : ଭ୍ରମଣ ଖୁସି ଦେବ । |

## ନାତିର ମୃତଦେହ ଦେଖି ଆଈ ମୃତ

**ବଲାଙ୍ଗିର, ୨୬।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗିରରେ ଏକ ହୃଦୟ ବିଦାରକ ଘଟଣା ଘଟିଛି । କୋମଳମତି ନାବାଳକ ନାତିର ମୃତଦେହ ଦେଖି ଆଈ ମୃତ୍ୟୁମୁଖରେ ପଡ଼ିଛନ୍ତି । ଶେଷରେ ଗୋଟିଏ ଯୁଇରେ ଜଳିଲା ଆଈ ଓ ନାତି । ବଲାଙ୍ଗିର ଆର୍‌ଆର୍ କଲୋନୀରେ ଏହି ଘଟଣାରେ ସମସ୍ତେ ଭାବ ବିହ୍ୱଳ ହୋଇ ପଡ଼ିଛନ୍ତି । ମଙ୍ଗଳବାର ଦୁଇଜଣଙ୍କୁ ଗୋଟିଏ ଯୁଇରେ ଶବଦାହ କରାଯାଇଛି । ଆଈ ପଦ୍ମିନୀ ଖୁଆସ ଓ ନାତି ସୁମନ ଖୁଆସ । ସୋମବାର ଖେଳିବାକୁ ଯାଇ ରାତି ୯ଟା ବେଳେ ସୁମନ ଘରକୁ ଫେରିଲା ପରେ ଖାଇ ଶୋଇବାକୁ ଯାଇ ରାତି ପେଟ ଟାଣି ଅସୁସ୍ଥ ଅନୁଭବ କରିଥିଲା । ତାକୁ ଭୀମଭୋଇ ମେଡିକାଲକୁ ନେଇ ଚିକିତ୍ସା ଦିଆଯାଇ ଥିଲା । ମେଡିକାଲ ନେଇ ଚିକିତ୍ସା ପରେ ଭଲ ଲଗିଲା ପରେ ରାତି ଦୁଇଟାରେ ଘରକୁ ଆଣିଥିଲେ । ପୁଣି ସକାଳ ଅସୁସ୍ତ ଅନୁଭବ କରି ପେଟ ଟାଣିବାରୁ ସୁମନକୁ ମେଡିକାଲ ନେଇଥିଲେ ସେଠାରେ ତାର ମୃତ୍ୟୁ ହୋଇଯାଇଥିଲା । ଆଈ ପଦ୍ମିନୀ ନିଜର ଗେଲବସର ଗୋଟିଏ ବୋଲି ନାତିର ଏହି ଅବସ୍ଥା ଦେଖିବା ପରେ ଭାବବିହ୍ୱଳ ହୋଇ ମର୍ମାହତ ହୋଇ ପଡ଼ି ତାଙ୍କର ଜୀବନ ଚାଲିଗଲା । ଶେଷରେ ଗୋଟିଏ ଯୁଇରେ ଜଳିଲା ଆଈ ଓ ନାତିଙ୍କ ଶବ । ବଲାଙ୍ଗିର ଆର୍ ଆର୍ କଲୋନୀରେ ଏହି ଘଟଣାରେ ସମସ୍ତେ ଭାବବିହ୍ୱଳ ହୋଇ ପଡ଼ିଛନ୍ତି ।

## ଯୁବ ଡାକ୍ତରଙ୍କ ମୃତ୍ୟୁ, ଚକ୍ଷୁଦାନ କଲେ ପରିବାର



**ଖଣ୍ଡପଡ଼ା, ୨୬।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ବ୍ଲକ ଅଧିନ ଖଳିସାହି ଗ୍ରାମ ରାଜୁଆ ସାହିର ଯୁବ ଡାକ୍ତର ଅମରେଶ ପ୍ରସାଦଙ୍କ ର ଗତ ତାରିଖରେ ଦୁର୍ଘଟଣାରେ ଅକାଳ ମୃତ୍ୟୁ ହୋଇଥିଲା । ଏହି ଘଟଣାକୁ ନେଇ ଖଣ୍ଡପଡ଼ା ଓ ଖଳିସାହି ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ଏହି ଦୁଃଖଦ ଘଟଣାରେ ପରେ ମୃତକଙ୍କ ପରିବାରବର୍ଗ ଭାଙ୍ଗି ନପଡି ମୃତ ଯୁବ ଡାକ୍ତରଙ୍କ ଚକ୍ଷୁ ଦାନ କରିଥିବା ବେଳେ ହସ୍ପିଟାଲ କର୍ତ୍ତୃପକ୍ଷ ମୃତ ଯୁବକଙ୍କ ଚକ୍ଷୁ ସଂଗ୍ରହ କରିଥିବା ଜଣାଯାଇଛି । ଏହି ଘଟଣା ପ୍ରଚାରିତ ହେବା ପରେ ଅଞ୍ଚଳବାସୀ ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

# ଅଙ୍ଗଦାନ କରି ଶହୀଦ, ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ

**ଖଲ୍ଲିକୋର୍ଟ, ୨୬।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**



ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଆମ୍ବଝରନୂଆପଲ୍ଲୀ ଗ୍ରାମର ପଞ୍ଚୁ ପ୍ରଧାନ (୩୯) ନାମକ ଏକ ସୁରତ ଶ୍ରମିକ ଗତ ୧୭ ତାରିଖ ସୋମବାର ଦିନ ଗୁଜରାଟର ସୁରତ ସହରରେ ରାସ୍ତା ଦୁର୍ଘଟଣାରେ ଆହତ ହୋଇ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ତିନିଦିନ ପରେ କୋମା ଅବସ୍ଥାକୁ ଗଲାପରେ ଗତ ୨୧ ତାରିଖ ଶୁକ୍ରବାର ଦିନ ତାଙ୍କର ମୃତ୍ୟୁ ଘଟିଥିଲା । ତେବେ ଦୁର୍ଘଟଣାରେ ପଞ୍ଚୁଙ୍କ 'ବ୍ରେନ ଡେଡ଼୍' ହୋଇଥିବା କଥା ପରିବାର ଲୋକ ଆମ ଓଡ଼ିଆ ଲୋକଙ୍କ ଦ୍ୱାରା ଖବର ପାଇବା ପରେ ଓ ଗ୍ରାମର ମୁଖ୍ୟଲୋକମାନେ ବିଚାର କରି ପଞ୍ଚୁଙ୍କ ଶରୀରର ସମସ୍ତ ଅଙ୍ଗ ଦାନ କରିବା ପାଇଁ ଡାକ୍ତରଙ୍କୁ ଜଣାଇଥିଲେ । ପଞ୍ଚୁର ଶରୀରର ଲିଭର ଓ ଦୁଇଟି କିଡ୍‌ନୀ ଅହମ୍ମଦାବାଦ ହସ୍ପିଟାଲରେ ରୋପଣ କରି ତିନିଜଣ ଲୋକଙ୍କ ଜୀବନରକ୍ଷା ହୋଇଥିଲା । ଫଳରେ ଦିବଂଗତ ପଞ୍ଚୁ ଅମର ହେବା ସହ ପରିବାର ସଦସ୍ୟଙ୍କୁ ଶୁଭେଚ୍ଛାର ସୁଅ ଛୁଟିଥିଲା । ତେବେ ଗତ ମଙ୍ଗଳବାର ଦିନ ସକାଳୁ ପଞ୍ଚୁଙ୍କ ମରଶରୀର ନିଜ ଭିଟାମାଟି ଆମ୍ବଝର ନୂଆପଲ୍ଲୀ ଗ୍ରାମରେ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିସ୍ଥିତି ଉପୁଜିଥିଲା । ଗ୍ରାମର ଶ୍ମଶାନ ନିକଟରେ ପଞ୍ଚୁଙ୍କ ମରଶରୀରକୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତୋପ ସଲାମୀ ଜରିଆରେ ଶେଷ ସମ୍ମାନ ପ୍ରଦର୍ଶନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ ଗଞ୍ଜାମ ଜିଲାପାଳ ଭି କୀର୍ତ୍ତିଭାସନ, ଖଲ୍ଲିକୋଟ ତହସିଲଦାର ଡ଼ି ମାଳେଶ୍ୱର ପାତ୍ର, ଖଲ୍ଲିକୋଟ ବ୍ଲକ ଖଲ୍ଲିକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ସାମଲ, ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ, ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି ଅରୁଣ କୁମାର ଖୁଣ୍ଟିଆ, ତାଳପଡା ପଞ୍ଚାୟତର ସମିତି ସଭ୍ୟା ସୁନିତା ସ୍ୱାଇଁ, ପୂର୍ବତନ ସରପଞ୍ଚ ବ୍ରଜକିଶୋର ସ୍ୱାଇଁ, ରାମକୃଷ୍ଣ ତରେଇଙ୍କ ସମେତ ଗ୍ରାମର ସହସ୍ରାଧିକ ଲୋକ ଶବ ଶୋଭାଯାତ୍ରାରେ ଯୋଗ ଦେଇଥିଲେ । ମୃତ ପଞ୍ଚୁଙ୍କ ମା' ଓ ବିଧବା ପତ୍ନୀ, ୧୨ ବର୍ଷୀୟ ଝିଅ ଓ ଚାରି ମାସର ପୁଅ ଅଛନ୍ତି । ପରିବାରର ଭରଣପୋଷଣ ସମ୍ପର୍କରେ ଗଞ୍ଜାମ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ ପରେ ଜିଲାପାଳ ଶ୍ରୀ କୀର୍ତ୍ତିଭାସନ ମୃତ ପଞ୍ଚୁଙ୍କ ପରିବାରକୁ ଏକ ଆବାସ ଓ ବିଧବା ପତ୍ନୀଙ୍କୁ ଭତ୍ତା ପ୍ରଦାନ ପାଇଁ ଖଲ୍ଲିକୋଟ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିବାବେଳେ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଆପାତକାଳୀନ ସାହାଯ୍ୟ ପ୍ରଦାନ କରିଥିଲେ ।

## ଟାଟା ଏସିଇ ସମେତ ଗାଈ ଜବତ

**ବାଲିଅନ୍ତା, ୨୬।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବାଲିଅନ୍ତା ଥାନା ପ୍ରତାପରୁଦ୍ରପୁର ପଞ୍ଚାୟତ ଅଧୀନ ନୂଆସାହି ୬ ନମ୍ବର ୱାର୍ଡର ରବି ମଲ୍ଲିକ ଓ ଡମେଇ ମଲ୍ଲିକଙ୍କର ୨ଟି ଗାଈଙ୍କୁ ସାହେବନଗର ବସ୍ତିର ୩ ଜଣ ଯୁବକ ୨ଟି ଟାଟା ଏସ ଗାଡ଼ିରେ ଲୁଟ କରି ନେଉଥିବା ବେଳେ ଗ୍ରାମବାସୀ ଗୋଟିଏ ଟାଟା ଏସ ଅଟକାଇବାରେ ସଫଳ ହୋଇଥିଲେ । ଏହା ସହିତ ବେଲ ଖାଁ ନାମକ ଜଣେ ଲୁଟେରାକୁ କାବୁ କରି ନେଇଥିଲେ । ହେଲେ ଅନ୍ୟ ୨ ଲୁଟେରା ବବୁଲୁ ଖାଁ ଓ ଇମ୍ରାନ ଆଉ ଏକ ଟାଟା ଏସରେ ଆଉ ଗୋଟିଏ ଗାଈ ନେଇ ପଳାଇଥିଲେ । ପୁଲିସ ଅନ୍ୟ ୨ ଲୁଟେରା ସମେତ ଟାଟା ଏସ ଜବତ କରିବାରେ ବିଫଳ ହୋଇଛି ।

# ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା କରାଇବାରେ ଅହେତୁକ ବିଳମ୍ବ

**ବେତନଟୀ, ୨୬।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ବାରମ୍ବାର ତୃତୀୟ ଓ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା କରାଇବାରେ ଅହେତୁକ ବିଳମ୍ବ ସଂପର୍କରେ ସମ୍ବାଦପତ୍ର ପୃଷ୍ଠାରେ ଦୀର୍ଘ ବର୍ଷ ଧରି ପ୍ରତିକ୍ରିୟା ପ୍ରକାଶ ପାଇଚାଲିଛି । ପଞ୍ଚମ ଶ୍ରେଣୀ ପରୀକ୍ଷା ପରିଚାଳନା କରୁଥିବା ଓଡିଶା ମାଧ୍ୟମିକ ଶିକ୍ଷାବୋର୍ଡ, କଟକ ଏବଂ ୩ୟ ଶ୍ରେଣୀବୃତ୍ତି ପରୀକ୍ଷା କରାଇବା ଦାୟିତ୍ୱରେ ଥିବା ଜିଲ୍ଲା ଶିକ୍ଷା ମଣ୍ଡଳାଧୀଶଗଣଙ୍କର ଏଥି ପ୍ରତି ଭ୍ରୂକ୍ଷେପ ନାହିଁ । ଫଳତଃ ନିରୀହ ଅଭିଭାବକ ଓ କୋମଳମତି ଛାତ୍ରଛାତ୍ରୀଗଣ ମାନସିକ ଭାବେ ନିର୍ଯାତିତ ହୁଅନ୍ତି । ସେମାନେ ଗୁହାରୀ କରିବେ, କାହାକୁ ବହୁ ବିଳମ୍ବରେ ସେପ୍ଟେମ୍ବର ମାସ ସୁଦ୍ଧା ଗତ ଶିକ୍ଷାବର୍ଷର ପଞ୍ଚମମ ଶ୍ରେଣୀ ବୃତ୍ତି ପରୀକ୍ଷାଟି ସମ୍ପନ୍ନ ହୋଇଛି, ହେଲେ ଅଧିକାଂଶ ବ୍ଲକ୍ ରେ ଏହାର ଫଳାଫଳ ଏଯାବତ୍ ପ୍ରକାଶ ପାଇନାହିଁ । ଏଣେ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା କେବେ ହେବ, ଏକଥା ବ୍ଲକ୍ ଶିକ୍ଷାଧିକାରୀଗଣଙ୍କୁ ଜଣାନାହିଁ । ଏଣେ ଚଳିତ ଶିକ୍ଷାବର୍ଷର ଅଧାପାଠ୍ୟକ୍ରମ ଶେଷକରି ୨ୟ ଆସେସମେଣ୍ଟ ପରୀକ୍ଷାଦେଇ ସାରିଥିବା ମେଧାବୀ ଛାତ୍ରଛାତ୍ରୀମାନେ, ଗତବର୍ଷର ପାଠପଢି ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଦେବେ, ଏହା କେଉଁ ନ୍ୟାୟର ବିଷୟ । ଏହାର ସୁସମାଧାନ କରି ଅବିଳମ୍ବେ ଉକ୍ତ ପରୀକ୍ଷା କରାଯିବାକୁ ନିମ୍ନ ମାଧ୍ୟମିକ ଶିକ୍ଷକନେତା ସଚ୍ଚିଦାନନ୍ଦ ମହାନ୍ତି ଦୃଢଦାବି ଜଣାଇଛନ୍ତି ।

# ପେଶାଦାର ନିଶା ବେପାରୀ ଶୁଶାନ୍ତ ସେଠ୍ ଗିରଫ

**ଜଗତସିଂହପୁର, ୨୬।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ବାଲିକୁଦା ଥାନା ଅନ୍ତର୍ଗତ ତେନ୍ତୁଳିବେଲାରୀ ନିକଟସ୍ଥ ବ୍ରାହ୍ମଣ୍ଡି ଅଞ୍ଚଳର ଜଣେ ନିଶା ମାଫିଆଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ରେଞ୍ଜ । ଯାଞ୍ଚ ପରେ ତାଙ୍କ ପାଖରୁ ୨୨ ଗ୍ରାମର ହେରୋଇନ୍ ଜବତ ହୋଇଛି ।

ସୂଚନାଯୋଗ୍ୟ ଯେ ବ୍ରାହ୍ମଣ୍ଡି ଗ୍ରାମର ଶୁଶାନ୍ତ ସେଠ୍ ଜଣେ ପେଶାଦାର ନିଶା ବ୍ୟବସାୟୀ । ଦୀର୍ଘ ଦିନ ଧରି ହେରୋଇନ ବ୍ୟବସାୟରେ ସଂପୃକ୍ତ ଥିବାବେଳେ ପୂର୍ବରୁ ବହୁବାର ଅବକାରୀ ବିଭାଗ ଦ୍ୱାରା ଗିରଫ ହୋଇ ଜେଲ୍ ଯାଇଛନ୍ତି । କିଛିଦିନ ତଳେ ଜେଲରୁ ଫେରି ପୁଣି ହେରୋଇନ ବ୍ୟବସାୟରେ ଲିପ୍ତ ଥିବାବେଳେ ଅବକାରୀ ବିଭାଗର ସ୍କାନରେ ଥିଲେ ଅଭିଯୁକ୍ତ । ଅଭିଯୁକ୍ତଙ୍କୁ ଧରିବା ପାଇଁ ଅବକାରୀ ଅଧିକ୍ଷିକା ଶ୍ରୀମତୀ ଅନିତା ପ୍ରଧାନଙ୍କ ନିର୍ଦ୍ଦେଶରେ ଉପ-ଅଧିକ୍ଷିକା ଆଦ୍ୟାଶା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅବକାରୀ ବିଭାଗର ବଛାବଛା ଅଫିସରମାନଙ୍କୁ ନେଇ ଏକ ଟିମ ଗଠନ ହୋଇଥିଲା ଯାହାର ନେତୃତ୍ୱ ନେଇଥିଲେ ଇନ୍ସପେକ୍ଟର ଶ୍ରୀକାନ୍ତ ପଟ୍ଟନାୟକ । ସୋମବାର ଦିନ ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ହେରୋଇନ୍ ରଖିଥିବାର ସୂଚନା ପାଇବା ପରେ ଗ୍ରାହକଙ୍କ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲେ ଅବକାରୀ ବିଭାଗର କର୍ମଚାରୀ ଏବଂ ଡିଲ୍ ବେଳେ ଅଭିଯୁକ୍ତଙ୍କୁ ମାଡିବସିଥିଲେ । ଗିରଫ ଅଭିଯୁକ୍ତ ଜଣକ ହେଲେ ଶୁଶାନ୍ତ ସେଠ୍ । ଜବତ ହେରୋଇନର ଆନୁମାନିକ କଳାବଜାରୀ ମୂଲ୍ୟ ପ୍ରାୟ ୨,୨୦,୦୦୦ ଟଙ୍କା ହେବ । ଅଭିଯୁକ୍ତଙ୍କ ବିରୁଦ୍ଧରେ ଏନ୍ ଡି ପି ଏସ୍ ଆକ୍ଟ ୧୯୮୫ ଅନୁସାରେ ମାମଲା ରୁଜୁ କରାଯାଇ ଜିଲ୍ଲା ଦୌରାଜଜ ଜଗତସିଂହପୁରଙ୍କ କୋର୍ଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରି ୧୪ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି । ଏହି ଅଭିଯାନରେ ବାଲିକୁଦା ଅବକାରୀ ଥାନାର ସବ୍‌ଇନ୍ସପେକ୍ଟର ରବି ବେହେରା, ଭ୍ରାମ୍ୟମାଣ ସଂସ୍ଥାର ଏ ଏସ୍ ଆଇ ସନ୍ତୋଷ ନାୟକ, କନଷ୍ଟେବଳ ଜୟଦେବ ପାତ୍ର, ଦୀନବନ୍ଧୁ ସେଠୀ, ଅନୁରାଗ ସୂର୍ଯ୍ୟବଂଶୀ ପ୍ରମୁଖ ସାମିଲ ଥିଲେ । ଜଗତସିଂହପୁର ଅଞ୍ଚଳରେ ହେରୋଇନ୍ ବ୍ୟବସାୟକୁ ଦମନ କରିବାକୁ ସ୍ୱତନ୍ତ୍ର ଅପରେସନ୍ ଚାଲିଥିବାର ପ୍ରକାଶ କରିଛନ୍ତି ଜଗତସିଂହପୁର ଅବକାରୀ ଅଧିକ୍ଷିକା ଶ୍ରୀମତୀ ଅନିତା ପ୍ରଧାନ ।

## ବାଲି ବୋଝେଇ ୩ଟି ହାଇୱା ଜବତ, ୩ ଗିରଫ

**ବୁଗୁଡ଼ା, ୨୬।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଡେଙ୍ଗାପଦର ଓ ପୋଚାଲୁଣ୍ଡି ରାସ୍ତାରେ ବେଆଇନ ବାଲି ବୋଝେଇ ତିନୋଟି ହାଇୱାକୁ ଜବତ ସହ ତିନି ଜଣଙ୍କୁ ଗିରଫ କରାଯାଇଥିବା ଜଣାଯାଇଛି । ଗିରଫ ତିନିଜଣ ହେଲେ ଖଲିକୋଟ ଥାନା ଅନ୍ତର୍ଗତ ଡାଲିପଟି ଗ୍ରାମର ଶଙ୍କର ଗୌଡ, କୋଦଳା ଥାନା ଅନ୍ତର୍ଗତ ଭବାନିପୁର ଗ୍ରାମର ଗନ୍ତାୟତ ଗୌଡ ଓ ବେଗୁନିଆପଡ଼ା ଥାନା ଅନ୍ତର୍ଗତ ବିରିବାଟିଆ ଗ୍ରାମର ନାରାୟଣ ପ୍ରଧାନ । ଏ ନେଇ ଯଥାକ୍ରମେ କେସ୍ ନଂ ୭୩୮/୨୫, ୭୩୯/୨୫ ଓ ୭୪୦/୨୫ରେ ତିନୋଟି ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି ।

ପ୍ରକାଶ ଯେ, ଗତ ରବିବାର ରାତିରେ ବାଲିପଦର ଫାଣ୍ଡି ଅଧିକାରୀ କେ.ନୀଳାଦ୍ରି ରେଡିଙ୍କ ନେତୃତ୍ୱରେ ପୋଲିସ ପାଟ୍ରୋଲିଂ ଚାଲିଥିବା ବେଳେ ବେଆଇନ ବାଲି ବୋଝେଇ ତିନୋଟି ହାଇୱା ବେଲଗୁଣ୍ଠାରୁ ବାଲିପଦର ଅଭିମୁଖେ ଆସୁଥିବା ନେଇ କୌଣସି ସୂତ୍ରରୁ ଖବର ମିଳିଥିଲା । ତେବେ ରାଜ୍ୟ ରାଜପଥ–୩୦ରେ ଆସୁଥିବା ସେହି ବାଲି ବୋଝେଇ ହାଇୱା ତିନୋଟିକୁ ଡେଙ୍ଗାପଦର ଓ ପୋଚାଲୁଣ୍ଡି ରାସ୍ତା ମଝିରେ ପୋଲିସ ସେଗୁଡିକୁ ଅଟକାଇଥିଲା । ଯାଞ୍ଚ ବେଳେ ଗାଡିଗୁଡିକର ବାଲି ଚାଲାଣ ସମ୍ପର୍କିତ କୌଣସି କାଗଜପତ୍ର ନଥିଲା ଏବଂ ଦୀର୍ଘ ଦିନ ହେଲା ବାଲି ଚୋରାଚାଲାଣରେ ଲିପ୍ତଥିବା ଜଣାପଡିଥିଲା । ତେବେ ଗିରଫ ତିନିହେଁଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି ।

## ଚହଲାପଦା ଓ କମଳାଶୋଳରୁ ବ୍ୟାପକ ପୋଚ ଓ ଚୋରା ଦେଶି ମଦ ଜବତ

**ବୈଶିଙ୍ଗା, ୨୬।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**



ବେତନଟୀ ଅବକାରୀ ଥାନା ଅଧୀନରେ ବ୍ୟାପକ ଭାବେ ଚୋରା ଦେଶି ଓ ବିଦେଶୀ ତଥା ନକଲି ମଦର ବ୍ୟାପକ କାରବାର ଚାଲିଛି । ଅବକାରୀ ବିଭାଗ ନିକଟରେ ଚଢ଼ାଉ କରି ବ୍ୟାପକ ପରିମାଣର ପୋଚ ଓ ଦେଶି ରନ୍ଧାମଦ ଜବତ କରି ନଷ୍ଟ କରୁଛି । ତଥାପି ଚୋରା ବ୍ୟବସାୟୀ ମାନେ କ୍ଷତି ସହିବାପରେ ମଧ୍ୟ ପୁଣି ସେହି ବ୍ୟବସାୟକୁ ଆପଣେଇ ନେଇଛନ୍ତି । ମଙ୍ଗଳବାର ବିଶେଷସୂତ୍ରରୁ ଖବର ପାଇ ଜିଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁର ବେତନଟୀ ଅବକାରୀ ଅଧିକାରୀଙ୍କୁ ଅବଗତ କରାଇଥିଲେ । ବେତନଟୀ ଅବକାରୀ ଅଧିକାରୀ ପ୍ରଦୀପ ବେହେରା ଖୁଣ୍ଟା ଅଧିକାରୀ କୃଷ୍ଣଚନ୍ଦ୍ର ସେଠୀ, ଉଦଳା ଏଏସଆଇ ଏସ ରବୀନ୍ଦ୍ର ରେଡିଙ୍କ ସମେତ ବିଭାଗୀୟ କର୍ମଚାରୀମାନଙ୍କ ସହିତ ବଡ଼ସାହି ଥାନା ଅଧୀନ ଚହଲାପଦା ନିକଟସ୍ଥ ଜଙ୍ଗଲରୁ ରନ୍ଧା ଚାଲିଥିବା ଦେଶିମଦ ସମେତ ୩୨୦ଲିଟର ଦେଶି ମଦ ଓ ମଦ ତିଆରି ନିମନ୍ତେ ପ୍ରସ୍ତୁତ ଥିବା ୩୨ଶହ କେଜି ପୋଚ ଜବତ କରିବା ସହ ନଷ୍ଟ କରିଥିଲେ । ସେହିପରି ବଡ଼ସାହି ଥାନା ଅଧୀନ କମଳାଶୋଳ ରେ ଚଢ଼ାଉ କରି ୪୨ଶହ କେଜି ପୋଚ ଓ ୪୭୦ ଲିଟର ରନ୍ଧା ମଦ ଜବତ କରି ନଷ୍ଟ କରିଥିବା ଜଣାଯାଇଛି । ଏତଦ ବ୍ୟତିତ ଚୋରା ମଦ ପ୍ରସ୍ତୁତ ହେଉଥିବା ସରଞ୍ଜାମକୁ ମଧ୍ୟ ନଷ୍ଟ କରିଥିବା ଜଣାଯାଇଛି ।

## ବାତ୍ୟା ଆସୁଥିବାରୁ ଚାଷୀମାନେ ଚିନ୍ତାରେ



**କଣାସ, ୨୬।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲାର କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାବେଳେ ଏହା ଖାଲୁଆ ଅଞ୍ଚଳଭାବେ ପରିଚିତ । ଏଠାରେ ବେଙ୍ଗ ମୁତିଲେ ପାଣି ଜମି ରହେ ବୋଲି ପ୍ରବାଦ ଅଛି । କଣାସ ବ୍ଲକର ଅଶି ଭାଗ ଲୋକ ଚାଷ ଉପରେ ନିର୍ଭର କରନ୍ତି । ପ୍ରତିବର୍ଷ ବନ୍ୟା ଓ ମରୁଡି ଦାଉ ସାଧୁଥିବାରୁ କଣାସା ବ୍ଲକର ଚାଷୀମାନଙ୍କ ମେରୁଦଣ୍ଡ ଭାଙ୍ଗିପଡିଛି । ପ୍ରତିବର୍ଷ ଫସଲ କ୍ଷତିଗ୍ରସ୍ତ ହେଉଥିବାରୁ ଅନେକ ଚାଷୀ ପରିବାର ପ୍ରତିପୋଷଣ ପାଇଁ ଦାଦନ ଶ୍ରମିକ ଭାବେ ବାହାର ରାଜ୍ୟକୁ ଯାଇ ନିର୍ଯାତିତ ହେଉଥିବା ଧୈନନ୍ଦିନ ଘଟଣା ହୋଇପଡିଛି । ବର୍ତ୍ତମାନ ଶାରଦ ଧାନ ଫସଲ ଜମି ପାଚି ଆସିଥିବାବେଳେ ସାମୁଦ୍ରିକ ବାତ୍ୟା ଆସୁଥିବା ବିଭିନ୍ନ ସମ୍ବାଦ ପତ୍ର ଏବଂ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରଚାର କରାଯାଉଥିବାରୁ କଣାସ ଅଞ୍ଚଳର ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଯଦି ଲଘୁଚାପ ଜନିତ ବର୍ଷା ହୋଇଯାଏ ପାଚିଲା ଧାନ ଜମିରେ ମହି ଦେବ ବୋଲି ଚାଷୀମାନେ କହୁଛନ୍ତି ।

**ଜଙ୍ଗଲ–ପରିବେଶ ଆଇନ୍‌ର ମହାଉଲ୍ଲଂଘନ !**

# ଭିସିଆଇ କେମିକାଲ ବିରୋଧରେ ଏନ୍‌ଜିଟିର କଡା ତଦନ୍ତ ଆଦେଶ

**କଳିଙ୍ଗନଗର, ୨୬।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



କଳିଙ୍ଗନଗରରେ ଭିସିଆଇ କେମିକାଲ କମ୍ପାନୀ ଦ୍ୱାରା ଜଙ୍ଗଲ ଜମିରେ ବେଆଇନ ଭାବରେ କୋଲ୍ଟାର କାରଖାନା ନିର୍ମାଣ, ବିପୁଳ ଗଛ କଟା ଓ ଅନେକ ପରିବେଶୀୟ ଆଇନ ଉଲ୍ଲଂଘନକୁ ନେଇ ସୁବ୍ରତ କୁମାର ସାହୁ ଦାଖଲ କରିଥିବା ଅଭିଯୋଗକୁ ଏନେଇ ଗୁରୁତ୍ୱ ସହ କୋର୍ଟ ଗ୍ରହଣ କରିଛି । ଜଷ୍ଟିସ୍ ଅରୁଣ କୁମାର ତ୍ୟାଗି ଓ ଜୁଡିସିଆଲ୍ ମେମ୍ବର ଈଶ୍ୱର ସିଂ 'କଠୋର ତଦନ୍ତ' ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।୨୨ ଏକରରୁ ୧୧ ଏକର–ଜଙ୍ଗଲ ଜମି! ତଥ୍ୟ ଲୁଚାଇ ବେଆଇନ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି । ଜଖପୁରା ଓ କଚେରୀଗାଁ ମୌଜାର ୨୨ ଏକର ଲିଜ୍ ଜମିରୁ ୧୧ ଏକର ବନଜମି ଥିବା ତଥ୍ୟକୁ କମ୍ପାନୀ ଚାତୁରାତର ଭାବରେ ଲୁଚାଇ ରଖିଛି, କେନ୍ଦ୍ର ସରକାରଙ୍କ ଅନୁମତି ବିନା ବେଆଇନ ଭାବରେ କାରଖାନା ନିର୍ମାଣ ଚାଲାଇଥିବା ଅଭିଯୋଗ ଭଲଭାବେ ପ୍ରମାଣିତ ହେଉଛି । ୪୦ ହଜାରରୁ ଅଧିକ ଗଛ ବିନା ଅନୁମତି ବିନା ବେଆଇନ କାଟାଯାଇଥିବା ଅଭିଯୋଗ ମଧ୍ୟ ଗୁରୁତର ଆସୁଛି । କାରଖାନା ପରିସରରେ ଥିବା ମୋରମ୍ ଉତ୍ତୋଳନରେ ବି ମହାଦୁର୍ନୀତିରୁ ଦୈନିକ ଶହ ଶହ ଟ୍ରିପ୍–ବେଆଇନ ଚାଲାଣ କମ୍ପାନୀ ପରିସରରୁ ବିପୁଳ ପରିମାଣରେ ମୋରମ୍ ଉତ୍ତୋଳନ କରି ଜିଲ୍ଲା ଓ ରାଜ୍ୟ ବାହାରକୁ ବେଆଇନ ଚାଲାଣ ହେଉଥିବା ଅଭିଯୋଗ ଆସିଛି । ଏହି ମାମଲାରେ ଖଣିଜ ବିଭାଗ କେବଳ ୪୭ ଲକ୍ଷ ଜୋରିମାନା ଲଗାଇଥିବା ସତ୍ତ୍ୱେ, କୋଟି କୋଟି ଟଙ୍କାର ମୋରମ୍ ଚାଲାଣ ହୋଇଥିବା ଅଭିଯୋଗ ଉଠିଛି । ଏନ୍‌ଜିଟିର ଏହା ଉପରେ ଗୁରୁତ୍ୱର ଶହ ନେଇ କଡା ତଦନ୍ତ ଆଦେଶ– ଡ୍ରୋନ୍ ସର୍ଭେ ଆବଶ୍ୟକ ଅଟେ । ଏନ୍‌ଜିଟି ଏମଓଇଏଫସିସି, ସିପିସିବି, ଓଏସ୍‌ପିସିବି ଓ ଯାଜପୁର ଜିଲ୍ଲାପାଳଙ୍କୁ ନେଇ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରିବାକୁ ଆଦେଶ ଦେଇଛି । ଦୁଇ ସପ୍ତାହ ମଧ୍ୟରେ ଡ୍ରୋନ୍ କ୍ୟାମେରାଦ୍ୱାରା ସର୍ଭେ, ମୋରମ୍ ଉତ୍ତୋଳନର ବାସ୍ତବ ତଥ୍ୟ, ଓ ସ୍ଥାନୀୟଙ୍କ ମତାମତ ସଂଗ୍ରହ କରି ଡିସେମ୍ବର ୧୨ରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି । ରେଡ୍ କ୍ୟାଟାଗୋରି କମ୍ପାନୀ–ଜନସ୍ୱାସ୍ଥ୍ୟ ପାଇଁ ବିପଦ ସଙ୍କେତ ସୃଷ୍ଟି କରିଛି । ସିପିସିବି ଅନୁଯାୟୀ, କୋଲଟାର କାରଖାନା ରେଡ୍ କ୍ୟାଟାଗୋରିରେ ପଡ଼େ – ଯାହାଦ୍ୱାରା ପଲି ସାଇକ୍ଲିକ ଆରୋମାଟିକ୍, ହାଇଡ୍ରୋକାର୍ବନ, ଫିନୋଲ୍, ନାଫଥାଲିନ୍ ଡେରିଭେଟିଭ୍ସ ଭଳି ବିଷାକ୍ତ ପ୍ରଦୂଷକ ଉତ୍ପନ୍ନ ହେବ । ଅଭିଯୋଗକାରୀଙ୍କ ଦାବି – କାରଖାନା ଚାଲୁ ହେଲେ କର୍କଟ ସହିତ ମାରାତ୍ମକ ରୋଗ ବଢ଼ିବ ସ୍ଥାନୀୟ ଜଳ, ବାୟୁ, ମାଟି ଓ ବନ୍ୟପ୍ରାଣୀ ଉପରେ ଗଭୀର ପ୍ରଭାବ ପଡିବ । କମ୍ପାନୀ ପାଇଁ ବଢୁଛି ଆଇନ କାନୁନର ଖୋଲା ସଙ୍କଟଅଭିଯୋଗ ଅନୁଯାୟୀ, ବେଆଇନ ନିର୍ମାଣ କାରଣରୁ – କ୍ଲୋଜର୍ ନୋଟିସ୍ ଜାରି ହେବା, ସିଏଫ୍‌ଓ/ସିଟିଓ ପ୍ରଦାନ ନକରିବା,ସମସ୍ତ ଲିଜ୍ ଜମି ଫେରାଇ ନେବା, ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କ୍ରିମିନାଲ୍ ମାମଲା ରୁଜୁ କରିବା ପର୍ଯ୍ୟନ୍ତ ପରିସ୍ଥିତି ଗୁରୁତର ହେବା ସମ୍ଭାବନା ରହିଛି । ପରବର୍ତ୍ତୀ ଶୁଣାଣି–୧୫ ଡିସେମ୍ବର ଫ୍ୟାକ୍ଟ–ଫାଇଣ୍ଡିଂ ରିପୋର୍ଟ ଆସିବା ପରେ ଭିସିଆଇ କେମିକାଲର ଭବିଷ୍ୟତ ନିର୍ଦ୍ଦିଷ୍ଟ ହେବ । ଆବେଦନକାରୀଙ୍କ ପକ୍ଷରେ ବରିଷ୍ଠ ଆଇନଜୀବୀ ପିନାକୀ ମିଶ୍ର ଓ କାମରାନ୍ ହାସେନ୍ ପକ୍ଷପାତ କରୁଛନ୍ତି ।

ଆମ ରାଜ୍ୟର ଲୋକେ ଆଶା ରଖିଥିଲେ– ଡବଲ ଇଂଜିନ ସରକାର ଆସିଲେ ଏସବୁ ସମସ୍ୟାର ସମାଧାନ ସହଜରେ ହୋଇଯିବ । ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲକୁ ଯିବା ପୂର୍ବରୁ ବିଜେପି କହୁଥିଲା ଆପୋଷ ଆଲୋଚନା ମାଧ୍ୟମରେ ସମାଧାନର ବାଟ ବାହାରିପାରିବ । ଯେତେବେଳେ ଆମ ରାଜ୍ୟରେ ବିଜେଡ଼ି ସରକାର ଥିଲା ଏବଂ ଛତିଶଗଡ଼ରେ ବିଜେପି ସରକାର ଶାସନ କରୁଥିଲା ସେ ସମୟରେ ଏଭଳି ପରାମର୍ଶ ଦେଉଥିଲେ ରାଜ୍ୟ ବିଜେପି ନେତାମାନେ । ଏବେ ତ ଦୁଇ ରାଜ୍ୟରେ ସମାନ ସରକାର ରହିଛି । କେନ୍ଦ୍ରରେ ମଧ୍ୟ ସେଇ ସମଗୋତ୍ରୀ ସରକାର । ତେଣୁ ଏ ଦୁଇଟି ସମସ୍ୟାର ସମାଧାନକୁ ବୋଧେ ଏଯାଏ ଗୁରୁତ୍ୱ ଦିଆଯାଇନି, ନହେଲେ ତ ଏ ଦୁଇ ସମସ୍ୟାର ସମାଧାନ ହୋଇସାରନ୍ତାଣି କେବେଠୁ ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୨୭ ନଭେମ୍ବର, ୨୦୨୫ | ଗୁରୁବାର

ଓଡ଼ିଶା ଏକ୍ସପ୍ରେସ୍

## ଆନ୍ଧ୍ରର ଅନୁପ୍ରବେଶ ଏବଂ ଛତିଶଗଡ଼ର ପାଣି ଅଟକ

**ଆ**ନ୍ଧ୍ରର ବାରମ୍ବାର ଓଡ଼ିଶା ଭିତରକୁ ଅନୁପ୍ରବେଶ ଏବଂ ଛତିଶଗଡ଼ର ମହାନଦୀ ପାଣି ଅଟକ ଆମ ରାଜ୍ୟ ପାଇଁ ଦୁଇଟି ବଡ଼ ସମସ୍ୟା ।

ବାରମ୍ବାର ତାଗିଦ୍ ସତ୍ତ୍ୱେ ଆନ୍ଧ୍ରର କୋଟିଆ ଦଖଲ ଅଭିଯାନ ଜାରି ରହିଛି । ଓଡ଼ିଶାର ପ୍ରବଳ ବିରୋଧର କୌଣସି ପ୍ରଭାବ ଆନ୍ଧ୍ର ଅଧିକାରୀଙ୍କ ଉପରେ ପଡୁନି । ଏଇ ସପ୍ତାହକ ମଧ୍ୟରେ ଦୁଇଥର ଅନୁପ୍ରବେଶ କରିସାରିଲାଣି ଆନ୍ଧ୍ର। ନିକଟରେ ଆନ୍ଧ୍ର ଅଧିକାରୀମାନେ ସୀମାନ୍ତ ଗାଁରେ କୃଷିମେଳା ଆୟୋଜନ କରିଥିଲେ । ଠିକଣା ସମୟରେ ପଟ୍ଟାଙ୍ଗି ବିଡ଼ିଓ ପହଞ୍ଚି ଆନ୍ଧ୍ର ଅଧିକାରୀମାନଙ୍କୁ ଜାଗା ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ । ବାରମ୍ବାର ତାଗିଦା ଓ ନିର୍ଦ୍ଦେଶ ସତ୍ତ୍ୱେ କାହିଁକି ଅନୁପ୍ରବେଶ ଜାରି ରହିଛି ଏ ପ୍ରଶ୍ନର କୌଣସି ଉତ୍ତର ଦେଇପାରିନଥିଲେ ଆନ୍ଧ୍ର ଅଧିକାରୀମାନେ । କଡ଼ା ବିରୋଧର ସମ୍ମୁଖୀନ ହୋଇ ଅଧିକାରୀମାନେ ଫେରିଯାଇଥିଲେ ।

ମହାନଦୀ ଜଳ ବିବାଦ ମଧ୍ୟ ଆଉ ଏକ ମୁଣ୍ଡବ୍ୟଥାର କାରଣ । ଏ ବିବାଦ ଟ୍ରିବ୍ୟୁନାଲକୁ ଯାଇଛି, ତେଣୁ କେବେ ରାୟ ଆସିବ ଏବଂ ସେଥିରୁ ଓଡ଼ିଶା କେତେ ଲାଭବାନ ହେବ ତାହା ହିଁ ମୂଳ ପ୍ରଶ୍ନ । ଓଡ଼ିଶାରେ ବିଜେପି ସରକାର ଆସିବା ପରେ ଆପୋଷ ବୁଝାମଣା ଭିତରେ ମହାନଦୀ ସମସ୍ୟାର ସମାଧାନ ହୋଇଯିବ ବୋଲି ଆଶା କରାଯାଉଥିଲା । କିନ୍ତୁ ସେ ଦିଗରେ ତତ୍ପରତା ଥିବାଭଳି ମନେହୁଏ ନାହିଁ । ମହାନଦୀ ଏବେଠୁ ଶୁଖିଲା, ତେଣୁ ଅସଲ ଗ୍ରୀଷ୍ମ ସମୟରେ ଅବସ୍ଥା କ'ଣ ହେବ ବେଶ୍ ଅନୁମାନ କରିହେଉଛି ।

ରାଜ୍ୟ ସରକାର ପ୍ରତିଟି ସହରକୁ ଏବଂ ଗାଁଗଣ୍ଡାର ଲୋକଙ୍କୁ କଳପାଣି ଯୋଗାଇ ଦେବାର ଲକ୍ଷ୍ୟ ରଖିଛନ୍ତି । କାମ ମଧ୍ୟ ଆରମ୍ଭ ହୋଇଛି । ପ୍ରଶ୍ନ ଉଠୁଛି ପାଣି ଆସିବ କୁଆଡୁ? କଟକ, ଭୁବନେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳକୁ ମହାନଦୀ, କାଠଯୋଡି ଏବଂ କୁଆଖିଆରୁ ହିଁ ପାଣି ଆସିଥାଏ । ମହାନଦୀ ଅନ୍ୟାନ୍ୟ ଶାଖା ନଦୀକୁ ପୁଷ୍ଟ କରେ। ତେଣୁ ମହାନଦୀରେ ପାଣି ନ ଆସିଲେ ଲୋକଙ୍କୁ କିଭଳି ପାଇପ୍ ଯୋଗେ ୨୪ ଘଣ୍ଟା ପାଣି ଯୋଗାଇ ଦିଆଯିବ ସେଇଟା ହିଁ ମୂଳ ପ୍ରଶ୍ନ । ମହାନଦୀ ଏବଂ ଏହାର ଶାଖାନଦୀଗୁଡ଼ିକ ଶୁଖିଯିବା ଫଳରେ ଏହା ଚାଷୀ ଏବଂ ମତ୍ସ୍ୟଜୀବୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି, ଜଳସ୍ତର ମଧ୍ୟ ତଳକୁ ତଳକୁ ଖସୁଛି । ଅନେକ ମତ୍ସ୍ୟଜୀବୀ ସେମାନଙ୍କ ଜୀବିକା ହରାଇଛନ୍ତି, ଯେଉଁମାନେ ଏଇସବୁ ନଈରୁ ମାଛ ମାରି ଗୁଜୁରାଣ ମେଣ୍ଟାଉଥିଲେ ସେମାନେ ଏବେ ମୂଲ ଲାଗିଲେଣି ।

ଏଇଠି ପ୍ରଶ୍ନ ଉଠୁଛି– ଓଡ଼ିଶାରେ ବିଜେପି ସରକାର ରହିଛି । ଛତିଶଗଡ଼ରେ ମଧ୍ୟ ବିଜେପି ସରକାର, ଆନ୍ଧ୍ରରେ ମଧ୍ୟ ବିଜେପି ସମର୍ଥିତ ସରକାର । ତେଣୁ ଏ ଦୁଇଟି ସମସ୍ୟାର ସମାଧାନ ସହଜରେ ହୋଇପାରନ୍ତା । ପ୍ରଧାନମନ୍ତ୍ରୀ ମୋଦୀଙ୍କ ପରାମର୍ଶରେ ହିଁ ବିଜେପି ଶାସିତ ରାଜ୍ୟଗୁଡ଼ିକରେ ସବୁପ୍ରକାର ବିକାଶ ଚାଲିଛି । ବିଜେପି ଶାସିତ ରାଜ୍ୟଗୁଡ଼ିକ ଉପରେ କେନ୍ଦ୍ର ବିଜେପିର ଦବ୍‌ଦବା ସବୁବେଳେ ଥାଏ । ତେଣୁ ମହାନଦୀ ସମସ୍ୟା ଏବଂ ଆନ୍ଧ୍ରର ଅନୁପ୍ରବେଶ ଭଳି ସମସ୍ୟର ସମାଧାନ କେନ୍ଦ୍ର ଚାହିଁଲେ ଆପୋଶ ଆଲୋଚନା ମଧ୍ୟରେ ହୋଇପାରିବ । ପ୍ରଧାନମନ୍ତ୍ରୀଙ୍କ ପରାମର୍ଶକୁ ବୋଧେ କେହି ଏଡ଼େଇ ଦେଇପାରିବେନି ।

ଆମ ରାଜ୍ୟର ଲୋକେ ଆଶା ରଖିଥିଲେ– ଡବଲ ଇଂଜିନ ସରକାର ଆସିଲେ ଏସବୁ ସମସ୍ୟାର ସମାଧାନ ସହଜରେ ହୋଇଯିବ । ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲକୁ ଯିବା ପୂର୍ବରୁ ବିଜେପି କହୁଥିଲା ଆପୋଷ ଆଲୋଚନା ମାଧ୍ୟମରେ ସମାଧାନର ବାଟ ବାହାରିପାରିବ । ଯେତେବେଳେ ଆମ ରାଜ୍ୟରେ ବିଜେଡ଼ି ସରକାର ଥିଲା ଏବଂ ଛତିଶଗଡ଼ରେ ବିଜେପି ସରକାର ଶାସନ କରୁଥିଲା ସେ ସମୟରେ ଏଭଳି ପରାମର୍ଶ ଦେଉଥିଲେ ରାଜ୍ୟ ବିଜେପି ନେତାମାନେ । ଏବେ ତ ଦୁଇ ରାଜ୍ୟରେ ସମାନ ସରକାର ରହିଛି । କେନ୍ଦ୍ରରେ ମଧ୍ୟ ସେଇ ସମଗୋତ୍ରୀ ସରକାର । ତେଣୁ ଏ ଦୁଇଟି ସମସ୍ୟାର ସମାଧାନକୁ ବୋଧେ ଏଯାଏ ଗୁରୁତ୍ୱ ଦିଆଯାଇନି, ନହେଲେ ତ ଏ ଦୁଇ ସମସ୍ୟାର ସମାଧାନ ହୋଇସାରନ୍ତାଣି କେବେଠୁ ।

# ପ୍ରକୃତିର ନିୟମ କାହାକୁ ଛାଡ଼େ ନାହିଁ

### ସତ କହିବାକୁ କିଆଁ ଡରିବି

◆ ଅମ୍ବିକା ପ୍ରସାଦ ଦାସ ◆

**ନବୀନବାବୁଙ୍କର ଏବେ ପରିଣତ ବୟସ । ୨୦୨୪ରେ ବିଜେଡି ତାଙ୍କ ନେତୃତ୍ୱରେ କ୍ଷମତାଚ୍ୟୁତ ହେଲା, ୨୦୨୫ ଉପନିର୍ବାଚନରେ ଦଳ ତୃତୀୟ ସ୍ଥାନକୁ ଚାଲିଗଲା, ପାର୍ଲାମେଣ୍ଟରେ ଖାତା ବି ଖୋଲି ନପାରିବା ତାଙ୍କ ପାଇଁ ଯେ ନିଶ୍ଚେ ଯନ୍ତ୍ରଣାଦାୟକ ଏଥିରେ ସନ୍ଦେହ ନାହିଁ । ଏତିକି ବେଳେ ସେ ଟିକେ ପଛକଥା ଭାବିବା ଉଚିତ୍ । ତାଙ୍କ ଦ୍ୱାରା ଆଘାତପ୍ରାପ୍ତ ଲୋକମାନେ ଆଘାତ ପାଇଲା ବେଳେ କେତେ କଷ୍ଟ ପାଇ ନଥିବେ!!**

**ଦୁ**ଇଦଶନ୍ଧିରୁ ଉର୍ଦ୍ଧ୍ୱ କାଳ ଧରି ନିଜକୁ ଅପରାଜେୟ ଭାବୁଥିବା ନବୀନ ପଟ୍ଟନାୟକ ୨୦୨୪ ସାଧାରଣ ନିର୍ବାଚନରେ ଦୁଇଟିରୁ ଗୋଟିଏ ଆସନରେ ପରାଜୟ ବରଣ କଲେ । ଏଥିସହିତ ରାଜ୍ୟରେ ଶାସନ ପାଇଁ ଆସନ ମିଳିଲାନି ତାଙ୍କ ଦଳକୁ । ସଦ୍ୟ ଅନୁଷ୍ଠିତ ନୂଆପଡ଼ା ଉପନିର୍ବାଚନରେ ତାଙ୍କ ଦଳ ହାତରେ ଥିବା ଆସନ ଖାଲି ଯେ ବିଜେପି ପାଖକୁ ଚାଲିଗଲା ତା' ନୁହେଁ କଂଗ୍ରେସଠୁ ବି ପଛରେ ରହିଲେ ତାଙ୍କ ପ୍ରାର୍ଥୀ । ଏପରି ଶୋଚନୀୟ ପରାଜୟ ନବୀନବାବୁଙ୍କୁ ଭୀଷଣ ଆଘାତ ଦେଇନଥିବ? ଏହି ପ୍ରଶ୍ନ କରିଥିଲେ ଜଣେ ପ୍ରିୟଜନ ନୂଆପଡ଼ା ଉପନିର୍ବାଚନ ଫଳାଫଳ ଘୋଷଣା ପରେପରେ ।

ମୁଁ ତାଙ୍କ କଥାରେ ଅସମ୍ମତ ହେବାର କିଛି ନଥିଲା । ତେବେ ପାଲଟା ପଚାରିଲି– ୨୫ ବର୍ଷ ତଳେ ନିଜ ହାତଗଢ଼ା ଦଳର ଟିକେଟ୍ ଯେତେବେଳେ ତାଙ୍କଠୁ ଛଡ଼ାଇ ନିଆଯାଇଥିଲା ସେତେବେଳେ କେତେ ବାଧୁନଥିବ ବିଜୟ ମହାପାତ୍ରଙ୍କୁ? ଯେତେବେଳେ ଦୁର୍ନୀତିର ଛାଇ ପଡ଼ିଥିବା କହି ବିଜେଡିର କାର୍ଯ୍ୟକାରୀ ସଭାପତି ତଥା ସରକାରର ବରିଷ୍ଠ ମନ୍ତ୍ରୀ ନଳିନୀ ମହାନ୍ତିଙ୍କୁ ଅତର୍କିତ ଭାବେ ସରକାର ଓ ଦଳରୁ ବହିଷ୍କାର କରାଗଲା ତାଙ୍କୁ କେତେ ବାଧୁନଥିବ? ଦୀର୍ଘ ୧୨ ବର୍ଷ ଧରି ବିଜେଡି ଓ ସରକାରକୁ ସମ୍ଭାଳିଥିବା ପ୍ୟାରୀମୋହନ ମହାପାତ୍ର ଯେତେବେଳେ 'ବେଇମାନ'ର ପରିଚୟ ପାଇ ହଠାତ୍ ନିଃସଙ୍ଗ ହୋଇଯାଇଥିବେ ସେତେବେଳେ ତାଙ୍କୁ କେତେ ବାଧୁନଥିବ !!

କ୍ଷମତା ଓ ପ୍ରତିପତ୍ତି କାରଣରୁ ଆଜି ଯିଏ କାହାକୁ ଆଘାତ ଦେଇ ଆମୋଦିତ ହୁଏ କାଲି ସେ ଆଘାତପ୍ରାପ୍ତ ହେବାଟା ଥୟ । ଏହା ପ୍ରକୃତିର ନିୟମ । ସମୟ ଅନୁସାରେ ସମସ୍ତଙ୍କ ପାଇଁ ଫଳ ନିର୍ଦ୍ଧାରିତ ହୋଇଛି, ହେଉଛି, ହେଉଥିବ ମଧ୍ୟ, ଏଥିରେ କହିବାର କ'ଣ ଅଛି?

୧୯୯୯ ମସିହା ମହାବାତ୍ୟା ପରେ ପରେ ସେତେବେଳର କଂଗ୍ରେସ ସରକାର ପାଇଁ ଭୀଷଣ ସଂକଟ ମାଡ଼ି ଆସିଲା । ବିକଳ୍ପ ଭାବେ ଉଭା ହୋଇଥିଲା ବିଜୁବାବୁଙ୍କ ନାମରେ ଗଢ଼ା ହୋଇଥିବା ବିଜେଡି । ଏହି ଦଳର ଅନ୍ୟତମ ସ୍ରଷ୍ଟା ଥିଲେ ବିଜୟ ମହାପାତ୍ର । ଦଳ ଗଢ଼ିବାଠୁ ଆରମ୍ଭ କରି, ବିଜେପି ସହ ମେଣ୍ଟ କରିବାରେ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ ବିଜୟ ମହାପାତ୍ର । ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ନୂଆ ସରକାରର ରୂପରେଖ ପ୍ରସ୍ତୁତ କରୁଥିବା ବେଳେ ସେଇ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଅତର୍କିତ ଚୋଟ୍ ଖାଇଥିଲେ ବିଜୟ ମହାପାତ୍ର । ନାମାଙ୍କନ ଦାଖଲର ଶେଷ ମୁହୂର୍ତ୍ତରେ ଶ୍ରୀ ମହାପାତ୍ରଙ୍କ ପାଖରୁ ବିଜେଡି ଟିକେଟ୍ କାଢ଼ି ନେଇଥିଲେ ନବୀନ ବାବୁ । ପରିସ୍ଥିତି ଏମିତି ହେଲା ଯେ ସରକାରର ଅଂଶ ହେବେ କ'ଣ ଭୋଟ୍ ଲଢ଼ିବାର ସୁଯୋଗ ବି ପାଇଲେନି ସେ । ଯେଉଁ ଦଳ ଗଢ଼ିବାରେ ପ୍ରମୁଖ ଭୂମିକା ନେଇଥିଲେ ସେଇ ଦଳର ସରକାର ଗଢ଼ାହେବା ପୂର୍ବରୁ ଦଳରୁ ବହିଷ୍କୃତ ହେଲେ ବିଜୟ ମହାପାତ୍ର ।

ଠିକ୍ ସେହିପରି ନଳିନୀ ମହାନ୍ତିଙ୍କ ଘଟଣା । ବିଜୟ ମହାପାତ୍ରଙ୍କୁ ଦଳରୁ ବିତାଡ଼ିତ କରି ନଳିନୀ ମହାନ୍ତିଙ୍କୁ ଦଳର କାର୍ଯ୍ୟକାରୀ ସଭାପତି କରାଯାଇଥିଲା, ନୂଆ ସରକାରରେ ପୂର୍ତ୍ତ, ଗୃହ ନିର୍ମାଣ ଓ ନଗରଉନ୍ନୟନ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଭାବେ ମଧ୍ୟ ଅବସ୍ଥାପିତ କରାଯାଇଥିଲା ତାଙ୍କୁ । ତେବେ ଲୋକପ୍ରିୟତା ହେଲା ତାଙ୍କ ପାଇଁ କାଳ । ରାଜନୈତିକ ସହଯୋଗୀମାନଙ୍କ ବିରୋଧରେ ବିବୃତି ଜାରି କରିବା ଲାଗି ତାଙ୍କର ଭରପୂର ଉପଯୋଗ କରାଯାଉଥିଲା ସେତେବେଳେ । ମାନେ ତାଙ୍କ କାନ୍ଧରେ ବନ୍ଧୁକ ରଖି ଫୁଟାଯାଉଥିଲା । ଏଇ ଲୋକପ୍ରିୟ ନେତା କାଳେ ଆଗକୁ କଣ୍ଟା ହେବେ ସେଥିଲାଗି ତାଙ୍କୁ ହଠାତ୍ ଦୁର୍ନୀତିର ଛାଇ ପଡ଼ିଛି କହି ସରକାର ଓ ଦଳରୁ ବିଦା କରିଦେଇଥିଲେ ନବୀନବାବୁ । ତାହା ତାଙ୍କୁ ସେତେବେଳେ ଭୀଷଣ ଆଘାତ ଦେଇଥିଲା । ଏହି ଅସମୟରେ କଂଗ୍ରେସ ତାଙ୍କୁ କୋଳେଇନେଇ କେବଳ ଯେ ତାଙ୍କର ମାନ୍ ରକ୍ଷା କରିଥିଲା ତା' ନୁହେଁ ୨୦୦୪ ନିର୍ବାଚନରେ ତାଙ୍କୁ ଭୋଟ୍ ଲଢ଼ିବା ପାଇଁ ଦଳୀୟ ଟିକେଟ୍ ଦେଇଥିଲା ଓ ସେ ଜିତିଥିଲେ ମଧ୍ୟ । ନଳିନୀବାବୁ ଯେତେଦିନ ପର୍ଯ୍ୟନ୍ତ ବଞ୍ଚିଥିଲେ ତାଙ୍କୁ ଯେଉଁ ପଦକ ବେଶୀ ଆଘାତ ଦେଉଥିଲା ତାହା ଥିଲା 'ଦୁର୍ନୀତିର ଛାଇ' । ନବୀନ ବାବୁଙ୍କ ଶାସନ କାଳରେ ତାଙ୍କ ଜୀବନଦୀପ ଲିଭିଗଲା, କିନ୍ତୁ କେଉଁ ଦୁର୍ନୀତି ତାଙ୍କୁ ଆଚ୍ଛନ୍ନ କରି ରଖିଥିଲା ନା ସେ ଜାଣିପାରିଲେ ନା ଲୋକେ ବି ତା'ର ସୁରାଗ ପାଇଲେ ।

ମନେପଡ଼େ ପ୍ୟାରୀମୋହନ ମହାପାତ୍ରଙ୍କ କଥା । ୨୦୧୦-୧୧ ବେଳକୁ ସେ ଥିଲେ ଅତ୍ୟନ୍ତ ପ୍ରଭାବଶାଳୀ । ଉଭୟ ଦଳ ଏବଂ ସରକାରରେ ତାଙ୍କ କାଟ୍‌ତି ଥିଲା କାହିଁରେ କେତେ ! ଆମ 'ଓଡ଼ିଶା ଏକ୍ସପ୍ରେସ୍' ଖବରକାଗଜର ହେବା କାମକୁ ସେ ଅଟକାଇ ଦେଇଥିଲେ ବାର୍ ବାର୍ । ତତ୍କାଳୀନ ବିଭାଗୀୟ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଏକଥା ଆମକୁ ଘରୋଇ ଭାବେ ସୂଚାଇଥିଲେ । ଆର୍ଥିକ ଦୃଷ୍ଟିରୁ ଆମେ ଅନେକ କ୍ଷତି ସହିଲୁ, ଆମକୁ ଭୀଷଣ ଆଘାତ ଲାଗିଥିଲା ସେତେବେଳେ । ୨୦୧୧ ଏପ୍ରିଲରେ ମନରେ ସ୍ୱତଃ ପ୍ରଶ୍ନ ଆସୁଥିଲା– ଆମେ ତ ପ୍ୟାରୀବାବୁଙ୍କର କିଛି କ୍ଷତି କରିନୁ, ସେ ଆମକୁ ଏପରି ଆଘାତ ଦେଉଛନ୍ତି କାହିଁକି? ଏହାର ଠିକ୍ ବର୍ଷକ ପରେ ପ୍ରଭାବଶାଳୀ ପ୍ୟାରୀମୋହନ ମହାପାତ୍ର ହଠାତ୍ ପ୍ରଭାବଶୂନ୍ୟ ହୋଇଯାଇଥିଲେ । ଯେଉଁମାନେ ତାଙ୍କୁ ଉପଯୋଗ କରି ଅନ୍ୟମାନଙ୍କର କ୍ଷତି କରୁଥିଲେ ସେ ପ୍ରଭାବଶୂନ୍ୟ ହୋଇଯିବା ପରେ ଆଉ କିନ୍ତୁ ଧରାଛୁଆଁ ଦେଲେନି ।

ସେପଟେ ଯେଉଁ ନବୀନ ବାବୁଙ୍କର ସେ ଥିଲେ ମୁଖ୍ୟ ପରାମର୍ଶଦାତା ସେଇ ନବୀନ ବାବୁ ସର୍ବସାଧାରଣରେ ତାଙ୍କୁ 'ବେଇମାନ' ଆଖ୍ୟା ଦେଲେ । କୁହାଯାଉଥିଲା ନବୀନ ବାବୁ ବିଦେଶରେ ଥିଲାବେଳେ ପ୍ୟାରୀବାବୁ କାଳେ ତାଙ୍କ ମୁଖ୍ୟମନ୍ତ୍ରୀ ଚୌକି ନେଇ ଯିବା ଲାଗି କସରତ କରୁଥିଲେ । ନବୀନବାବୁଙ୍କ ଗାଦୀ କାଳେ ମାଡ଼ିବସିବେ ପ୍ରଚାର କରି ଦିନେ ବିଜୟ ମହାପାତ୍ର ଓ ନଳିନୀ ମହାନ୍ତିଙ୍କ ବିରୋଧରେ ଯେଉଁ ଚକ୍ରବ୍ୟୂହ ରଚନା କରାଯାଇଥିଲା ସମାନ ଚକ୍ରବ୍ୟୂହରେ ପଡ଼ିଥିଲେ ପ୍ୟାରୀବାବୁ । ଦିନରାତି ଏକ କରି ଓ ସମସ୍ତ କଳକୌଶଳ ପ୍ରୟୋଗ କରି ନବୀନ ବାବୁଙ୍କ ପାଇଁ ଢାଲ ହୋଇଆସିଥିବା ପ୍ୟାରୀବାବୁ ଯେତେବେଳେ 'ବେଇମାନ' ଭାବେ ତାଙ୍କ ଦ୍ୱାରା ଆଖ୍ୟାୟିତ ହେଲେ ସେତେବେଳେ ତାଙ୍କୁ କେତେ ବାଧୁଥିବ ସେ ନିଜେ ଜାଣିଥିବେ !

ଦଳ ଓ ସରକାର ବ୍ୟାପାରରୁ ସମ୍ପୂର୍ଣ୍ଣ ଦୂରେଇ ଦିଆଯିବା ପରେ ନିଃସଙ୍ଗ ଜୀବନଯାପନ କରୁଥିଲେ ପ୍ୟାରୀବାବୁ। ୨୦୧୪ରେ ଚତୁର୍ଥଥର ପାଇଁ ନବୀନବାବୁ ସରକାର ଗଢ଼ିଲେ । ସରକାର ଗଠନର ପରଦିନ ସମୟ ନେଇ ପ୍ୟାରୀବାବୁଙ୍କ ପାଖକୁ ଯାଇଥିଲି ମୁଁ । ତାଙ୍କ ପାଖରେ ଏବେ ବିଜେପିରେ ଥିବା ଯଜ୍ଞେଶ୍ୱରବାବୁ ବସିଥାନ୍ତି ।

ସିଧାସଳଖ ପଚାରିଲି– ସାର୍, ଆପଣଙ୍କର ତ ଆମେ କେବେ କିଛି କ୍ଷତି କରିନଥିଲୁ ବା କୌଣସି ଅନୁଚିତ ଅନୁକମ୍ପା ପାଇଁ କେବେ କୃପାପ୍ରାର୍ଥୀ ହୋଇନଥିଲୁ ତା' ସତ୍ତ୍ୱେ ଆପଣ ଆମ କାଗଜର ଏପରି କ୍ଷତି କରି ଆମକୁ ଆଘାତ ଦେଲେ କାହିଁକି? ରାଜନୀତିରେ ବିଶେଷ ଦଖଲ ନଥିବା ଅର୍ଡିନାରୀ ଲୋକଙ୍କୁ ଭଲ ପଦପଦବୀ ଦିଆଇ ପାରିଥିବା ପ୍ୟାରୀବାବୁ ବ୍ୟକ୍ତିଗତ ସ୍ତରରେ ଥିଲେ ଜଣେ ଛଳନାଶୂନ୍ୟ ମଣିଷ। ଅନ୍ୟମାନଙ୍କୁ ରାଜନୀତି ପାଠ ପଢ଼ାଉଥିଲେ ବି ମୁହଁରେ ରୋକ୍‌ଠୋକ୍ କଥା କହୁଥିଲେ । ମୁହଁରେ ହସ, ପେଟରେ ବିଷ ସ୍ୱଭାବ ନଥିଲା ତାଙ୍କର । ଯେଉଁ କାରଣରୁ ମୁଁ ଯେତେବେଳେ ତାଙ୍କୁ ପ୍ରଶ୍ନ କଲି, ସେ ତାକୁ ନ ଏଡାଇ ମୁହଁକୁ ତଳକୁ କରି ପଦେ କହିଥିଲେ– 'ମୋତେ କୁହାଗଲା' ।

ତାଙ୍କୁ କିଏ ବା କେଉଁମାନେ ଆମ ବିରୋଧରେ ପ୍ରବର୍ତ୍ତାଇଥିଲେ ସେ କଥା ଜାଣିବା ପାଇଁ ଆଉ ବାଧ୍ୟ କରିନଥିଲି ତାଙ୍କୁ ଏଇଥିପାଇଁ ଯେ, ସେ ଅଧିକ ଭାରାକ୍ରାନ୍ତ ନହୁଅନ୍ତୁ । ଆମ ଖବରକାଗଜ ପାଇଁ ତାଙ୍କଠାରୁ ସାକ୍ଷାତକାର ନେଇ ଫେରିଆସିଥିଲି ମୁଁ । ପରଦିନ 'ଓଡ଼ିଶା ଏକ୍ସପ୍ରେସ୍'ରେ ତାଙ୍କ ରଙ୍ଗିନ ଫଟୋ ଥାଇ ପୂରା ସାକ୍ଷାତକାର ପ୍ରକାଶ ପାଇଥିଲା ବିସ୍ତୃତ ଭାବେ । କେତେକ ଆମକୁ କହୁଥିଲେ– ନେତା, ଅଫିସର ତାଙ୍କ ପାଖ ମାଡୁନାହାନ୍ତି ତମେ ତାଙ୍କ ସାକ୍ଷାତକାର ପ୍ରକାଶ କରିବାର ରିସ୍କ ନେଉଛ କାହିଁକି?

ମୁଁ ସେମାନଙ୍କୁ କହିଥିଲି– ସବଳଙ୍କ ପାଖରେ ତ ସମସ୍ତେ ଘେରିଥାନ୍ତି, ଆମେ କିନ୍ତୁ ଦୁର୍ବଳଙ୍କ ପାଖରେ ଛିଡ଼ା ହେବାକୁ ଭଲ ପାଉ । ସାକ୍ଷାତକାର ପ୍ରକାଶ ପାଇବା ପରେ ତାହା ନିର୍ଭୁଲ ଓ ସୁସ୍ପଷ୍ଟ ଥିବାରୁ ଧନ୍ୟବାଦ ଦେଇଥିଲେ ପ୍ୟାରୀବାବୁ । ଇତିମଧ୍ୟରେ ନଳିନୀ ମହାନ୍ତି ଓ ପ୍ୟାରୀମୋହନ ମହାପାତ୍ର ଆରପାରିକୁ ଯାଇସାରିଛନ୍ତି ।

ନବୀନବାବୁଙ୍କର ଏବେ ପରିଣତ ବୟସ । ୨୦୨୪ରେ ବିଜେଡି ତାଙ୍କ ନେତୃତ୍ୱରେ କ୍ଷମତାଚ୍ୟୁତ ହେଲା, ୨୦୨୫ ଉପନିର୍ବାଚନରେ ଦଳ ତୃତୀୟ ସ୍ଥାନକୁ ଚାଲିଗଲା, ପାର୍ଲାମେଣ୍ଟରେ ଖାତା ବି ଖୋଲି ନପାରିବା ତାଙ୍କ ପାଇଁ ଯେ ନିଶ୍ଚେ ଯନ୍ତ୍ରଣାଦାୟକ ଏଥିରେ ସନ୍ଦେହ ନାହିଁ । ଏତିକି ବେଳେ ସେ ଟିକେ ପଛକଥା ଭାବିବା ଉଚିତ୍ । ତାଙ୍କ ଦ୍ୱାରା ଆଘାତପ୍ରାପ୍ତ ଲୋକମାନେ ଆଘାତ ପାଇଲା ବେଳେ କେତେ କଷ୍ଟ ପାଇ ନଥିବେ!!

ଯିଏ ବା ଯେଉଁମାନେ କ୍ଷମତାଶାଳୀ ଥିବା ଅବସ୍ଥାରେ କାହାକୁ ଆଘାତ ଦେଇ ତାଙ୍କ ଆତ୍ମାକୁ କଳବଳ କରନ୍ତି, ପ୍ରକୃତିର ନିୟମ ଅନୁଯାୟୀ ପରେ ସେମାନଙ୍କୁ ଅନୁରୂପ କଷ୍ଟ ଓ ଯନ୍ତ୍ରଣା ଭୋଗିବାକୁ ପଡ଼ିଥାଏ । ପ୍ରକୃତିର ନିୟମରୁ କାହାରିକୁ ନିସ୍ତାର ନାହିଁ । ସମୟ ଅନୁସାରେ ସମସ୍ତଙ୍କୁ ଯେ ଅନୁରୂପ ଫଳ ଭୋଗ କରିବାକୁ ହୁଏ ଏଥିରେ ସନ୍ଦେହ ନାହିଁ ।

# ରାଜ କରିବା ମାର୍ଗରେ ପରମ ସତ୍ୟକୁ ଅମାନ୍ୟ ଦିଗ

■ ଉତ୍କଳାନନ୍ଦ ଅଜୟ କୁମାର ବେହେରା ■

**ସେ** ସତ୍ୟଯୁଗର କଥା ସେତେବେଳେ ରାଜ କରିଥାନ୍ତି ରାଜା ହିରଣ୍ୟ କଶିପୁ । ହିରଣ୍ୟ ମାନେ ସୁନା । ଲୋକେ ଶବ୍ଦଟିରେ ନାମ ସଂଯୋଗ ଓ ମୂଲ୍ୟବାନ ମୂଲ୍ୟାୟନରେ ସୁନା ଏବେ ବି ଲଗାଉଛନ୍ତି । ସୁନାର ତତୁଲ୍ୟ ତଦଭବ ସଦୃଶ ଏମିତି ବିଶେଷଣରେ ନାମ ହୋଇପାରେ ହିରଣ୍ୟ ଏଥିରୁ। ଅନ୍ୟତମ ହିରଣ୍ୟକଶିପୁ, ହରିଣାକ୍ଷ ଏମିତି ଦୁଇ ଭାଇ । ଏମାନେ ସୁନାପୁଅ ବାପା ମାନଙ୍କର ଥିଲେ କି ନଥିଲେ ଏ ପ୍ରସଙ୍ଗ ନୁହେଁ, ପ୍ରସଙ୍ଗ ହେଉଛି ଏମାନେ କିପରି ଅନ୍ୟାୟରେ ଧନ ଏକଠାର କୌଶଳ ପ୍ରୟୋଗ କରିବା। ପ୍ରଜା ଧନରେ ରାଜାମାନେ ସ୍ୱାହା, ସେହି ଯୁଗରୁ ହୁଏତ ଆରମ୍ଭ, କିପରି ଅନେକଙ୍କୁ କରାୟତ କରିହେବ ଏ କୌଶଳ ତାଙ୍କ କପଟ ବୁଦ୍ଧିରେ ସେ ଭାବ ନେଇକି ସେପରି ପଥ ଧରିଥିଲେ ।

ଜ୍ଞାନୀ ବିଦ୍ୱାନଙ୍କୁ ମୁଣ୍ଡିଆ ମାରି ସମ୍ମାନିତ କରି ତାଙ୍କ ମୁହଁ ବନ୍ଦ କରି କେତେକଙ୍କୁ ଡରାଇ, ଧମକାଇ, ବହୁତ ବ୍ୟକ୍ତିରେ ଅଗ୍ରଗାମୀ ମତ ଉପସ୍ଥାପିତକାରୀଙ୍କୁ ବହୁଜନ ସମକ୍ଷରେ ପିଟିମାରି ରକ୍ତପାତ ପ୍ରାଣ ସଙ୍କଟ କରାଇ ଅନ୍ୟମାନଙ୍କୁ ଏକ ନିଜର କରି ଭୟ ବାତାବରଣ ସୃଷ୍ଟି କରି ବେଳକୁ ବେଳ ଅଧିକାର ବଢ଼ାଇ ବଢ଼ାଇ କୁଜୀ ଜମିଦାରରୁ ମହାରାଜ ହୋଇ ପ୍ରଜାଙ୍କୁ ମନମାନି କାନୁନ ଲଗାଇ ଅର୍ଥ ଧନ ଶୋଷଣ ଜାହିର ହେଉଥିଲା ଯେଉଁମାନେ ସ୍ୱର ଉତ୍ତୋଳନ କରିବା ଆଶଙ୍କା, ସେମାନଙ୍କ ବଳ ଭିନ୍ନ ଭାବରେ ଛୋଟ ଛୋଟ ଜମିଦାରୀ ଦେଇ ତାଙ୍କୁ ରାଜପରିଷଦ କରିବା ବୁଝାଯାଉଛି। ଭୋକିଲା ଶ୍ୱାନ, ରାବିଲା କାକ ଏମାନଙ୍କୁ ଖଣ୍ଡିଏ ଖଣ୍ଡିଏ ମାଂସ ଟୁକୁଡା ଦେଇଦେଲେ ପାଟି ଚୁପ ସୂତ୍ରଟି ହୁଏତ ସେହି ସମୟରୁ ଗଢ଼ି ଆସୁଛି। ପଞ୍ଚାଏ ସ୍ତୁତି ଗାନକାରି, ବିନା ପୁଞ୍ଜିରେ ରାଜନୁଗୃହିତ ହେବା କୌଶଳ ହାସଲ ସେହିଯୁଗର ସୂତ୍ରପାତ, ରାଜାଙ୍କୁ ଭଗବାନଙ୍କ ଅବତାର ପ୍ରଚାର ଏପରି କୌଶଳୀଙ୍କ ମିଠାବିଷର ଏକ ପନ୍ଥା । ରାଜକରରୁ ଭାଗ ଏମିତି ତୋଷରପାତର ପନ୍ଥା । ସର୍ବଦା ଶିକ୍ଷା ପରିମାର୍ଜିତ ହୋଇଚାଲୁଛି, ଏକ ପିଢ଼ି ପରେ ଅନ୍ୟ ପିଢ଼ି ପାଇଁ ସଦା ବିଦ୍ୟା ମାର୍ଜିତ, ନୂଆ ଭାବନା ଯୁକ୍ତ ହୋଇଥାଏ, ରାଜପିଢ଼ି ପ୍ରଜାପିଢ଼ି ଏକସାଥେ ବଦଳୁଛି । ବୁଢ଼ା ରାଜା, ବର୍ତ୍ତିଆନ ରାଜା କେତେ ଭୁଆଁ ବୁଲାଇ ପ୍ରଜାଙ୍କୁ ବର୍ଷ ବର୍ଷ ଶୋଷଣ କରିଚାଲିବେ ସମୟର ନିୟମ ବିର୍ବନ ହିଁ ପରିର୍ବନ ଆଣିବ ରାଜପୁତ୍ର ପାଠପଢ଼ିଲେ ଜାଣିଲେ ତାଙ୍କର ପରମ୍ପରାରେ ଦୋଷ କେଉଁଠି? ଅତୀତ କାଳର ଲୋକଙ୍କୁ ବୋକା ବନାଇ ଶାସନ ଜାହିର କେବେ ଠକି ନୁହେଁ। ପ୍ରକୃତିର ଦାନକୁ ସମସ୍ତେ ଉପଭୋକ୍ତା, ଚାଲାଖି କରି ରାଜା ପ୍ରକୃତିରେ ନିୟନ୍ତ୍ରକ ଏ ଭାବନା ସୃଷ୍ଟି କରାଇ ପ୍ରଚାର କରାଇ ଶାସନ ଅଧିକାରୀ ହୋଇ ରହିବା କେବେ ଦୀର୍ଘସ୍ଥାୟୀ ନୁହେଁ ।

ହିରଣ୍ୟ କଶିପୁଙ୍କ ପୁତ୍ର ବିଦ୍ୟାର୍ଜନ କରି ଗୁରୁଗୃହରୁ ଫେରି ରାଜ ଦରବାରର ରେ ବିଦ୍ୟାର ସମର୍ବର୍ତ୍ତନରେ ଯେଉଁ ଦୀକ୍ଷାନ୍ତ ବକ୍ତବ୍ୟ ରଖିଲେ ଏଥିରେ ଖୋଦ ହିରଣ୍ୟ କଶିପୁ ଶୁଣି ଗର୍ଜନ କରି ଉଠିଥିଲେ । ଏ ଶିକ୍ଷା ଶିକ୍ଷା ନୁହେଁ, ସଂସାରର ସର୍ବେସର୍ବା ରାଜା, କେବେ ଭଗବାନ ହୋଇନପାରନ୍ତି, ଭଗବାଙ୍କୁ କେହି ବି ଦେଖି ନାହିଁ । ଯେ ଅଦୃଶ୍ୟ ସେ ପୁଣି ରାଜକରିବ କିପରି? କିନ୍ତୁ କେହି ବିଶ୍ୱାସ କରୁ ନକରୁ ଭଗବାନ ନିଶ୍ଚିତ ଅଛନ୍ତି । ଏଥିଲା ପ୍ରହ୍ଲାଦଙ୍କ ଦୀକ୍ଷାନ୍ତ ବୟାନ । ରାଜା ବୋକା ବନାଇ ରଖି ରାଜ କରୁଥିବା ମାର୍ଗ ଉନ୍ମେଚିତ ହେବାକୁ ଯାଉଛି ଜାଣି ପୁତ୍ର ଶତ୍ରୁ ତାକୁ ପଥରୁ ହଟାଇବା ପାଇଁ ଅନେକ ଚେଷ୍ଟା, ସବୁ ବିଫଳ ହୋଇଛି ଯାହାକୁ ରଖିବେ ଅନନ୍ତ କି କରି ପରେ ବଳବନ୍ତ । ପୁଣି ରଖେ ହରି ତ ମାରେ କିଏ। ସମୟ ଆସିଲା ଶକ୍ତିଶାଳୀ ପ୍ରକୃତି ଆଗରେ ରାଜ ଅହମିକା ବଳ ହାରିଲା । ଦେବଶକ୍ତି କ'ଣ, ଅବିଦ୍ୟାଗ୍ରସ୍ତ ହିରଣ୍ୟ ଶେଷରେ ଜାଣିଲେ ଛାତ ଭାରଧାରୀ ଖମ୍ବଧାରୀ ଖମ୍ବ ତଳେ ଠିଆ ହୋଇ ଖମ୍ବଅସ୍ତ୍ରରେ ଭାଙ୍ଗିଲେ ଅକାଳ ମୃତ୍ୟୁ ଛାତ ପଡ଼ି ହେବକି ନାହିଁ? ପ୍ରହ୍ଲାଦ ଆଧୁନିକ ପାଠରେ ଧୁରୀଣ ଥିଲେ। ସେ ଶକ୍ତି କଣ, ତାଙ୍କ ଗୁରୁମାନଙ୍କ ଠାରୁ ଭଲ ଭାବରେ ଶିକ୍ଷା କରିଥିଲେ । ପ୍ରକୃତରେ ଗୁରୁମାନେ ହିଁ ନୃସିଂହ ଏହି ଶକ୍ତି କାହାକୁ ଭୟ କରନ୍ତି ନାହିଁ। ଭଲ ମେଧାବୀ ଛାତ୍ରକୁ ସେମାନେ ଆହ୍ଲାଦରେ ବିଦ୍ୟା ଦାନ କରନ୍ତି । ବିଶେଷ ଆହ୍ଲାଦଶିକ୍ଷିତ, ଭବିଷ୍ୟତରେ ଧର୍ମ ନୀତିରେ ଶାସନ ଜାହିର କରି ପ୍ରଜା ପାଳନ କରିବା ବ୍ୟକ୍ତି ହିଁ ଆହ୍ଲାଦିନୀ ଶକ୍ତିଭୂଷିତ ପ୍ରହ୍ଲାଦ। ଯେ ନୃସିଂହ ଦ୍ୱାରା ଗଢ଼ା ଅନ୍ୟ ଏକ ନୃସିଂହ। ଭାଗବତକାର ଜଗନ୍ନାଥ ଦାଶ, ଭଗବତର ଆଦ୍ୟ ଧାଡ଼ିରେ ଉଦଘୋଷ କରିଛନ୍ତି 'ନମଇଁ ନୃସିଂହ ଚରଣ, ଲୀଳା ବିଧୃତ କଳେବର। ବୁଝନ୍ତୁ କିଏ ହିରଣ୍ୟ? ପ୍ରଜା ପୀଡ଼କ ନା ପ୍ରଜାନୁରଞ୍ଜକ?

*ମୋ. ୯୪୩୭୦୩୧୨୫୩*

# ନମସ୍ତେ ନମସ୍ତେ ମାଆ ଗୋ ବିଷ୍ଣୁଙ୍କ ଘରଣୀ

■ ଡା. ହେମାମାଳିନୀ ରଥ ■

**ଦା**ରିଦ୍ର୍ୟ ଭଞ୍ଜନୀ, ଦୁଃଖ ନାଶିନୀ, ଧନ ପ୍ରଦାୟିନୀ ମା' ମହାଲକ୍ଷ୍ମୀ ଜଗତର ମାତା । ଜୀବ ଜଗତ, କୀଟପତଙ୍ଗ ତାଙ୍କ କୃପାରୁ ସୁଷ୍ଟେ କାଟନ୍ତି ଜୀବନ । ଅଭାବ, ଅନାଟନ, ନାନାଦି ସମସ୍ୟା ତାଙ୍କ ଦୟାରୁ ଦୂର ହୋଇଯାଏ । ତାଙ୍କ ପ୍ରସନ୍ନ କାରଣରୁ ପରିବାର ଓ ସମାଜରେ ସୁଖ, ଶାନ୍ତି ଓ ଧନସମ୍ପଦ ପୂର୍ଣ୍ଣ ରହିଥାଏ । ତାଙ୍କ ଠାରେ ଶ୍ରଦ୍ଧା ରଖୁଥିବା ବ୍ୟକ୍ତି ପାଖରେ ସେ ସର୍ବଦା ରହନ୍ତି । ବାର ମଧ୍ୟରେ ଗୁରୁବାର ତାଙ୍କର ଶ୍ରେଷ୍ଠ ବାର । ଏହି ଦିନରେ ଯେଉଁ ବ୍ୟକ୍ତି ତାଙ୍କୁ ନିଷ୍ଠାର ସହିତ ପୂଜାର୍ଚ୍ଚନା କରେ ସେ ତାଙ୍କ ଠାରେ ପ୍ରସନ୍ନ ହୋଇଥାନ୍ତି । ମାସ ମଧ୍ୟରେ ମାର୍ଗଶୀର ତାଙ୍କର ଶ୍ରେଷ୍ଠ ମାସ । ଏହି ମାସର ପ୍ରତି ଗୁରୁବାରରେ ଶୁକ୍ଳଶାଢ଼ି ଚିତା, ଝୋଟି ଓ ଧାନ ମାଣିକାରେ ମା'ଙ୍କୁ ଯିଏ ଶ୍ରଦ୍ଧା ଏବଂ ଭକ୍ତିର ସହିତ ପୂଜା କରିଥାନ୍ତି, ସେମାନଙ୍କ ଠାରେ ମା'କୃପା କରିଥାନ୍ତି । ଗୀତାରେ ଭଗବାନ ଅର୍ଜ୍ଜୁନଙ୍କୁ କହିଛନ୍ତି – ମୁଁ ମାସ ମଧ୍ୟରେ ସର୍ବଦା ରହନ୍ତି । ବାର ମଧ୍ୟରେ ଗୁରୁବାର ତାଙ୍କର ଶ୍ରେଷ୍ଠ ବାର । ଏହି ଦିନରେ ଯେଉଁ ବ୍ୟକ୍ତି ତାଙ୍କୁ ନିଷ୍ଠାର ସହିତ ପୂଜାର୍ଚ୍ଚନା କରେ ସେ ତାଙ୍କଠାରେ ପ୍ରସନ୍ନ ହୋଇଥାନ୍ତି । ମାସ ମଧ୍ୟରେ ମାର୍ଗଶୀର ତାଙ୍କର ଶ୍ରେଷ୍ଠ ମାସ । ଏହି ମାସର ପ୍ରତି ଗୁରୁବାରରେ ଶୁକ୍ଳଶାଢ଼ି ପିନ୍ଧି ଚିତା, ଝୋଟି ଓ ଧାନ ମାଣିକାରେ ମା'ଙ୍କୁ ଯିଏ ଶ୍ରଦ୍ଧା ଏବଂ ଭକ୍ତିର ସହିତ ପୂଜା କରିଥାନ୍ତି, ସେମାନଙ୍କ ଠାରେ ମା' କୃପା କରିଥାନ୍ତି । ଗୀତାରେ ଭଗବାନ ଅର୍ଜ୍ଜୁନଙ୍କୁ କହିଛନ୍ତି ମୁଁ ମାସ ମଧ୍ୟରେ ସର୍ବଶ୍ରେଷ୍ଠ ମାର୍ଗଶୀର । ଲକ୍ଷ୍ମୀ ନାରାୟଣଙ୍କ ପ୍ରିୟ ମାସ ହେଉଛି ମାର୍ଗଶୀର । ଶୀତ ଋତୁରେ ଏହି ମାସ ପଡୁଥିଲେ ମଧ୍ୟ ଶୀତର କୋପକୁ କେହି ଭୟ ନକରି ବଡ଼ି ଭୋରରୁ ଉଠି ବିଭିନ୍ନ କର୍ମରେ ଲାଗିପଡ଼ନ୍ତି । ବିଶେଷ କରି ଓଡ଼ିଆ ମାନେ ଗୁରୁବାର ଦିନ ଭୋରରୁ ଉଠି ଶୌଚ ହୋଇ ଝୋଟି ଚିତା କରି ଧାନ ମାଣିକା ବସାଇ ମହାଲକ୍ଷ୍ମୀଙ୍କୁ ପୂଜା କରନ୍ତି । ଏହାଦ୍ୱାରା ମା' ଲକ୍ଷ୍ମୀ ମଧ୍ୟ କୃପା କରନ୍ତି । ଏହି ପୂଜାକୁ ନେଇ ପୁରାଣରେ ଏକ ସୁନ୍ଦର ବର୍ଣ୍ଣନା ରହିଛି। ଯାହା ସମାଜକୁ ଏକ ଦିଗଦର୍ଶନ ଦିଏ ।

ମାର୍ଗଶୀର ମାସ ଗୁରୁବାର। ମା' ଲକ୍ଷ୍ମୀଙ୍କ ପ୍ରିୟ ବାର । ଠାକୁରାଣୀ ରାତି ଦୁଇ ଘଡିରୁ ଉଠି ଜଗନ୍ନାଥଙ୍କୁ ମେଲାଣି ମାଗି ନଗର ବୁଲି ବାହାରିଲେ । ବୁଢ଼ୀ ବ୍ରାହ୍ମଣୀ ରୂପ ଧରି ସାଧବ ଦୁଆରରେ ପ୍ରବେଶ ହେଲେ। ଦେଖିଲେ, ସେ ଘରଦ୍ୱାରା ଲିପାପୋଛା ନକରି ଅଳସ ପଣରେ ଛିଡ଼ା ହୋଇଛି । ମା' ତାଙ୍କୁ କହିଲେ ଆଜି ପରା ମହାଲକ୍ଷ୍ମୀ ବ୍ରତ ଗୁରୁବାର । ହେଲେ ତୁ ବ୍ରତ କରୁନାହିଁ କାହିଁକି? ସାଧବାଣୀ କହିଲା, ଏ କି ବ୍ରତ କିପରି ହୁଏ ବୁଝାଇ କୁହ ନାନୀ । ମନକୁ ପାଇଲେ କରିବି । ମା' ତାଙ୍କୁ ପୂଜାବିଧି ବିଷୟରେ ବୁଝାଇ ସେଠାରୁ ଚାଲିଗଲେ । ଘରେ ଘରେ ପୁରେ ପୁରେ ବୁଲିଲେ, ହେଲେ କେଉଁଠାରେ ପରିଷ୍କାର ପରିଚ୍ଛନ୍ନ ଦେଖିଲେ ନାହିଁ କି କେହି ବିଛଣା ଛାଡ଼ି ନାହାଁନ୍ତି । ଏହାପରେ ଚଣ୍ଡାଳ ସାହିରେ ପ୍ରବେଶ କଲେ । ଶେଷରେ ଲିପା ହୋଇଛି ତା'ର ଘରଦ୍ୱାର, ଚିତାରେ ଲେଖା ହୋଇଛି ଲକ୍ଷ୍ମୀଙ୍କ ପାଦ ପଦ୍ମ । ଧୂପଦୀପ ନଇବେଦ୍ୟ ଗନ୍ଧପୁଷ୍ପ ଦେଇ ଲକ୍ଷ୍ମୀନାରାୟଣ ବୋଲି ସୁମରଣା କରି ପୂଜାର୍ଚ୍ଚନା କଲା । ଚଣ୍ଡାଲୁଣୀର ଭକ୍ତିରେ ଅଧୀର ହୋଇ ମା'ଲକ୍ଷ୍ମୀ ବିଜେ କଲେ ପୂଜାସ୍ଥାନରେ । ଚଣ୍ଡାଲୁଣୀ ଉପରେ ପ୍ରସନ୍ନ ହୋଇ ତାର ଦୁଃଖ ଦୂର କଲେ। ଧନ-ସମ୍ପଦ ଓ ଐଶ୍ୱର୍ଯ୍ୟରେ ତା'ର ଘର ପୂର୍ଣ୍ଣ କଲେ ।

ବୁଧବାର ଦିନ ଘରଦ୍ୱାର ଲିପାପୋଛା ସଫା ସୁତରା କରିବା। କାନ୍ଥବାଡ଼ି ସବୁ ଚିତା ଦବା ଯେଉଁଘରେ ମହାଲକ୍ଷ୍ମୀ ସ୍ଥାପନା କରିବ ସେ ଘର ଲିପାପୋଛା କରି ଧାନ ଶିଷା ଝୋଟି କାନ୍ଥରେ ଛାଟିବ । କିଛି ଶୁକ୍ଳ ଧାନ ଆଣିବା। ସେଇ ଶୁକ୍ଳ ଧାନର ମୋଟିଏ ବାନ୍ଧିବା ଧୂପ ଦୀପ ନୈବେଦ୍ୟ ଯୋଗାଡ଼ କରିବା। ଗୁରୁବାର ଦିନ ରାତି ନପାହୁ ଉଠି, ନିତ୍ୟକର୍ମ ସାରି ଧଳା ଓ ନାଲି ରଙ୍ଗ ମିଶା ଶାଢ଼ି ପିନ୍ଧି ଯେଉଁ ଘରେ ମାଣ ବସାଇବେ ସେ ଘରେ ଷୋଳ ପାଖୁଡ଼ାର ପଦ୍ମ ଲେଖିବା। ଲକ୍ଷ୍ମୀ ପାଦ ଚିତା ଧାଡ଼ି ଧାଡ଼ି ଲେଖିବା। ଷୋହଳ ପାଖୁଡା ପଦ୍ମ ଉପରେ ଲକ୍ଷ୍ମୀଙ୍କର ଆସ୍ଥାନ ପିଢ଼ା ବା ଖଟୁଲି ଯାହାକୁ ଯେପରି ମିଳିବ ଥୋଇବା। ପିଢ଼ା ବା ଖଟୁଲି ଲକ୍ଷ୍ମୀ ପାଦ ପଦ୍ମ ଚିତାରେ ମଣ୍ଡିବା ଉପରେ ଚାନ୍ଦୁଆଟାଣିବ, ତଳେ ପୂର୍ଣ୍ଣକୁମ୍ଭ ସ୍ଥାପନା କରିବା। ଖଟୁଲି ଉପରେ କିଛି ଧାନ ରଖି ତା' ଉପରେ ମାଣଟିଏ ରଖିବା। ମାଣ ପୂର୍ଣ୍ଣ କରି ଧାନ ଦେବା। ଧାନ ଉପରେ ହଳଦୀ ପାଣିରେ ଧୋଇ ତିନୋଟି ଗୁଆ ରଖିବା। ଗୁଆ ଉପରେ ଧାନ ମୋଟି ଥୋଇବ । ଆଖୁ, ମୂଳା, ଇତ୍ୟାଦିରେ ଚୂଳ ସଜାଇବ । ଶେଷରେ ପାଟ, ଛିଟ ବା ଯାହାକୁ ଯେପରି ମିଳିବ ନବବସ୍ତ୍ରରେ ବୋହୂଟିଏ ଭଳି ସେଇ ଧନପୂର୍ଣ୍ଣ ମାଣକୁ ସଜାଇବ । ଫୁଲମାଳ, ନୂଆ, ଚନ୍ଦନ, କର୍ପୂର, ସିନ୍ଦୂର, ଧୂପ, ଦୀପ ଦେଇ ମହାଲକ୍ଷ୍ମୀଙ୍କୁ ଆବାହନ କରିବା। ଦୁଧ, ଦହି, ଛେନା, ନଡ଼ିଆ, ଖଇ, କୋରା ନାନାପ୍ରକାର ନିସଙ୍ଖୁଡ଼ି ଦ୍ରବ୍ୟରେ ବାଲଧୂପ, ସନ୍ଧ୍ୟା ଧୂପ କରିବ। ମଝିରେ କ୍ଷୀରୀ, ଖେଚୁଡ଼ି, ଚିତଉ, ଦହିପଖାଳ, ଶାଗ ତରକାରୀ ନାନା ପ୍ରକାର ଅନ୍ନବ୍ୟଞ୍ଜନ କରି ମହାଲକ୍ଷ୍ମୀଙ୍କୁ ଭୋଗ କରିବା। ସନ୍ଧ୍ୟାରେ ଆଳତି କରି ଠାକୁରାଣୀଙ୍କୁ ଉଠାଇବ । ପ୍ରଥମାଷ୍ଟମୀ ଆଗରୁ ଯେଉଁ ଗୁରୁବାର ପଡ଼େ ତାହାକୁ ଅଲାଗି ପାଳି କୁହାଯାଏ । ସେହିଦିନ ମାଣ ବସେ ନାହିଁ। ପ୍ରଥମାଷ୍ଟମୀ ଯିବାପରେ ଯେଉଁ ଗୁରୁବାର ପଡ଼େ ସେହି ପାଳିମାନଙ୍କରେ ମାଣ ବସେ। ମହାଲକ୍ଷ୍ମୀଙ୍କ ଭୋଗ ଘରର ଝିଅ ପୁଅ ବୋହୂ ଖାଆନ୍ତି, କିନ୍ତୁ ପରଗୋତ୍ରୀ ହୋଇଥିବା ବିବାହିତା ଝିଅଙ୍କୁ ଦିଆଯାଏ ନାହିଁ । ମାର୍ଗଶୀର ମାସରେ ଗୁରୁବାର ବସି ସାରିଲେ ମାଘ କିମ୍ବା ବୈଶାଖ ମାସରେ ଗୁରୁବାର ଉଜୁଆଁ କରାଯାଏ । ଉଦ୍‌ଯାପନ ଦିନ ପୂର୍ବଭଳି ମହାଲକ୍ଷ୍ମୀଙ୍କୁ ବସାଇ ଭୋଗରାଗ କରିବ, କିନ୍ତୁ ସେଦିନ ଆରିଷା, କାକରା, ଖଜା, ଭୋଗ ହୁଏ । ଉଦ୍‌ଯାପନ ସରିଲେ ସେହି ଧାନକୁ କୁଟି କାଣ୍ଡି ରଖନ୍ତି । କୁଣ୍ଡାରୁ ଘର ଗାଈ ବଳଦଙ୍କୁ ଖାଇବାକୁ ଦିଅନ୍ତି। ଚାଉଳ ଜାଉ କିମ୍ବା ଖିରି କରି ଘର ଲୋକମାନେ ଖାଆନ୍ତି ।

*ଗଣିଆ, ନୟାଗଡ଼,*

*ମୋ : ୯୪୩୭୨୨୫୨୪୫*



# ସପ୍ତମ ଋତୁ ପଞ୍ଚମ ସ୍ୱର

## ସାହିତ୍ୟ ଆସର

କବିତା ଏଇ ସମୟର

## ବେକାବୁ ସମୟ

● ଅନସୂୟା ପଣ୍ଡା



ଦେଖ! ଶେଫାଳୀର ଶୁଷ୍କ ଦେହ କେମିତି!
ରାତିର କାକର ତାକୁ ସ୍ନିଗ୍ଧ କରିପାରିନି
ପ୍ରେମାପ୍ଲୁତ ବାତେ ଅସହନତା ଶୋଷିନେଇଛି
ନୀହାରରେ ଗୋଲାପର ଓଠ ସିକ୍ତ ହୋଇନି
ଖିଲିଖିଲି ହସ ସବୁକୁ ପାକୁଳିକରି
ବିକାରଗ୍ରସ୍ତ ମଣିଷତ୍ୱର କଥା କହି ।

ତାରା ଚନ୍ଦ୍ରଙ୍କ ମେଳେ ଉଦାସ ବଉଦମାଳା
ନିବିଡ ନୀରବତାରେ ଛୁଇଁ ଦେଉଛି ମଥା
ଚାରି ପାଖରେ ରାତି ରାତିର ବ୍ୟଥା
କହି ଟହଲୁଛି ସମୟର କର୍କଶ ବାସ୍ତବତା
ଈପ୍ସିତ ଇଚ୍ଛାର ବେକାବୁ ଅବସ୍ଥା ।

ଦୁର୍ବାର ପିପାସାକଲାଣି ନୟାନ୍ତ
ଜଉପୋକ ଝିଣ୍ଟିକାଙ୍କ ଆକ୍ରମଣ
ଘାସଫୁଲର ଆଙ୍ଗିକ ଆବେଗିକ ସହିଲା ପଣ
ଜଟିଳ ଯାତ୍ରାରେ କ୍ଷତାକ୍ତ ଏଠି ଜୀବନ ।

ଚାରାଗଛ ବାଦ୍ ପଡୁନି ଜୋକଙ୍କ କ୍ଷୁଧାରୁ
ଆକାଶର ଲୁହ ଅପସୃୟମାନ କ୍ଷିତିରେ କାନ୍ଦୁକାନ୍ଦୁ
ଅସହ୍ୟ ତାପରେ ଧିକ୍କାରୁଛି ସ୍ରଷ୍ଟାଙ୍କୁ
ଜୈବିକ ସମ୍ପର୍କେ ତୋଳି ବିଦ୍ରୁପୀ ଋତୁ ।

ନିଃଶବ୍ଦ ଭାବନା କିଛି ଫୁଟୁଛି ଝଡୁଛି
ଶୂନ୍ୟତାରେ ଅନୁଭବେ ଉଡାଣ ଭରୁଛି
ଶୀତର ଲହର ନୀରବି ଅପସୃତ ଯାଇଛି
ଛୁଇଁବାକୁ ରୁପବନ୍ତ ବସନ୍ତର ପ୍ରକୃତି ।

ଏଠି କ୍ରାନ୍ତିରେ ଋତୁ ବାଟ ଭାଙ୍ଗି
ଅମଡା ବାଟର ବନେ ପଥଚାରୀ
ରଙ୍ଗୀନ ସାମିଆନାରେ ଉନ୍ମାଦୀ
ରଙ୍ଗଛଡା ଅସ୍ତିତ୍ୱରେ ନର୍ତ୍ତକୀ
ଅକଥ୍ୟ ଅନୁବେଦନାରେ ବି ହସୁଛି
କଳାତ୍ମକ ଅଭିବ୍ୟକ୍ତିରେ ପ୍ରଶଂସା ସାଉଁଟୁଛି ।

ପ୍ରଲମ୍ବିତ ରାସ୍ତାରେ ବହଳେ ଧୂଆଁବାଣ

ଆଗରେ କିଏ ଦେବ କି ହିଂସ୍ର ଦାନବ
ମଣିଷ କି ଗନ୍ଧର୍ବ ଧୂର୍ତ୍ତ ଜାଣିବା ନାଚାର
ଗୋଟେ କସମେଟିକ୍ ରିକ୍ତ ପାତ୍ର
ତା' ହାତରେ ଲାଗିଛି କ୍ଷୁଧାର ଷ୍ଟିକର
ଦେଖି ହୁଏନି ଏ ଅଦଉତି ବାରମ୍ବାର ।

ତୁମ ଦାତାପଣ ପାଖେ ଦ୍ୱିଧା ଉଦାସୀନତା
ପଡି ହେଉଛି ଆମରି ସ୍ୱାର୍ଥର କଟୋରା
ସ୍ଥୂଳ ଭାବନାରେ ଅସ୍ମିତାକବଳିତ ଆତ୍ମବଡିମା
ଏମିତି କେତେ କାଳ ଭଉଁରୀରେ ଗଡୁଥିବା
ମିଛ ସ୍ୱର୍ଗପୁରୀମନେରଖି ଅସହିଷ୍ଣୁତା ?

ବୁର୍ଲା, ସମ୍ବଲପୁର
ମୋ. ୯୪୩୯୨୧୧୯୭୧

## ଡାଇରୀ ସାଇତା କବିତା

● ରମେଶ ମଙ୍ଗରାଜ

### ୪୫୭

ଭାବିଥିଲି କହିଦେବି
ମନ କଥା ତମରି କାନରେ
ଯାହାକୁ ମୁଁ ସାଇତିଛି
ତମ ପାଇଁ ଅତି ଗୋପନରେ ।୧।

ଜୀବନରେ ଚେଷ୍ଟା କରି
ସେ କଥାକୁ ପାରିଲିନି କହି
ରହିଗଲି ଦୁନିଆରେ
ଅଭିଶପ୍ତ ନାୟକଟି ହୋଇ ।୨।

ତମେ ଚାଲିଗଲ ସିନା
ବହୁଦୂରେ ସୀମାରେଖା ଡେଇଁ
କଥା ମୋର ରହିଗଲା
ଆକାଶର ମଲାଜହ୍ନ ହୋଇ ।୩।



### ୪୫୮

ସମୟ ପାଇବ ଯେବେ
ଏକାନ୍ତରେ ଖୋଲିବ ଏ ଚିଠି
ହୁଏତ ଅଣ୍ଟି ନପାରେ
ପଢ଼ିବାକୁ ଚାରି ଘଡ଼ି ରାତି ।୧।

ମୋ ଚିଠି ପଢ଼ିବା ପରେ
ହଜିଯିବ ତମ ନିଃସଙ୍ଗତା
କାରଣ ଚିଠିରେ ଅଛି
ତମ ପାଇଁ ମୋ ମନର କଥା।୨।

ଏଇ ଚିଠି ଏଇ ମନ
ଅଜାଡିଦେ ଦେଇଛି ପଠାଇ
ସ୍ଥୂଳ ଏଇ ଦେହ ଧରି
ଅପେକ୍ଷାରେ ଅଛି ତମ ପାଇଁ ।୩।

### ୪୫୯

ବାଲୁରୀ ଝିଅର ହସ
ଲାଗେ ସତେ କାଶତଣ୍ଡି ଭଳି
ଅରାଏ ଅଲରା କେଶ
ମୁହଁ ଆଡ଼େ ପଡ଼ିଥାଏ ଝୁଲି ।୧।

ଆଖିର ଚାହାଣୀ ଛଟା
ଶବ୍ଦହୀନ କାହାଣୀ ଶୁଣାଏ
ଆଣ୍ଠୁଛୁଆଁ ଛିଟ ଶାଢ଼ୀ
ଚହଲିରେ 'ସାରେଗାମା' ଗାଏ।୨।

ଅଲୋଡ଼ା ଝିଅଟେ ସିନା
ଅପରୂପା ସୁନ୍ଦରୀ ଅନନ୍ୟା
ଗୋଟିଏ ଚାଉଳେ ଗଢ଼ା
ଦେହେ ଖେଳେ ଯଉବନ ବନ୍ୟା ।୩।

ମହୁଲ, ଅଙ୍ଗାରପଡ଼ା, ଖୋର୍ଦ୍ଧା
ମୋ. ୯୧୭୮୬୨୬୨୮୦

## କଥା ଏତିକି

# ଛିଟଶାଢ଼ି ଆରପଟେ କଅଁଳଖରା

● ସୁନୀଲ ବୋଷ



ସାମ୍ନା ଆପାର୍ଟମେଣ୍ଟ ଫାଙ୍କରୁ ଯେଉଁ ଚିରୁଡ଼ାଏ ଖରା ଖସିଆସି ଆମ ବାଲ୍‌କୋନୀରେ ପଡୁଥିଲା ସକାଳର ଖବରକାଗଜ ଆଉ ତା'ସହ ସେତକ ମିଳିଯାଉଥିବାରୁ ଶୀତକୁ ନିନ୍ଦିବାକୁ ମନ ଚାହୁଁ ନଥିଲା କେବେ । ଏଥର କିନ୍ତୁ ଶୀତ ଖୁବ୍ ବାଧୁଛି ।

ଆମ ଉପର ମହଲା ଫ୍ଲାଟ୍‌କୁ କିଏ ଜଣେ ନୂଆ ଭଡ଼ାଟିଆ ଆସିଛନ୍ତି ତାଙ୍କ ପାଇଁ ଶୀତ ସକାଳଟା ମାଟି ହେଇଯାଉଛି । ସେ ଶ୍ରୀମତୀଜଣକ ଏ ଶୀତରେ ମଧ ଗାଧୁଆପାଧୁଆ ସାରି ତାଙ୍କ ଓଦା ଲୁଗା ଶୁଖାଇବା ପାଇଁ ତାଙ୍କ ବାଲ୍‌କୋନୀରୁ ଛାଡ଼ିଦେଉଛନ୍ତି ତଳକୁ । ସେଇଟା ଆମ ବାଲ୍‌କୋନୀର ତଳଯାଏ ଲମ୍ବିଯାଉଛି । ଖରା ଛପିଯାଉଛି ଛାପା ଶାଢ଼ି ଭିତରେ । ତେଣୁ ଶୀତ ଖୁବ୍ ବାଧୁଛି ।

ୟା' ପୂର୍ବରୁ ଯେଉଁମାନେ ଥିଲେ ସେମାନେ ନୂଆ ଦମ୍ପତି ଥିଲେ । ଏତେ ଅମାର୍ଜିତ ଭାବରେ ଓଦାଲୁଗା ଝୁଲେଇ ଦେଉ ନଥିଲେ ତଳକୁ । ଡ୍ରେସ୍ ପିନ୍ଧା ଶ୍ରୀମତୀ ଥିଲେ ବୋଧେ! ନାଇଟିରେ କଟୁଥିବ ରାତି, ତେଣୁ ଶାଢ଼ି ଶୁଖେଇବାର ଚାନ୍ସ କାହିଁ?

ନିହାତି ମଡର୍ଣ୍ଣ ଥିଲେ ସେମାନେ । ଉଠୁ ଉଠୁ ସକାଳ ପାକଳ । ଗାଧୋଇ ସାରି ମ୍ୟାକ୍ସି କି ନାଇଟି ଶୁଖେଇଲେ କ'ଣ ତଳଯାଏ ଆସିବ? ଆପାର୍ଟମେଣ୍ଟ ପାଇଁ ସେମିତି ଦମ୍ପତି ଠିକ୍ ।

ଆଜିକାଲିର ମ୍ୟାକ୍ସିପିନ୍ଧା ସବୁ ମମୀମାନେ ଟିକେ ଡେରିରେ ଉଠନ୍ତି, ମା'ମାନେ ସିନା ସଅଳ ଉଠୁଥିଲେ ।

ବାଲ୍‌କୋନୀରେ ଓଦାଲୁଗା ଦେଖିଲେ ବୋଉ କଥା ମନେପଡ଼େ । ବୋଉ ଥିଲେ ସିଏ କ'ଣ ଏ ଶୀତକୁ ଖାତିର କରନ୍ତା? ସିଏ ବି ସକାଳୁ ସକାଳୁ ଉଠି ଗାଧୁଆପାଧୁଆ ସାରି ତା' ଓଦାଲୁଗା ଝୁଲେଇ ଦିଅନ୍ତା ବାଲକୋନୀ ବାଡ଼ରୁ ତଳକୁ ।

ଆମେ ତଳଘରେ ଥିଲାବେଳେ ବୋଉ ନିୟମିତ ଆସୁଥିଲା । ଆମେ ଫ୍ଲାଟ୍ କିଣିବା ପରଠୁ ତା' ଆସିବା ବନ୍ଦ ହୋଇଗଲା । ସିଏ କହୁଛି– ଏଠି ଚଉରା ନାହିଁ, ସାଇପଡ଼ିଶା ନାହାନ୍ତି, କେତେ ମୁହଁଗୁଞ୍ଜି ପଡ଼ିରହିବ ଘର ଭିତରଟାରେ ? ଶ୍ରୀମତୀ କିନ୍ତୁ କହୁଛନ୍ତି ଉପର ମହଲାରେ ଝାମେଲା କମ୍, କେହି ଆସିବାର ନାହିଁ ।

## ଦୁଇ ଡୋଜ୍ ବ୍ୟଙ୍ଗ

● ମୃଣାଳ

# ଆତ୍ମା ନିଖୋଜ

ରାମବାବୁଙ୍କ ଇହକାଳ ସମାପନ ଅନ୍ତେ ଯମପୁରୀରେ ଯମରାଜ ଦୂତମାନଙ୍କୁ କହିଲେ, ଯାଅ ଉତ୍କଳ ପ୍ରଦେଶରେ ରାମବାବୁଙ୍କ ଟାଇମ୍ ପୂରିଗଲାଣି । ତାଙ୍କ ଆତ୍ମାଟିକୁ ନେଇଆସ !

ଯମଦୂତମାନେ ରାମବାବୁଙ୍କ ଘରେ ପହଞ୍ଚିଲେ । ଦେଖିଲେ ରାମବାବୁଙ୍କ ମୃତଦେହଟି ଗୋଟେ କୁର୍ସୀ ଉପରେ ପଡ଼ି ରହିଛି । ସଦ୍ୟ ମନ୍ତ୍ରୀପଦ ଚାଲିଯିବାର ଦୁଃସମ୍ବାଦକୁ କୋଳେଇ ସେ ଆଖି ବୁଜିଛନ୍ତି । ସେ ଦିନର ଆଉ କେଇଟି ଖବରକାଗଜ ଗାଲିଚା ଉପରେ ବିଞ୍ଚି ହୋଇ ରହିଛି । ସଦ୍ୟ ମନ୍ତ୍ରୀପଦ ଚାଲିଯିବାର ଦୁଃସମ୍ବାଦ ପାଇ ରାମବାବୁଙ୍କ ହୃଦ୍‌ଯନ୍ତ୍ରଟି କାମ ବନ୍ଦ କରିଦେଇଛି ।

ଯମଦୂତମାନେ ରାମବାବୁଙ୍କ ଆତ୍ମାଟିକୁ ଖୋଜିବାକୁ ଲାଗିଲେ । ହେଲେ ଇଏ କ'ଣ ? ଇଏ କି ଅଦ୍ଭୁତ କଥା ! ରାମବାବୁଙ୍କ ଆତ୍ମାଟି କାଇଁ ? ସେମାନେ ରାମବାବୁଙ୍କ ସାରା ଦେହ ଖୋଜିଲେ । ଆଖପାଖ ଅଞ୍ଚଳ ହନ୍ତାଳି ପକେଇଲେ । ହେଲେ ଆତ୍ମାଟି କେଉଁଠି ମିଳିଲା ନାହିଁ ।

ଯମଦୂତମାନେ ବିଷମ ବିସ୍ମିତ ହୋଇ ଯମପୁରୀକୁ ଫେରିଗଲେ ଆଉ ଯମରାଜଙ୍କୁ ଏ ବିଷୟରେ କହିଲେ । ଯମରାଜ ତାଙ୍କ ଜୀବତ୍‌କାଳ ଭିତରେ ଏମିତି ଅଦ୍ଭୁତ କଥା କେବେ ଶୁଣି ନଥିଲେ । କହିଲେ ଇଏ ତ ବଡ଼ ଅଜବ କଥା । ଚିତ୍ରଗୁପ୍ତ ତମ ରେକର୍ଡ ଖୋଲି ଦେଖ ତ, ଏମିତି କୌଣସି ଲୋକକୁ କେବେ ମର୍ତ୍ତ୍ୟକୁ ପଠାଯାଇଥିଲା କି ଯାହାର ଆତ୍ମା ନାହିଁ ?

ଚିତ୍ରଗୁପ୍ତ ତାଙ୍କ ରେକର୍ଡପତ୍ର ଦେଖି କହିଲେ, ନା ମଣିମା, ଏମିତି କୌଣସି ଲୋକକୁ କେବେ ମର୍ତ୍ତ୍ୟକୁ ପଠା ହୋଇନାହିଁ । ତେବେ ରାମବାବୁଙ୍କ ଆତ୍ମାଟି କୁଆଡ଼େ ଗଲା ? ଯମରାଜ ବଡ଼ ଚିନ୍ତାରେ ପଡ଼ିଲେ । ଏମିତି ହରଡ଼ଘଣାରେ ସେ କେବେ ପଡ଼ିନଥିଲେ । ଆତ୍ମା ନ ମିଳିଲେ ହିସାବରେ ଗୋଳମାଳ ହୋଇଯିବ । ସୃଷ୍ଟି ଓଲଟପାଲଟ ହୋଇଯିବ ।

ଏ ବିଷମ ସମସ୍ୟାର ସମାଧାନ ପାଇଁ ସେ ବିଷ୍ଣୁଙ୍କ ପାଖକୁ ଗଲେ । ବିଷ୍ଣୁ ସେତେବେଳେ ବାସୁକି ଉପରେ ଅଧାଶୁଆ ହୋଇ ଲକ୍ଷ୍ମୀଙ୍କ ସହିତ ବିଶ୍ରାମ ନେଉଥିଲେ । ଯମରାଜଙ୍କୁ ଦେଖି କିଛି ପରିମାଣ ବିରକ୍ତ ହୋଇ ପଚାରିଲେ, ଆରେ ଯମରାଜ ଆପଣ ଅସମୟରେ ? ସବୁ କୁଶଳ ମଙ୍ଗଳ ତ ?

ଯମରାଜ କହିଲେ, ପ୍ରଭୁ ଅନର୍ଥ ହୋଇଛି । ମର୍ତ୍ତ୍ୟପୁରୀରେ ଗୋଟିଏ ଆତ୍ମା ମିଳୁନି । ଦେହ ଅଛି, ହେଲେ ଦେହର ଖୋଳପା ଭିତରେ ଆତ୍ମାଟି ଗାଏବ ।

–ହୁଁ । ଇଏ ତ ସତରେ ବଡ଼ ସମସ୍ୟା । ଆଚ୍ଛା ମୃତ ଲୋକଟିର ପରିଚୟ ଦେଲ । ସେ କ'ଣ କରୁଥିଲେ ?

–ଆଜ୍ଞା ସେ ଉତ୍କଳ ପ୍ରଦେଶର ଜଣେ ମନ୍ତ୍ରୀ ଥିଲେ । ମନ୍ତ୍ରୀପଦରୁ ସମ୍ପ୍ରତି ବାଦ୍ ପଡ଼ିଛନ୍ତି । ବାଦ୍ ପଡ଼ିବା ଖବର ପାଇ ହାର୍ଟଫେଲ୍ କରି ମରି ଯାଇଛନ୍ତି ।

–ଆଚ୍ଛା । ବିଷ୍ଣୁଙ୍କ ମୁହଁରେ ଏକ ସ୍ମିତ ହସ ଫୁଟି ଉଠିଲା । ସେ କିଛି ସମୟ ଆଖି ବନ୍ଦ କରି କ'ଣ ଚିନ୍ତା କଲେ । ତା'ପରେ କହିଲେ, ହେ ଯମରାଜ ତାଙ୍କ ଆତ୍ମାଟି କୁର୍ସୀ ଚାରିପାଖରେ କେଉଁଠି ଲଟ୍‌କି ରହିଥିବ । ଭଲ କରି ଖୋଜି ଦେଖନ୍ତୁ ।

ଯମରାଜ ତତ୍‌କ୍ଷଣାତ୍ ମଇଁଷି ପିଠିରେ ଚଢ଼ି ରାମବାବୁଙ୍କ ସରକାରୀ ଦପ୍ତରରେ ପହଞ୍ଚିଲେ । ସୂକ୍ଷ୍ମ ଶରୀରରେ କୁର୍ସୀ ଚାରିପଟେ ଭଲ କରି ଖୋଜିବାରୁ ଆତ୍ମାଟି ମିଳିଗଲା । କୁର୍ସୀରେ ଲଟକି ରହିଥିଲା । ଯମରାଜ ତାକୁ ନେଇ ଆସିବାକୁ ଚାହିଁଲେ । ହେଲେ ଯେତେ ଭିଡ଼ାଓଟରା କଲେ ବି ଆତ୍ମାଟି ସେଠୁ ବାହାରିବାକୁ ନାରାଜ ।

ଅବଶେଷରେ ଯମରାଜ କୁର୍ସୀ–ପିଆସି ଆତ୍ମାଟିକୁ ସାଙ୍ଗରେ ନେଇ ଯମପୁରୀ ଯାଇପାରିଲେ କି ନାହିଁ, ତାହା ଏ ଗଳ୍ପରେ ପ୍ରାସଙ୍ଗିକ ନୁହେଁ ।



# ପାହାନ୍ତି ସ୍ୱପ୍ନ

ନିଛାଟିଆ ଖାଁ ଖାଁ ରାଜରାସ୍ତାରେ ମୁଁ ଏକୁଟିଆ ଚାଲି ଚାଲି ଯାଉଛି । ସମୟଟା ବୋଧହୁଏ ଗ୍ରୀଷ୍ମର ଉତ୍ତପ୍ତ ମଧ୍ୟାହ୍ନ । ଜୋର୍ ଖରାରେ ଝିମେଇ ଅଳସେଇ ଯାଇଛି ସାରା ଦୁନିଆ । ରାସ୍ତାକଡ଼ ପୁଟୁସ୍ ବୁଦା ଉହାଡୁ ଭଦଭଦଳିଆ ଡାକୁଛି କରୁଣ ସ୍ୱରରେ । ହଠାତ୍ ସିଆଡୁ ଉଭା ହେଲା ଏକ ଦୈତ୍ୟାକୃତି ଟ୍ରକ୍ । ଉଭା ହେଲା ଯେ ମୋ ପାଦ ଦି'ଟା ରାସ୍ତାର ମସୃଣ ପିଚୁରେ ଅଟକି ଗଲା । ଅଟକି ଗଲା ଯେ ଯେତେ ଚେଷ୍ଟା କଲେ ବି ଆଉ ବାହାରିଲା ନାହିଁ । ଟ୍ରକ୍‌ଟା ମୋତେ ଅତି ବେଖାତିର ଭାବରେ ଚାପିଦେଇ ଚାଲିଗଲା ।

ମୁଁ ଚିତ୍କାର କରି ଉଠିଲି । ମୋ ଆଖି ଖୋଲିଲା ଓ ନିଜକୁ ଶୋଇବା ଘର ଖଟ ଉପରେ ଆବିଷ୍କାର କଲି । ଝରକା ବାହାରକୁ ଚାହିଁଲି– ଫିକା ଅନ୍ଧାର । ପାହାନ୍ତା ପହର । ପାହାନ୍ତା ପହରର ସ୍ୱପ୍ନ ପରା କ'ଣ ସତ ହୁଏ ! ଆଶଙ୍କାର ରେଖାଟିଏ ଉଙ୍କିମାରିଲା ମୋ ମନରେ । ପରମୁହୂର୍ତ୍ତରେ ନିଜକୁ କହିଲି, ସ୍ୱପ୍ନ କ'ଣ କେବେ ସତ ହୁଏ ? ସ୍ୱପ୍ନ କେବଳ ସ୍ୱପ୍ନ । ବାସ୍ତବ ସହିତ ତା'ର କୌଣସି ସମ୍ପର୍କ ନାହିଁ । ଯୋଉ ଶଳା ସ୍ୱପ୍ନକୁ ବିଶ୍ୱାସ କରେ ସେ ଗଜମୂର୍ଖ । ବ୍ଲଡି ଫୁଲ୍ ।

ପରରାତିରେ ଆଉ ଗୋଟେ ସ୍ୱପ୍ନ ଦେଖିଲି । ଲଟେରିରେ ଦଶ କୋଟି ଟଙ୍କାର ପ୍ରଥମ ପୁରସ୍କାରଟା ପାଇଛି ମୁଁ । ଟଙ୍କା, ଟଙ୍କା– କୁଢ଼ କୁଢ଼ ଟଙ୍କା । ବ୍ୟାଗ୍ ବ୍ୟାଗ୍ ଟଙ୍କା । ଭୋଜବାଜି ପରି ମୋର ବିଶାଳ ପାଞ୍ଚ ମହଲା ହର୍ମ୍ୟ ହୋଇଗଲା । ପୋର୍ଟିକୋରେ ବିଦେଶୀ ଗାଡ଼ି ଲାଗିଗଲା । ବିଳାସବ୍ୟସନର ଅତ୍ୟାଧୁନିକ ସାଜ ସରଞ୍ଜାମ ସବୁ ଆସିଗଲା । ଚାକର, ପୂଜାରୀ, ଖିଦ୍‌ମଦ୍‌ଗାର, ଷ୍ଟେନୋ, ପି.ଏ.ଚାମଚା– ସବୁ ଜୁଟିଗଲେ ପଟାପଟ । ମୁଁ ଶୀତତାପ ନିୟନ୍ତ୍ରିତ ଶୟନ କକ୍ଷରେ ପାରା ଛାତିପରି ନରମ ଗଦିରେ ଦେହ ଢାଳିଦେଇ ଅଙ୍ଗୁର ରସ ପିଉଛି– ଏଇ ସମୟରେ ନିଦଟା ଗଲା ଭାଙ୍ଗି । ଝରକା ବାହାରେ ଦେଖିଲି ଫିକା ଅନ୍ଧାର । ପାହାନ୍ତା ପହର । ପାହାନ୍ତା ପହରର ସ୍ୱପ୍ନ ପରା ସତ ହୁଏ । ସମ୍ଭାବନାର ବିଜୁଳି ରେଖାଟିଏ ଚମକି ଗଲା । ନିଜକୁ ନିଜେ କହିଲି, ଖନା ବଚନ, ସାମୁଦ୍ରିକ ବିଦ୍ୟା ଇତ୍ୟାଦି କଥା ଏତେ କାଳରୁ ଚାଲିଆସୁଛି, ସବୁ କ'ଣ ମିଛ ? କିଛି କିଛି କଥା ସତ ବି ହେଉଥିବ !

ପାହାନ୍ତା ପହରର ସ୍ୱପ୍ନ ସତ ହୋଇପାରେ । ଏଇମିତି ଏକ ମିଠା ସମ୍ଭାବନାର ରେଶମୀ ଚାଦରକୁ ଦେହ ଉପରକୁ ଟାଣିନେଇ ମୁଁ ଗହମ ନିଦରେ ଶୋଇପଡ଼ିଲି ।

ସଂଚାରମାର୍ଗ, ଢେଙ୍କାନାଳ

# ଠେଲାପେଲା ବଜାର

● ବୀରେଶ୍ୱର ମହାନ୍ତି



ଚାକିରିରେ ମୁକରିର ହେବା ଦିନୁ ନଟବରବାବୁଙ୍କର ରବିବାର ଭାରି ପ୍ରିୟ । ଶନିବାର ଆସୁଆସୁ ମନ ଉଚ୍ଚାଟ ହୁଏ । ରବିବାର ପାଇଁ ମନ ଖଲଖଲ ହେବାର କାରଣ ବାବଦରେ ଏକଥା କୁହାଯାଇପାରେ ଯେ ସେଦିନ ଭିଲିଭିଲିଆ ହୋଇ ଶଯ୍ୟାତ୍ୟାଗ ପୂର୍ବକ ଦପ୍ତର ଯିବା ପାଇଁ ପ୍ରସ୍ତୁତି କରିବାର ତାଗିଦା ନ ଥାଏ । ନିଦ୍ରାଭଙ୍ଗ ହେବା ପରେ ମଧ କିଛି ସମୟ ଚକ୍ଷୁ ମୁଦି ଗଡ଼ପଡ଼ ହେବାର ମଜା ନେଇ ହୁଏ । ରବିବାର ସତେ ଯେମିତି ତାଙ୍କର ଗୋଟାପଣେ ଆପଣାର। ଯେମିତି ଚାହିଁବେ, ସେମିତି ଉପଯୋଗ କରିବେ । ଆଳସ୍ୟପଣ ଯୋଗୁଁ ସେଦିନ ପ୍ରାତଃଭ୍ରମଣ ବି ସ୍ୱତଃ ଉଚ୍ଛୁର ହୋଇଯାଏ । ପୁନଶ୍ଚ ନିର୍ଦ୍ଦିଷ୍ଟ ସମୟରେ ଭ୍ରମଣ କାର୍ଯ୍ୟ ସମାପନ କରି ନଣ୍ଡଭଣ୍ଡ ହୋଇ ଗୃହକୁ ପ୍ରତ୍ୟାବର୍ତ୍ତନ କରିବାର ଆବଶ୍ୟକତା ନ ଥାଏ ।

ବାବୁ ଟିକେ ମଜାଳିଆ, ଢିଲାମିଲା, ଫୁଲାଫାଙ୍କିଆ କିସମର ବ୍ୟକ୍ତି । ମନକୁ ଅଯଥା ଭାରାକ୍ରାନ୍ତ ନ କରି ସବୁ କଥାକୁ ହାଲୁକାରେ ନିଅନ୍ତି । ସକାଳର ଚଲାବୁଲା ମଧ୍ୟରେ ନିଜ ମନପସନ୍ଦର ଦୋକାନରୁ ଗରମ ବା କଡ଼ା ଚା' କପେ ସେବନ କରିବାରେ କେବେ ବି ହେଳା କରନ୍ତିନି । ବନ୍ଧୁମାନଙ୍କ ସହ ଭେଟାଭେଟିର ପାଗଯୋଗ ଘଟିଲେ ଢିଙ୍କିଶାଳରୁ ଢେଙ୍କାନାଳ ଯାଏ ଗପ ପେଡ଼ି ମେଲିଯାଏ । ନଟବର ଥରେ ଗପିବା ଆରମ୍ଭ କଲେ ସେଥିରୁ ସହଜରେ ବିରାମ ମିଳେନା । ଅନର୍ଗଳ ଗପି ଚାଲନ୍ତି । ଏ ସବୁ ଉପରାନ୍ତେ ମନ ବୁଝିଗଲେ ଘରମୁହାଁ ହୁଅନ୍ତି ।

ତେବେ ଲକ୍ଷଣୀୟ ବିଷୟ ଏହା ଯେ ବାବୁଙ୍କର ଚାକିରିରୁ ଅବସର ପଶ୍ଚାତ୍ ମଧ ରବିବାର ସକାଳ ପ୍ରତି ସେଇ ପୁରାତନ ଅସ୍ଥି ମଜ୍ଜାଗତ ଆଭିମୁଖ୍ୟର ସେମିତି କୌଣସି ଆଖିଦୃଶିଆ ପରବର୍ତ୍ତନ ଦୃଷ୍ଟିଗୋଚର ହୋଇନାହିଁ କି ରବିବାର ସକାଳ ପ୍ରତି ତାଙ୍କର ମୋହ ବି ଭଙ୍ଗ ହୋଇନାହିଁ । ବିଳମ୍ବରେ ଶଯ୍ୟାତ୍ୟାଗ କରିବା ଅଭ୍ୟାସ ଏବେ ମଧ ପୂର୍ବବତ୍ କାଏମ୍ ରହିଛି । ସେଦିନ ସେମିତି ଏକ ରବିବାସରୀୟ ଅଳସ ସକାଳେ ବିଛଣାରେ କିଛି ଅଧିକ ସମୟ ଗଡ଼ପଡ଼ ହେବାପରେ ବିଳମ୍ବରେ ପ୍ରାତଃଭ୍ରମଣ ପାଇଁ ନିର୍ଗତ ହୋଇଗଲେ ନଟବର ।

ବୁଲୁବୁଲୁ ଚା' ଖଟି ପାଖେ ପହଞ୍ଚିଗଲେଣି । ପାଞ୍ଚଜଣ ବନ୍ଧୁ ଆଗରୁ ଆସି ହାଜର। ତନ୍ମଧ୍ୟରୁ ଜଣେ କିଏ କହିଲେ– 'ନଟୁ ଆଜି ତୋର ଏତେ ଡେରି କାହିଁକି?' ବନ୍ଧୁମାନଙ୍କ ଭିତରୁ ତାଙ୍କୁ କିଏ ନଟୁ ତ କିଏ ନଟେଇ ଆଉ କିଏ ନଟିଆ ବୋଲି ସମ୍ବୋଧନ କରନ୍ତି । ବନ୍ଧୁମାନଙ୍କ ଥଟ୍ଟାମଜାକୁ ସେ କେବେ ମନକୁ ନିଅନ୍ତିନି । ନାଁରେ ଗୋଟେ କ'ଣ ଅଛି ଯେ? ଯିଏ ଯେମନ୍ତ ଡାକୁଛି ଡାକୁ । ଦାନ୍ତ ନିକୁଟି ହସି ଦେଇ ନଟବର କହିଲେ– 'ରବିବାର ତ, ଟିକେ ଶୋଇପଡ଼ିଲି।'

କଥା ନସରୁଣୁ ବନ୍ଧୁଜଣେକ କହିଲେ– 'ଆରେ ତୁଟା ତ ମଲା ସାପ । ତୋର ରବିବାର ଫବିବାର କ'ଣ? ଚାକିରିରୁ ଅବସର ପରେ ଆମର ସବୁ ବାର ରବିବାର । ଆଉ ଚାକିରି ଅଛି ଯେ ଫଁ କାଢ଼ିବା? ଏଣୁ ଆମେ ସବୁ ମଲା ସାପ ବୋଲି ଜାଣ ।'

ଚା'ଖଟିରେ ଆସର ଜମେଇଥିବା ବନ୍ଧୁମାନଙ୍କ ମଧ୍ୟରେ ଦୀନବନ୍ଧୁ କନିଷ୍ଠତମ ହେଲେ ବି ତାଙ୍କ ବୁଦ୍ଧି ବିବେକ ଟିକେ ଭିନ୍ନ କିସମର । ଏ ଯାଏ ଚାକିରିରୁ ଅବସର ନେଇନାହାନ୍ତି । ନଟବର ବାବୁଙ୍କୁ ମଲା ସାପ କହିବା କଥାଟା ତାଙ୍କୁ କେମିତି ହଜମ ହେଲାନି । ବଦହଜମିଆ ହାକୁଟିଟାଏ ଉଗାଳି ପକେଇ କଥା କାଟି କହିଲେ– 'ଅବସର ପରେ ଜଣେ ମଲା ସାପ ହେବ କିଆଁ? ନିଜକୁ ସୁସ୍ଥ ସବଳ ରଖି ସମାଜ ସେବା କିମ୍ବା ସାହିତ୍ୟ ଚର୍ଚ୍ଚାରେ ମନୋନିବେଶ କରିବାରେ ଅସୁବିଧା କେଉଁଠି? ଅବସର ପରେ ନିଜ ବୌଦ୍ଧିକ ଚେତନାର ବିକାଶ ପାଇଁ ଯଥେଷ୍ଟ ସମୟ ମିଳେ ।'

ମଲା ସାପ ବୋଲି କହିଥିବା ବନ୍ଧୁଜଣକ ନିଜ ଭ୍ରମ ବୁଝିପାରିଲେ କି କ'ଣ ଜୋକରେ ଲୁଣ ପଡ଼ିଲା ମାର୍ଗେ ସାଙ୍କୁଡ଼ିଗଲେ ।

ଚା' ପର୍ବ ମଧରେ ସ୍ୱାଧୀନତାର ପଞ୍ଚସ୍ତରି ବର୍ଷ ପୂର୍ତ୍ତି ଅବସରରେ ଅମୃତ ମହୋତ୍ସବ ପାଳନର ଆବଶ୍ୟକତା, ସରକାରଙ୍କ ଦ୍ୱାରା ମାଗଣା ଜିନିଷ ବଣ୍ଟନର ଯଥାର୍ଥତା, ଋଷିଆ–ୟୁକ୍ରେନ୍ ଯୁଦ୍ଧରେ ଆମେରିକାର ଫଇଦା– ଏମିତି କେତେ କ'ଣ ବିଷୟରେ ଆଲୋଚନା– ପର୍ଯ୍ୟାଲୋଚନା ତଥା କଥା କଟାକଟି ଭିତରେ ଆସର ଆଗେଇ ଚାଲିଲା । ତେବେ ସମସ୍ତଙ୍କ ମଧ୍ୟରେ ନଟବରବାବୁଙ୍କର କଥାବାର୍ତ୍ତାର ତରିକା ଟିକେ ନିଆରା। ସବୁକଥାକୁ ବୁଝେଇ ସୁଝେଇ ଅନ୍ୟମାନଙ୍କୁ ବଶୀଭୂତ କରିବାରେ ମାହିର୍ । ଆଡୁସାଡୁ ଗୁଡ଼େ ପଢ଼ାପଢ଼ି କରି କିଛି ଜ୍ଞାନ ଅର୍ଜନ କରିଥିବାର ବାସ୍ନା ମିଳେ । କନିଷ୍ଠ ଦୀନବନ୍ଧୁ ବରିଷ୍ଠ ନଟବରବାବୁଙ୍କର ଏ ଗୁଣରେ ବିଶେଷ ପ୍ରଭାବିତ। କଥା ଛଳରେ ତାଙ୍କୁ କହି ପକେଇଲେ– 'କିଛି ଲେଖାଲେଖିରେ ମନଯୋଗ କଲେ ଅବସର ସମୟର ଭଲ ଉପଯୋଗ ହୁଅନ୍ତା ଆଜ୍ଞା । ତା'ସହ ଆପଣଙ୍କ ଜ୍ଞାନ ଗରିମାର ମହକ କିଛି ପାଠକେ ବି ପାଇପାରନ୍ତେ ।'

ଦୀନବନ୍ଧୁଙ୍କର ପରାମର୍ଶ ନଟବରଙ୍କ ମନକୁ ବେଶ୍ ଘେନିଗଲା । ତାଙ୍କ ପରାମର୍ଶକୁ ପାଥେୟ କରି କାହା ମନକୁ ପାଉ ବା ନ ପାଉ ନିଜ ଜ୍ଞାନ ମୁତାବକ ଲେଖାଲେଖିର ଶୁଭାରମ୍ଭ କରିଦେଲେ । ଇତି ମଧରେ ସେ ଗୁଡ଼ିଏ କବିତା ରଚନା କରିସାରିଲେଣି । ଏବକୁ ବାବୁଙ୍କର ସମ୍ବାଦପତ୍ର ହେଉ କି ପତ୍ରପତ୍ରିକାରେ ହେଉ ଲେଖା ପ୍ରକାଶ କରିବାକୁ ମନ ବଳିଛି । ଏ ସମ୍ବାଦପତ୍ର ସେ ପତ୍ରିକା ସମ୍ପାଦକମାନଙ୍କ ସହ ଯୋଗାଯୋଗ କରି ପ୍ରକାଶନ ଆଶାରେ କବିତା ପ୍ରେରଣ କରି ଚାଲିଲେ । ମାତ୍ର ନଟବରବାବୁଙ୍କ ଆଶା ଆଶାରେ ହିଁ ସୀମାବଦ୍ଧ ରହିଲା । ଗୋଟେ ହେଲେ ବି ପ୍ରକାଶିତ ହେବାକୁ ନାହିଁ । କଟା ଘା'ରେ ଚୁନ ମାରିବା ପରି ଜନୈକ ଖବରକାଗଜ ମାଲିକ କହିଲେ– 'ପଦକୁ ପଦ ଛନ୍ଦ ପକେଇ ଲେଖିଦେଲେ କ'ଣ କବିତା ହୋଇଯାଏ? ସେଗୁଡ଼ାକ ଗୀତି କବିତା । ତା'ର କାଟ୍‌ତି ଆଜି କାଲିକା ସାହିତ୍ୟ ବଜାରରେ ନ୍ୟୁନ ହୋଇଗଲାଣି । ଏବେ ଆଧୁନିକ କବିତାର ରାଜୁତି ।'

ନଟବରବାବୁ କିଛି ବୁଝିପାରିଲେନି । ଗୀତି କବିତାର ଏ ପ୍ରକାର ବିଚିତ୍ର ଦୁର୍ଦ୍ଦଶା ହୃଦୟଙ୍ଗମ କରି କାନମୁଣ୍ଡା ଆଉଁଶି ବହେ ଆଧୁନିକ କବିତା ନିର୍ଦ୍ଦିଷ୍ଟ ଚିତ୍ତରେ ଅଧ୍ୟୟନ କରିଗଲେ । ମାତ୍ର ତାଙ୍କ ଦୁର୍ଯୋଗକୁ ଅର୍ଦ୍ଧାଧିକ କବିତାର ଆଦି ଅନ୍ତ କିଛି ତାଙ୍କ ସମଝକୁ ଆସିଲାନି । ଆଉ ଯେତିକି ବୁଝିଲେ, ବୁଝି ନବୁଝି ପାରିଲା ପ୍ରାୟ । ଆଧୁନିକ କବିତା ନା ଅବୋଧ କବିତା । ହତାଶିଆ ହୋଇ ଚିନ୍ତା କଲେ ଏ କାର୍ଯ୍ୟକୁ ତାଙ୍କର କାଢ଼ ନାହିଁ । ଏତିକି ବେଳକୁ ଜଣେ ଜ୍ଞାନୀ–ଗୁଣୀ, ଶୁଭାକାଂକ୍ଷୀ ବନ୍ଧୁ ପରାମର୍ଶ ଦେଇ କହିଲେ– 'କବିତା ସବୁବେଳେ ଏକ ମୁଦା ଫରୁଆ । ତାକୁ ଫିଟେଇ ଜାଣିଲେ ହିଁ ତୁମେ ତା' ମହକ ପାଇ ପାରିବ । ତେବେ କିଛି କବିତା ପାଠୋତ୍ସବରେ ଯୋଗଦାନ ତୁମକୁ ଆବଶ୍ୟକୀୟ ମାର୍ଗଦର୍ଶନରେ ସହାୟକ ହୋଇପାରେ ।'

ମନରେ ଆଶାର କିରଣଟିଏ ଉଜ୍ଜୀବିତ ହେଲା। ନଟବର ଲାଗିପାତି ଧାଁ ଧପଡ଼ କରି ଗୁଡ଼େ କବିତା ପାଠୋତ୍ସବରେ ଯୋଗଦାନ କଲେ। ମାତ୍ର ସେଠିକାର ମାହୋଲ୍ ତାଙ୍କୁ ବିଚିତ୍ର ବୋଧ ହେଲା । କବିତାର ପୂଜା ବଦଳରେ ବ୍ୟକ୍ତି ପୂଜା ଚାଲିଛି । ସେଠିବି ସେଇ ଆଧୁନିକ କବିତା ନାଁରେ ଅବୋଧ କବିତାର ଜୟଜୟ କାର । ପାଠକଙ୍କଠୁ ଶ୍ରୋତା କମ୍ । କବିତାଟିଏ ପାଠ କରି ଯିଏ ଯାହା ମାର୍ଗରେ ଉଭାନ୍ ହୋଇଯାଉଛନ୍ତି । ଶେଷକୁ ମଞ୍ଚରେ କେବଳ ଆୟୋଜନକାରୀ ନଟରପଟର ହେବା ସାର । ନଟବର ବୁଝିଗଲେ କବିତା ରଚନାକୁ ସେ ଯୋଗ୍ୟ ନୁହଁନ୍ତି ।

ଏବେ କବିତା ବଦଳରେ ସେ ଗଳ୍ପ ରଚନାରେ ମନୋନିବେଶ କରିଛନ୍ତି । ଚାକିରି ସମୟର ଅଭିଜ୍ଞତା ତଥା ଆଖପାଖରେ ଘଟୁଥିବା ଘଟଣାଗୁଡ଼ିକୁ ଆଧାରକରି କତିପୟ ଗଳ୍ପ ଲେଖି ପକେଇଲେଣି । କିଛିଦିନ ଉତ୍ତାରେ ପୁନଃ ସେ ପୁରୁଣାକଥା ମନରେ ଧଷେଇ ପଶିଲା । ଗଳ୍ପଟାଏ କୌଣସି ଏକ ପତ୍ରିକାରେ ସ୍ଥାନ ପାଆନ୍ତା କି? ପ୍ରକାଶନ ପାଇଁ କେତୋଟି ନାମକରା ପତ୍ରିକାକୁ ଗଳ୍ପ ପ୍ରେରଣ କଲେ । ଚାହିଁ ଚାହିଁ ଆଖିରୁ ପାଣି ମଲା ସିନା, ଗଳ୍ପଟିଏ ପ୍ରକାଶିତ ହେବା ତାଙ୍କ ଭାଗ୍ୟରେ ଜୁଟିଲାନି । ଥରେ ଜଣେ ସମ୍ପାଦକଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ– 'ଆପଣଙ୍କ ଗଳ୍ପର କଳେବର ବଡ଼ ହୋଇଥିବା ହେତୁ ମୋ ପତ୍ରିକାରେ ପ୍ରକାଶନ ପାଇଁ ଯୋଗ୍ୟ ନୁହଁ ।' ଆଉ ଜଣେ କହିଲେ– 'ଆମେ କେବଳ ଯୁବ ଏବଂ ନୂତନ ଲେଖକଙ୍କୁ ଅଧିକ ସୁଯୋଗ ଦେଉଥିବାରୁ ଆପଣଙ୍କ ଲେଖା ଆମ ପତ୍ରିକାରେ ସ୍ଥାନ ପାଇବା କଷ୍ଟକର ବ୍ୟାପାର ।' ନଟବର ମନେମନେ ଭାଳି ହେଲେ ସେ ଯୁବ ନ ହେଲେ ବି ନୂତନ ଲେଖକ ନୁହେଁ ତ ଆଉ କ'ଣ? ଅବସର ପରେ ତ ଏଇ ହାଲି ଉପରେ ଲେଖାଲେଖି ଆରମ୍ଭ କରିଛନ୍ତି । ବ୍ୟାସକବି ତ ପୁଣି ବହୁ ବିଳମ୍ବରେ ଲେଖନୀ ଚାଳନା କରି କ୍ଷୁଦ୍ର ଗଳ୍ପର ଜନକ ବୋଲାଇ ପାରିଥିଲେ । ବିଳମ୍ବରେ ଲେଖା ଆରମ୍ଭ କରିଥିବା ବ୍ୟକ୍ତିଙ୍କୁ ମଉକା ଦେବାରେ ଅସୁବିଧା କେଉଁଠି?

ଇତି ମଧ୍ୟରେ ସାମାଜିକ ଗଣମାଧ୍ୟମରେ ଆଗଧାଡ଼ିର ଜନୈକ ସାହିତ୍ୟିକଙ୍କ ମତାମତରେ ଶଙ୍କିଗଲେ ନଟବର । ସେ କହନ୍ତି– 'ଆମ ସାହିତ୍ୟିକମାନଙ୍କ ଖେଳପଡ଼ିଆକୁ ଗୁଡ଼ାଏ ଅଗାଡ଼ି ପଶି ଆସି ଖେଳ ବିଗାଡ଼ି ଦେଉଛନ୍ତି ।' ଭାବିଲେ ପରିଣତ ବୟସରେ ତାଙ୍କ ପରି ସଦ୍ୟ ଲେଖାରେ ମନ ଦେଇଥିବା ବ୍ୟକ୍ତିମାନଙ୍କୁ ସେ ଅଗାଡ଼ି ବୋଲି ପରିହାସ କରୁନାହାନ୍ତି ତ?

ଏ ସବୁ ସତ୍ତ୍ୱେ ନଟବରଙ୍କର ପତ୍ରପତ୍ରିକାରେ ଗଳ୍ପ ଛପେଇବା ନିଶା କିଛି ଉଣା ପଡ଼ିନି । ଆଉ ଜଣେ ଯୁବ ସମ୍ପାଦକଙ୍କ ଦ୍ୱାରସ୍ଥ ହୋଇ ନିଜର ପରିଚୟ ପ୍ରଦାନ ପୂର୍ବକ ତାଙ୍କ ଲିଖିତ ଗଳ୍ପଟିଏ ପ୍ରକାଶ କରିବା ପାଇଁ ଅନୁରୋଧ କଲେ । ସାମାନ୍ୟ କିଛି ଆଲୋଚନା ପରେ ସମ୍ପାଦକ ମହାଶୟ ବକ୍ତବ୍ୟ ଛଳରେ ତେରେଛା ବାଣଟିଏ ପେଷିଦେଇ କହିଲେ– 'ଆଜିକାଲି ପରି ମାନ୍ଦା ଅବସ୍ଥାରେ ପତ୍ରିକାଟେ ଚଳେଇ ରଖିବା କିଛି ମାମୁଲି କଥା ନୁହେଁ । ସାହିତ୍ୟ ସାଧନା ଏବେ ଠେଲାପେଲା ବଜାର । ଠେଲିପେଲି ପଶିବାକୁ ହୁଏ । ଚାକିରିରେ ଥାଉଥାଉ ଲେଖାଲେଖିରେ ମନ ଦେଇଥିଲେ ଅବା ଆପଣ କିଛି ସଫଳତା ପାଇଥାନ୍ତେ । ଏବେ ତ ଆପଣ ମଲାସାପ । ଆପଣ କାହାକୁ ସାହାଯ୍ୟ କରିପାରିବେ ନା ଆପଣଙ୍କୁ କିଏ ସାହାଯ୍ୟ କରିପାରିବ? ବହୁ ପ୍ରତିଷ୍ଠିତ ଲେଖକ, ଶାସକ, ପ୍ରଶାସକ, ଇଞ୍ଜିନିୟର, ଅଧ୍ୟାପକ, ସମାଜସେବୀଙ୍କ ଲେଖା ପ୍ରକାଶିତ ହେବା ଉଦ୍ଦେଶ୍ୟରେ ମୋ ପାଖେ ପଡ଼ି ରହିଛି । ଆପଣଙ୍କ ସଦୃଶ ପରିଣତ ବୟସରେ କଲମ ଧରିଥିବା ଲୋକଙ୍କ ପାଇଁ ମୋ ପତ୍ରିକାରେ ସ୍ଥାନ କାହିଁ? ଆମକୁ ତ ପୁଣି ସବୁଆଡ଼କୁ ଦୃଷ୍ଟି ଦେଇ ପତ୍ରିକା ଚଳେଇବାକୁ ହେବ ।'

ନଟବରଙ୍କ ମନ ଆମ୍ବିଳିଆ ଧରି ଆସୁଥିଲା । ସେ ସବୁ ବୁଝିପାରୁଥିଲେ ବି ମନକୁ ବୁଝାଇ ପାରୁନଥିଲେ । ଠେଲାପେଲା ବଜାରରେ ପ୍ରବେଶ କରିବାକୁ ପ୍ରୟାସ କରି ଲହୁଲୁହାଣ ହେବା ଅପେକ୍ଷା ନିଜ ମନର ସନ୍ତୁଷ୍ଟି ପାଇଁ କଲମ ଚାଳନା ଜାରି ରଖିବା ପାଇଁ ସ୍ଥିର କରିନେଲେ । କେହି ପଢ଼ନ୍ତୁ ବା ନ ପଢ଼ନ୍ତୁ, ପ୍ରକାଶ ହେଉ ବା ନ ହେଉ, ସେ ଲେଖାଲେଖି ଚଳେଇ ରଖିବେ ନିଶ୍ଚୟ । ଘନଘୋର ଅନ୍ଧକାରର ବିଦାୟ ପରେ ଆଲୋକର ବର୍ଣ୍ଣମୟ ମହୋତ୍ସବର ଆବିର୍ଭାବ ସୁନିଶ୍ଚିତ ।

ଘାଟିକିଆ, ଭୁବନେଶ୍ୱର
ମୋ – ୯୯୩୮୬୧୫୬୭୧

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୨୭ ନଭେମ୍ବର ୨୦୨୫ । ଗୁରୁବାର

# ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ

ଯାଜପୁର,୨୬।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ଯାଜପୁର ବିଧାନସଭା କ୍ଷେତ୍ର ବିଜେପି ପକ୍ଷରୁ ବିଧାନସଭା ସ୍ତରୀୟ ବନ୍ଦେ ମାତରମ ୧୫୦ତମ ବର୍ଷ ପୂର୍ତ୍ତି ଉତ୍ସବ ଓ ଆତ୍ମ ନିର୍ଭର ଭାରତ ସଂକଳ୍ପ ଅଭିଯାନ ବିରଜା ମନ୍ଦିର ନିକଟସ୍ଥ ବିରଜା କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ଦେବଜାନୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯାଜପୁର ବିଧାନସଭା କ୍ଷେତ୍ର ନେତା ତଥା ପୂର୍ବତନ ଜିଲା ବିଜେପି ସଭାପତି ଗୌତମ ରାୟ ଯୋଗଦେଇ ବନ୍ଦେ ମାତରମ ୧୫୦ତମ ବର୍ଷ ପୂର୍ତ୍ତି ଉତ୍ସବ ସମ୍ପର୍କରେ ଆଲୋକପାତ କରିବା ସହ ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥିତ କର୍ମୀଙ୍କୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସମ୍ପାଦକ ସୁଦିପ୍ତ ପଣ୍ଡା, ଜିଲ୍ଲା ସମ୍ପାଦକ ସୁରଜଲାଲ ସାମଲ, ସୁବାସ ମହାନ୍ତି, ଗୋକୁଳାନନ୍ଦ ରାଉତ, ଅର୍ଚ୍ଚନା ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବନ୍ଦେ ମାତରମ ସଙ୍ଗୀତକୁ ସାମୁହିକ ଗାନ କରାଯିବା ସହ ଆତ୍ମ ନିର୍ଭର ଭାରତ ସଂକଳ୍ପର ଶପଥ ପାଠ କରାଯାଇଥିଲା । ନିର୍ବାଚନ ମଣ୍ଡଳୀର ବହୁ ବିଜେପି ଛାମୁଆ ନେତା, କର୍ମୀ ଯୋଗ ଦେଇଥିଲେ ।

# ସଡକ ଦୁର୍ଘଟଣାଜନିତ ଶୂନ ମୃତାହତ ପକ୍ଷ

କେନ୍ଦ୍ରାପଡା,୨୬।୧୧ ଏକ୍ସପ୍ରେସ୍ ନ୍ୟୁଜ୍

କେନ୍ଦ୍ରାପଡ଼ା ଜିଲ୍ଲା ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସଡକ ଦୁର୍ଘଟଣାଜନିତ ଶୂନ ମୃତାହତ ପକ୍ଷ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା ଏକ ସଚେତନତା ରଥ ଓ ଶୁଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ସକାଳ ସାଢେ ୯ଟାରେ ୪ଶହରୁ ଉର୍ଦ୍ଧ୍ୱ ବିଭିନ୍ନ କଲେଜର ଛାତ୍ରଛାତ୍ରୀ, ସ୍କାଉଟ ଓ ଗାଇଡ଼ର ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଜନସାଧାରଣ ତିନିମୁହାଣୀ ଜିଓ ପେଟ୍ରୋଲ ପମ୍ପ ନିକଟରୁ ବାହାରି ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଏକ ଶୁଭଯାତ୍ରାରେ ବାହାରି ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାରକୁ କିପରି ଶୂନ କରାଯାଇପାରିବ ସେ ସମ୍ପର୍କରେ ସଚେତନତା ବାର୍ତ୍ତା ଲେଖାଥିବା ପ୍ଲାକାର୍ଡ ହାତରେ ଧରି ସ୍ଲୋଗାନ ଦେଇ ଆସିଥିଲେ । 'ପ୍ରତିଟି ଜୀବନ ମୂଲ୍ୟବାନ' 'ସଭିଏଁ ହେବା ଯତ୍ନବାନ' ବାର୍ତ୍ତାକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବା ସହିତ ସଡ଼କ ସୁରକ୍ଷା ନିୟମ ମାନିବା, ଗାଡି ଚଳାଇବା ସମୟରେ ହେଲମେଟ ପରିଧାନ କରିବା, ଗାଡି ଚଳାଇବା ବେଳେ ମୋବାଇଲରେ କଥା ନ ହେବା, ନିଶା ସେବନ କରି ଗାଡି ନ ଚଳାଇବା ଆଦି ନିୟମଗୁଡିକୁ ମାନିବାକୁ ସମସ୍ତଙ୍କୁ ସଚେତନ କରାଯାଇଥିଲା । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ୪ ଜଣ ଗୁଡ୍ ସମାରିଟିଆନ ସନ୍ୟାସୀ ରାଉତ, ସମୀର କୁମାର ପ୍ରଧାନ, ବିନୋଦ ବେହେରା ଓ ସୁଶାନ୍ତ ତରାଇଙ୍କୁ ୨୦୦୦ ଟଙ୍କାର ଚେକ, ହେଲମେଟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରିଥିଲେ । ଆଞ୍ଚଳିକ ପରିବହନ ଅଧିକାରୀ ଲୋକନାଥ ମେହେର ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କୁ ସଡ଼କ ନିୟମକୁ କଡାକଡି ଭାବେ ପାଳନ କରିବା ସହ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟାକୁ ଶୂନ କରିବା ପାଇଁ ନିବେଦନ କରିଥିଲେ । 'ହେଲମେଟ ନାହିଁ ତ ପେଟ୍ରୋଲ ନାହିଁ' ଜିଲ୍ଲାପାଳଙ୍କ ଯେଉଁ ଆହ୍ୱାନ ଆଜିର ଦିନରେ ଥିଲା ତାକୁ ପ୍ରତ୍ୟେକ ପେଟ୍ରୋଲ ପମ୍ପମାନେ ଅନୁସରଣ କଲେ ଆମେ ସମସ୍ତେ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟାକୁ ଶୂନ କରିପାରିବା ବୋଲି ସେ ମତବ୍ୟକ୍ତ କରିଥିଲେ । ବିନା ହେଲମେଟରେ ଗାଡି ଚଳାଉଥିବା ବ୍ୟକ୍ତିଙ୍କୁ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଜିଓ ପେଟ୍ରୋଲ ପମ୍ପଠାରେ ଅଟକାଇ ଜୀବନ ହେଉଛି ମୂଲ୍ୟବାନ- ଏଥି ପ୍ରତି ଦୃଷ୍ଟି ଦେବା, ହେଲମେଟ ପରିଧାନ କରିବା ପାଇଁ ପରାମର୍ଶ ଦେବା ସହ ଗୋଲାପ ଫୁଲ ଦେଇ ସମସ୍ତଙ୍କୁ ଏଥି ପାଇଁ ସଚେତନ କରାଯାଇଥିଲା । ଶୁଭାଯାତ୍ରାରେ ଯମ ଓ ଚିତ୍ରଗୁପ୍ତ ଭୂମିକାରେ ଦୁଇ କଳାକାରଙ୍କ ସଚେତନତା ସଭିଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଉକ୍ତ ଶୁଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ଟାଉନ ଥାନା ଆଇ.ଆଇ.ସି ଦିଲ୍ଲୀପ କୁମାର ସାହୁ, ସଦର ଥାନା ଆଇ.ଆଇ.ସି ଶୁଭେନ୍ଦୁ ସାହୁ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ ପ୍ରମୁଖ ଯୋଗ ଦେଇଥିଲେ ।

# ଚିନ୍ତାମଣି ଗୁରୁଜୀଙ୍କ ଜୟନ୍ତୀ

କେନ୍ଦ୍ରାପଡା,୨୬।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ମଧୁସାଗର ବିଦ୍ୟାପୀଠର ପ୍ରାଣ ପ୍ରତିଷ୍ଠାତା ସମାଜ ସଂସ୍କାରକ ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତ ଚିନ୍ତାମଣି ଗୁରୁଜୀଙ୍କ ୧୦୯ତମ ଜୟନ୍ତୀ ଉତ୍ସବ ମହାସମାରୋହରେ ମଧୁସାଗର ପୁରାତନ ଛାତ୍ର ସଂସଦ । ଚିନ୍ତାମଣି ଗୁରୁଜୀ ଓ ରୁକ୍ମିଣୀ ଦେବୀ ସ୍ମାରକୀ ନ୍ୟାସ ପକ୍ଷରୁ ପସ୍ତା ବନ୍ଧାଣ ଅଣ୍ଟା ମଠ ପରିସରରେ ସ୍ମାରକି ନ୍ୟାସର ସଭାପତି ହୃଦାନନ୍ଦ ରାଉତଙ୍କ ସଭାପତିତ୍ୱରେ ପାଳିତ ହୋଇଅଛି । ଏହି ଦିବସ ଉପଲକ୍ଷେ ଛାତ୍ର ସଂସଦ ଓ ସ୍ମାରକୀ ନ୍ୟାସ ପକ୍ଷରୁ ବିଦ୍ୟାପୀଠ ପରିସରରେ ଥିବା ଚିନ୍ତାମଣି ଗୁରୁଜୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇ ସର୍ବଧର୍ମ ପ୍ରାର୍ଥନା କରାଯାଇଥିଲା । ମଠର ସଭାଗୃହରେ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା ସଭାର ପ୍ରାରମ୍ଭରେ ବୈଠକର ଉଦ୍ଦେଶ୍ୟ ଓ ଗୁରୁଜୀଙ୍କ ଅମଳିନ ପ୍ରତିଭା ଉପରେ ଆଲୋକପାତ କରିଥିଲେ । ପୁରାତନ ଛାତ୍ର ସଂସଦ ଓ ସ୍ମାରକୀ ନ୍ୟାସର ସମ୍ପାଦକ ଓ ପଞ୍ଚସଖା ସେତୁ କମିଟିର ସଭାପତି ଭ୍ରମର ରାଉତ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ପରିଷଦ ଧିରେନ୍ଦ୍ର ପ୍ରସାଦ ପୃଷ୍ଟି, ଅରବିନ୍ଦ ସ୍ୱାଇଁ, କେଶବ ଚରଣ ଲେଙ୍କା, ପ୍ରଭାତି ସାହୁ, ନୀଳମାଧବ ରାଉତ, ପୂର୍ବତନ ପ୍ରଧାନ ଶିକ୍ଷକ ସୁଧୀର ରଞ୍ଜନ ବାରିକ, ପ୍ରତାପ ଚନ୍ଦ୍ର ଦାସ, ଅଙ୍କିତା ରାଉତ, ବଳରାମ ଜେନା, ଯଦୁମଣି ପରିଡା, ପ୍ରଭାସ ଚନ୍ଦ୍ର ଦାସ, କ୍ୟାପଟେନ୍ ପ୍ରେମାନ୍ଦ ରାଉତ ସ୍ମୃତିଚାରଣ କରିଥିଲେ । ଏହି ଉତ୍ସବରେ ଅବସରପ୍ରାପ୍ତ କ୍ଲର୍କ ଯଦୁମଣି ପରିଡା ଓ ବିଦ୍ୟାପୀଠର ନବନିଯୁକ୍ତି ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଆଇନ ସେବା ପ୍ରାଧିକରଣ ପକ୍ଷରୁ ସମ୍ବିଧାନ ଦିବସ




ନବରଙ୍ଗପୁର,୨୬।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ସମ୍ବିଧାନ ଦିବସ ଅବସରରେ ମହିଳା ମହାବିଦ୍ୟାଳୟ, ନବରଙ୍ଗପୁର ପରିସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ତରଫରୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀମାନେ, ପାରା ଲିଗାଲ ସଦସ୍ୟ, ଆଇନଜୀବି ପ୍ରମୁଖ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଭାରପ୍ରାପ୍ତ ଅଧକ୍ଷ ତଥା ଅତିରିକ୍ତ ଜିଲ୍ଲା ଣିରାଜର୍ଜ ବିଷ୍ଣୁ ପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାରପ୍ରାପ୍ତ ସଚ୍ଚିବ ଶାଶ୍ୱତୀ ମିଶ୍ର ଯୋଗଦେଇଥିଲେ । ଅନ୍ୟାନ୍ୟ ଅତିଥି ଭାବେ ଆଇନଜୀବି ସଂଘର ସଭାପତି ସିରାଜଉଦ୍ଦିନ ଅହମ୍ମଦ, ଉପ ସଭାପତି ସଦାଶିବ ସାହୁ, ଉପ ମୁଖ୍ୟ ଆଇନ ଗତ ସହାୟତା ପ୍ରତିରକ୍ଷା ପରାମର୍ଶଦାତା ରାଜ କିଶୋରେ ନାଗ, ଆଇନଜୀବି କିଶୋରୀ ପଟ୍ଟନାୟକ, ମହାବିଦ୍ୟାଳୟର ଅଧ୍ୟାପିକା ମାଳେଶ୍ୱରୀ ସାହୁ, ଅଧ୍ୟାପକ ବିନୋଦ ବିହାରୀ ପ୍ରଧାନ, ଅଧ୍ୟାପିକା ତଉରା ବେଗମ, ଅଧ୍ୟାପିକା ରଞ୍ଜୁଷା କୁମାରୀ ପ୍ରହରାଜ, ଅଧ୍ୟାପିକା ଡକ୍ଟର ଏମ. ରୋହିଣୀ ରାଣୀ ମଞ୍ଚାସୀନ ହୋଇ ଭାରତର ନାଗରିକଙ୍କ ମୌଳିକ କର୍ତ୍ତବ୍ୟ ଉପରେ ଛାତ୍ରୀମାନଙ୍କୁ ଆଲୋକପାତ କରିଥିଲେ । ପରିଶେଷରେ ମହାବିଦ୍ୟାଳୟର ଅଧ୍ୟାପକ ନୃପେନ୍ଦ୍ରନାଥ ଖସ୍ଲା ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର ଦ୍ୱାରା ଏହି ଶିବିର ପରିଚାଳନା ହୋଇଥିଲା ।

# ବିନା ହେଲମେଟରେ ବାଇକ ଚାଳନା ସମାଜ ପାଇଁ ବିପଦ

ବ୍ୟାସନଗର,୨୬।୧୧ ଏକ୍ସପ୍ରେସ୍ ନ୍ୟୁଜ୍



ଯାଜପୁର ଜିଲ୍ଲାର ଅଗ୍ରଣୀ ସାମ୍ବାଦିକ ସଂଗଠନ ବ୍ୟାସ ପ୍ରିଣ୍ଟ ମିଡ଼ିଆ ଆସୋସିଏସନ ତରଫରୁ ବୁଧବାର ଏକ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଚୋରଦା ବାଇପାସ ଛକରେ ଅନୁଷ୍ଠିତ ହୋଇଯାଇଛି । ବିନା ହେଲମେରେ ବାଇକ ଚାଳନା ଖାଲି ଚାଳକ ପାଇଁ ବିପଦ ନୁହଁ, ଏହା ସମାଜ ପାଇଁ ମଧ୍ୟ ବିପଦ। ସାମ୍ବାଦିକତା ସହିତ ସମାଜ ସେବା ବ୍ୟାସ ପ୍ରିଣ୍ଟ ମିଡ଼ିଆ ସଂଘର ଧର୍ମ ବୋଲି ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବକ୍ତାମାନେ ମତବ୍ୟକ୍ତ କରିଥିଲେ । ସଂଘ ସଭାପତି ଶରତ ପଥାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯାଜପୁର ରୋଡ଼ ଆଦର୍ଶ ଥାନା ଅଧିକାରୀ ଆଶୀଷ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଟ୍ରାଫିକ ଆଇନ ଉପରେ ଆଲୋକପାତ କରିଥିଲେ । ବରିଷ୍ଠ ଉପଦେଷ୍ଟା ହାରାଧନ ବାନାର୍ଜୀ ଗାଡି ଚାଳନା ବେଳେ ଟ୍ରାଫିକ ନିୟମ ପାଳନ ସହିତ ହେଲମେଟ ପିନ୍ଧିବା ଜରୁରୀ ବୋଲି କହିଥିଲେ । ସାଧାରଣ ସମ୍ପାଦକ ଡ଼.ଚିନ୍ତାମଣି ପାଢ଼ୀ ଟ୍ରାଫିକ ସଚେତନ ଅଭାବରୁ ପ୍ରତିଦିନ ଦୁର୍ଘଟଣାରେ କିଭଳି ଅମୁଲ୍ୟ ଜୀବନ ଗୁଡିକ ଝଡି ପଡୁଛି ତାହାର ଏକ ତଥ୍ୟ ଉପସ୍ଥାପନା କରିଥିଲେ । ଏହି ଅବସରରେ ଯେଉଁମାନେ ହେଲମେଟ ପିନ୍ଧି ଯାଉଥିଲେ ସେମାନଙ୍କୁ ଗୋଲାପ ଫୁଲ ଓ ଚକୋଲେଟ ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା । ଯେଉଁମାନେ ହେଲମେଟ ପିନ୍ଧି ନଥିଲେ ସେମାନଙ୍କୁ ମାଗଣାରେ ହେଲମେଟ ପ୍ରଦାନ କରାଯାଇ ଟ୍ରାଫିକ ନିୟମ ନେଇ ସଚେତନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରରେ ବାବୁରାମ ଜେନା, ଉମାକାନ୍ତ ରାଉତ, ବିଜୟ କୁମାର ସାହୁ, ପବିତ୍ର ରଞ୍ଜନ ମହାନ୍ତି, ଦେବେନ୍ଦ୍ର କୁମାର ନାୟକ,ପ୍ରଶାନ୍ତ କୁମାର ପାତ୍ର ଯଜ୍ଞଦତ୍ତ ତ୍ରିପାଠୀ, ଦୁଷ୍ମନ୍ତ କୁମାର ରାଉତ, ପ୍ରଦ୍ୟୁମ୍ନ ବୋଇତାଇ, ପ୍ରଶାନ୍ତ କୁମାର ପାତ୍ର, କୈଳାସ ଚନ୍ଦ୍ର ରାଉତ, ଭରତ ରାଉତ, ଜ୍ଞାନରଞ୍ଜନ ରାଉତ, ସୁଦୀପ ମିଶ୍ର, ଶ୍ରୀକାନ୍ତ ବ୍ରହ୍ମ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ୧୨ଦଫା ଦାବି ନେଇ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

କେନ୍ଦ୍ରାପଡା,୨୬।୧୧ ଏକ୍ସପ୍ରେସ୍ ନ୍ୟୁଜ୍

କେନ୍ଦ୍ରାପଡା ଜିଲ୍ଲା ବିଦ୍ୟୁତ୍ ଉପଭୋକ୍ତା ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିଦ୍ୟୁତ୍ ସେବା ନାଁରେ ଟିପିସିଓଡିଏଲ୍ ଚଳାଇଥିବା ଶୋଷଣ ବିରୋଧରେ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । କମିଟି ଅଭିଯୋଗ କରିଛି ଯେ, ବିଦ୍ୟୁତ୍ ମିଟର ଠିକ୍ ଥାଇ ପ୍ରତ୍ୟେହ ବିଲ୍ ଦିଆଯାଉଥିଲେ ବି କମ୍ପାନୀ ଜବରଦସ୍ତ ସ୍ମାର୍ଟ ମିଟର ଲଗାଇ ନିଜର ପାୱାର ବଳରେ ସ୍ମାଟ ଲୁଟ କରି ଚାଲିଛି । ବାରମ୍ବାର ବିଦ୍ୟୁତକାଟ ବା ଅନ୍ ଅଫ୍ କରିବା ଦ୍ୱାରା ଏହି ସ୍ମାର୍ଟ ମିଟରରେ ଆଶ୍ଚର୍ଯ୍ୟ ଚକିତ କଲାଭଳି ବିଲ୍ ଆସୁଛି । କମ୍ପାନୀର ଏହି ମୁନାଫା ସାଧାରଣ ଲୋକଙ୍କ ଉପରେ ବୋଝ ହୋଇପଡୁଛି । ମନମୁଖୀ ଭାବେ ମରାମତି ନାମରେ ଦୀର୍ଘ ସମୟ ଧରି ବିଦ୍ୟୁତ୍‌କାଟ୍ କରାଯିବା ଫଳରେ ବୟସ୍କ, ରୋଗୀ ଓ ଶିଶୁମାନେ ପ୍ରଭାବିତ ହେଉଛନ୍ତି । ଗାଁ ଗହଳିରେ ବିଦ୍ୟୁତ ଲାଇନ୍ ତଥା ଟ୍ରାନ୍ସଫରମର ପରିଚାଳନା ସଠିକ୍ ଢଙ୍ଗରେ ନହେବା ଦ୍ୱାରା ଜନସାଧରଣ ବିଲ ଦେଇ ମଧ୍ୟ ଲୋ-ଭୋଲଟେଜର ସମ୍ମୁଖୀନ ହେଉଛନ୍ତି । ପ୍ରଚାର କରାଯାଏ, ଆପଣଙ୍କ ସେବାରେ ଟାଟା ପାୱାର, କିନ୍ତୁ ସତ୍ୟ ହେଉଛି ଆପଣଙ୍କୁ ଶୋଷିବାରେ ଟାଟା ପାୱାର । ସ୍ମାର୍ଟ ମିଟରକୁ ବାଧ୍ୟତାମୂଳକ କରାନଯାଉ । ଯେଉଁମାନଙ୍କର ମିଟର ଠିକ୍ ଭାବେ ଚାଲୁ ରହିଛି ଆଳ ଦେଖାଇ ତାକୁ ପରିବର୍ତ୍ତନ କରାନଯାଉ । ମରାମତି ନାମରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ କରାନଯାଉ । ଯେଉଁ ଅଞ୍ଚଳରେ ବିଦ୍ୟୁତ ମରାମତି ଆବଶ୍ୟକ ପଡୁଛି, କେବଳ ସେହି ଅଞ୍ଚଳରେ ବିଦ୍ୟୁତ ବିଛିନ୍ନ କରି କାର୍ଯ୍ୟ କରାଯାଉ । ସମ୍ପୂର୍ଣ୍ଣ ସେକ୍ସନକୁ ଅନ୍ଧାର କରାନଯାଉ । ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ବିଦ୍ୟୁତ କାଟ କରାଗଲେ ପ୍ରଶାସନିକ ଅଧିକାରୀଙ୍କ ପରମିଶନ ନିଆଯାଉ । ବିଭିନ୍ନ ଅଞ୍ଚଳରେ ଲାଗି ରହିଥିବା ଲୋ-ଭୋଲଟେଜ ସମସ୍ୟାକୁ ଦୂରୀକରଣ କରାଯାଉ । ମାସିକ ମିଟର ରିଡିଂ ଏକ ନିର୍ଦ୍ଦିଷ୍ଟ ତାରିଖରେ ନିଆଯାଉ । ସର୍ବସାଧାରଣ ବ୍ୟବହୃତ ସରକାରୀ ପାନୀୟ ଜଳ ପ୍ରକଳ୍ପରୁ କୌଣସି ପରିସ୍ଥିତିରେ ବି ବିଦ୍ୟୁତ ବିଚ୍ଛିନ୍ନ କରାନଯାଉ । ଆବଶ୍ୟକ ସ୍ଥଳେ ଉପଭୋକ୍ତାଙ୍କ ଗୃହକୁ ବିଦ୍ୟୁତ ସଂଯୋଗ ପାଇଁ ବିଦ୍ୟୁତ ଖୁଣ୍ଟିର ମୂଲ୍ୟ ସମ୍ପୂର୍ଣ୍ଣ କମ୍ପାନୀ ବହନ କରୁ । ଚେକିଂ ନାଁରେ ଉପଭୋକ୍ତାଙ୍କୁ ନାଲି ଆଖି ଦେଖାନଯାଉ, ପୁରୁଷ ଲୋକ ନଥିବା ଘରେ ପଶି ଲାଇନ ଚେକିଂ କରିବାରୁ ନିବୃତ୍ତ ରୁହନ୍ତୁ । ବିଲ ଗୁଡିକୁ ଓଡିଆ ଭାଷାରେ ଲିପିବଦ୍ଧ କରାଯାଉ । ବିଦ୍ୟୁତ ଚୋରି ଓ ତା ପାଇଁ ଦଣ୍ଡ ସମ୍ବନ୍ଧରେ ବହୁଳ ପ୍ରଚାର କରାଯାଉ । ଆସନ୍ତା ୧୫ଦିନ ମଧ୍ୟରେ ଦାବି ଗୁଡ଼ିକର ଆଶୁ ସମାଧନ କରାନଗଲେ ଉପଭୋକ୍ତାମାନେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦିଆଯାଇଛି । ସମାଜସେବୀ ତଥା ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସରୋଜକାନ୍ତ ସାହୁଙ୍କ ନେତୃତ୍ୱରେ ଏହି ଦାବି ପତ୍ର ପ୍ରଦାନ ସମୟରେ ବରିଷ୍ଠ ସଂଗଠକ ମହେନ୍ଦ୍ର କୁମାର ସିଂହ, ସେକ ଅସଲମ, ଲୋହିତ କୁମାର ମହାନ୍ତି, ସଂଜୟ କୁମାର ସେଠୀ, ପ୍ରସନ୍ନ ରାଉତ, ରାଜ କିଶୋର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ ।

# ହ୍ୟୁମାନ ସାଗରଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡା,୨୬।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ତିନିମୁହାଣୀ କଲେଜ ଛକସ୍ଥିତ ବିଶ୍ୱାସ ୟୁଥ କ୍ଲବ ପକ୍ଷରୁ ସଂଗୀତକାର ହ୍ୟୁମାନ ସାଗରଙ୍କୁ ଗଭିର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ସମସ୍ତଙ୍କର ଜଣାଶୁଣା ଏବଂ ସବୁରି ପ୍ରିୟ ସଂଗୀତକାର, ଗାୟକ ଓଡିଶାର କୋଣ ଅନୁକୋଣରେ ପରିଚିତ ଥିଲେ । ତାଙ୍କର ଲୋକପ୍ରିୟ ସଂଗୀତ ଛୋଟରୁ ବଡ ଯାଏ ଆବାଳ ବୃଦ୍ଧ ବନିତା ସମସ୍ତଙ୍କ ମନକୁ ଛୁଇଁ ପାରିଥିଲା । ତାଙ୍କ ଅକାଳ ବିୟୋଗରେ ସମଗ୍ର ଓଡିଶାବାସୀ ସ୍ତବ୍ଧ ହୋଇଯାଇଥିବା ବେଳେ ତିନିମୁହାଣୀ ବିଶ୍ୱାସ କ୍ଲବ ପକ୍ଷରୁ ମହମବତୀ ଜଳାଇ ସଭାପତି, ସମ୍ପାଦକ, କୋଷାଧକ୍ଷ ଓ ସଦସ୍ୟମାନେ ହ୍ୟୁମାନ ସାଗରଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

# ତୃଣମୂଳସ୍ତରରେ ମହିଳାଙ୍କ ଆର୍ଥିକ ସଶକ୍ତିକରଣ ମୂଳ ଲକ୍ଷ୍ୟ

କେନ୍ଦୁଝର,୨୬।୧୧ ଏକ୍ସପ୍ରେସ୍ ନ୍ୟୁଜ୍



କେନ୍ଦୁଝର ଅଡିଟୋରିଅମ ଠାରେ ଓଡିଶା ଗ୍ରାମୀଣ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ଏବଂ କେନ୍ଦୁଝର ଜିଲ୍ଲା ପ୍ରଶାସନର ମିଳିତ ସହଭାଗିତାରେ ଏକ ବିଶାଳ ଋଣ ପ୍ରଦାନ ମେଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ କେନ୍ଦୁଝରର ସାଂସଦ ଅନନ୍ତ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନାରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଅବଦାନକୁ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ କେନ୍ଦୁଝର ପୌରାଧକ୍ଷା ନିକୁ ସାହୁ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଅଗ୍ରଣୀ ଜିଲ୍ଲା ବ୍ୟାଙ୍କ ଅଧିକାରୀ ହୀରାଲାଲ ମହାମଲିକ, ନାବାର୍ଡ ଅଧିକାରୀ କୃରେଷ କୁମାର ନାୟକ, ଓଜିବିର ମହାପ୍ରବନ୍ଧକ ବାସୁଦେବ ରାଉତରାୟ, କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟ ପରିଚାଳକ ସତ୍ୟବ୍ରତ ନନ୍ଦ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଧ୍ୟରେ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ପ୍ରକଳ୍ପ ସଂଯୋଜିକା ମିଶନ ଶକ୍ତି ସମିଧା ପାଢ଼ୀ, ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ପବିତ୍ରମୋହନ ବାରା ଯୋଗଦେଇ ସଭାକୁ ଉତ୍ସହିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ତଥା ଅନ୍ୟାନ୍ୟ ସରକାରୀ ସ୍ୱନସରସିପ ଋଣ ପ୍ରାପ୍ତିର ଆବଣ୍ଟନପତ୍ର ପ୍ରଦାନ କରାଯାଇଥିଲା । ତନ୍ମଧ୍ୟରୁ ସ୍ୱୟଂ ସହାୟକ ଗୋଷ୍ଠୀ ଋଣରେ ୧୦୦ କୋଟିରୁ ଉର୍ଦ୍ଧ୍ୱ ରାଶି ମଞ୍ଜୁର କରାଯାଇଥିବା ବେଳେ ଅନ୍ୟାନ୍ୟ ଯୋଜନା ମଞ୍ଜୁର କରାଯାଇଥିଲା । କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟ ବ୍ୟବସାୟ ବିଭାଗ ମୁଖ୍ୟ ଗୌରୀ ଶଙ୍କର ଦାଶ, କାର୍ଯ୍ୟ ସମ୍ପାଦନ ବିଭାଗ ମୁଖ୍ୟ ସୁଧାଂଶୁ ଶେଖର ସେଠୀ ଏବଂ ଖୁଚୁରା ଋଣ ବିଭାଗ ମୁଖ୍ୟ ଜ୍ୟୋତି ବିକାଶ ପଣ୍ଡା ସଭାକୁ ପରିଚାଳନା କରିଥିଲେ । ଋଣ ବିଭାଗ ପରିଚାଳିକା ସୀମା ସର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧିକାରୀ ସତ୍ୟରଞ୍ଜନ ପ୍ୟାରୀମୋହନ ସ୍ୱାଇଁ, ଅଭିମନ୍ୟୁ ବେହେରା, ବିଶ୍ୱନାଥ ନାୟକ ତଥା ଅଧିକାରିଣୀ ତମସ୍ୱିନୀ ସେଠୀ, ସ୍ନେହାପ୍ରଭା ବେହେରା ଓ ଅନ୍ୟାନ୍ୟ କର୍ମକର୍ତ୍ତା ବୃନ୍ଦ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା ଦିଗରେ ସହଯୋଗ କରିଥିଲେ ।

# ଗୋଷ୍ଠି ଶୌଚାଳୟ କାହା ସ୍ୱାର୍ଥରେ ?

ମାର୍ଶାଘାଇ,୨୬।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ମାର୍ଶାଘାଇ ବ୍ଲକ ପରିସରରେ ଉନ୍ନୟନ କାର୍ଯ୍ୟ ସବୁ କିପରି ଲୋକମାନଙ୍କ କାର୍ଯ୍ୟରେ ଲାଗୁଛି ତାହା ଖୋଦ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ନିକଟରେ ଥିବା ଗୋଷ୍ଠି ଶୌଚାଳୟରୁ ବାରି ହୋଇ ପଡୁଛି । ବ୍ଲକ ପରିସରରେ କିଛି ମାସ ତଳେ ସରକାରୀ ତହବିଲରୁ ସର୍ବସାଧାରଣଙ୍କ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ ଗୋଷ୍ଠି ଶୌଚାଳୟ ନିର୍ମାଣ ହୋଇଥିଲା । ହେଲେ ନିର୍ମାଣ ଦିନରୁ ଏହା ତାଲାପଡି ରହିବା ସହିତ ଗଛଲତା ମାଡି ରହିଛି । ଯାହାକୁ ନେଇ ବ୍ଲକ ପରିସରକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଲୋକମାନେ ଶୌଚ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେବେ ଏହି ପ୍ରକଳ୍ପ ନିର୍ମାଣରେ ଖର୍ଚ୍ଚ ହୋଇଥିବା ଅର୍ଥର ବିଲ ଏହି ଶୌଚାଳୟକୁ ଲାଗିଥିବା ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ପାସ ହୋଇଯାଇଛି । ଟଙ୍କା ପଇଠ ହୋଇଥିବା ବେଳେ ଏହା କେମି ଲୋକଙ୍କ କାର୍ଯ୍ୟରେ ଆସୁଛି ତାହା ଦେଖିବାକୁ କେହି ନାହିଁ । ଯନ୍ତ୍ରୀଙ୍କ ଠାରୁ ଆରମ୍ଭକରି ସହକାରୀ ଯନ୍ତ୍ରୀ ବିଡିଓଙ୍କ ପର୍ଯ୍ୟନ୍ତ ଯାତାୟତ କରୁଥିବା ବେଳେ କାହା ନଜରକୁ ନ ଆସିବା ନେଇ ସାଧାରଣରେ ପ୍ରଶ୍ନ ଉଠିଛି ।

# ସିବିସି ଏବଂ ପିଆଇବି ଭୁବନେଶ୍ୱର ଦ୍ୱାରା ସମ୍ବିଧାନ ଦିବସ

ଭୁବନେଶ୍ୱର,୨୬।୧୧ ଏକ୍ସପ୍ରେସ୍ ନ୍ୟୁଜ୍

କେନ୍ଦ୍ରୀୟ ଯୋଗାଯୋଗ କାର୍ଯ୍ୟାଳୟ (ସିବିସି) ଏବଂ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱର ପକ୍ଷରୁ ଆଜି, ଜାତୀୟ ସମ୍ବିଧାନ ଦିବସ ୨୦୨୫ ପାଳନ ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା, ଯାହାର ଉଦ୍ଦେଶ୍ୟ ଥିଲା ସାମ୍ବିଧାନିକ ସାକ୍ଷରତାକୁ ପ୍ରୋତ୍ସାହିତ କରିବା ଏବଂ ଭାରତର ସମ୍ବିଧାନରେ ପ୍ରଦତ୍ତ ମୂଲ୍ୟବୋଧକୁ ପୁନଃନିର୍ମାଣ କରିବା ।

ଅଖିଳ କୁମାର ମିଶ୍ର, ଅତିରିକ୍ତ ମହାନିର୍ଦ୍ଦେଶକ, ପିଆଇବି ଏବଂ ସିବିସି (ଓଡ଼ିଶା ଏବଂ ଝାଡ଼ଖଣ୍ଡ କ୍ଷେତ୍ର) ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିବା ସହ ମୁଖ୍ୟ ଭାଷଣ ପ୍ରଦାନ କରିଥିଲେ । ଏହା ସହିତ ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ସାହୁ ଏବଂ ଡକ୍ଟର ପ୍ରତିମା ସାରଙ୍ଗୀ, ସ୍ନାତକୋତ୍ତର ସାଧାରଣ ପ୍ରଶାସନ ଏବଂ ସାମ୍ବାଦିକତା ବିଭାଗର ମୁଖ୍ୟ, ବିଶିଷ୍ଟ ବକ୍ତା ଭାବରେ ଉପସ୍ଥିତ ଥିଲେ ।

ନିଜ ଅଭିଭାଷଣରେ, ଅଖିଳ କୁମାର ମିଶ୍ର କହିଥିଲେ ଯେ, ଏହି କାର୍ଯ୍ୟକ୍ରମ ସମ୍ବିଧାନ ଦିବସ ପାଳନର ଏକ ପ୍ରାରମ୍ଭିକ କାର୍ଯ୍ୟକ୍ରମ। ୨୬ ନଭେମ୍ବର ୧୯୪୯ରେ ସମ୍ବିଧାନ ଗ୍ରହଣକୁ ମନେ ପକାଇ ସେ ଏହାକୁ ଏକ ଅସାଧାରଣ, ଦୃଢ଼ ଏବଂ ବିକଶିତ ଦଲିଲ୍ ଭାବରେ ବର୍ଣ୍ଣନା କରିଥିଲେ । ଯାହା ୭୫ ବର୍ଷ ଧରି ଭାରତର ଗଣତାନ୍ତ୍ରିକ ଯାତ୍ରାକୁ ମାର୍ଗଦର୍ଶନ କରିଛି । ସେ କହିଥିଲେ ଯେ ସମ୍ବିଧାନ ସମାଜର ପରିବର୍ତ୍ତିତ ଆବଶ୍ୟକତା ସହିତ ଖାପ ଖୁଆଇଛି, ନାଗରିକଙ୍କ ଅଧିକାରକୁ ସୁରକ୍ଷିତ କରି ଦେଶକୁ ବିଭିନ୍ନ ସାମାଜିକ ଏବଂ ରାଜନୈତିକ ଆହ୍ୱାନର ମୁକାବିଲା କରିବାକୁ ସକ୍ଷମ କରିଛି ।

ଶ୍ରୀ ମିଶ୍ର ଆହୁରି ମଧ୍ୟ କହିଥିଲେ ଯେ, ସମ୍ବିଧାନ କେବଳ ଲୋକଙ୍କୁ ସୁରକ୍ଷା ଦିଏ ନାହିଁ ବରଂ ଭାରତର ଦୀର୍ଘକାଳୀନ ବିକାଶମୂଳକ ଆକାଂକ୍ଷାର ମୂଳଦୁଆ ମଧ୍ୟ ସ୍ଥାପନ କରେ । ବିକଶିତ ଭାରତ ୨୦୪୭ ଏବଂ ବିକଶିତ ଓଡ଼ିଶା ୨୦୩୬ର ଦୃଷ୍ଟିକୋଣକୁ ଉଲ୍ଲେଖ କରି ସେ କହିଥିଲେ, ଏହି ଜାତୀୟ ଲକ୍ଷ୍ୟଗୁଡ଼ିକ ସାମ୍ବିଧାନିକ ନୀତିରେ ଗଭୀର ଭାବରେ ନିହିତ । ସେ ଗୁରୁତ୍ୱାରୋପ କରିଥିଲେ ଯେ, ୨୦୨୫ରେ ସମ୍ବିଧାନ ଦିବସ ପାଳନ କେବଳ ସ୍ମରଣର କାର୍ଯ୍ୟ ନୁହେଁ ବରଂ ଏକ ଦଲିଲର ଉତ୍ସବ ଯାହା ଜାତୀୟ ପ୍ରଗତି ଏବଂ ସାମୂହିକ ଦାୟିତ୍ୱକୁ ପ୍ରେରଣା ଦେଇ ଚାଲିଛି ।




କାର୍ଯ୍ୟକ୍ରମରେ ନିଜର ମନ୍ତବ୍ୟ ରଖି ଅକ୍ଷୟ କୁମାର ସାହୁ କହିଛନ୍ତି ଯେ, ପ୍ରସ୍ତାବନା ସମ୍ବିଧାନର ଆତ୍ମାକୁ ମୂର୍ତ୍ତିମନ୍ତ କରେ ଏବଂ ପ୍ରତ୍ୟେକ ନାଗରିକଙ୍କ ମଧ୍ୟରେ କର୍ତ୍ତବ୍ୟ, ଦାୟିତ୍ୱ ଏବଂ ନୈତିକ ଦାୟିତ୍ୱର ଭାବନା ସୃଷ୍ଟି କରେ। ସେ କହିଛନ୍ତି ଯେ ଯଦିଓ ସମ୍ବିଧାନ ଦଶନ୍ଧି ଧରି ଅନେକ ଆହ୍ୱାନର ସମ୍ମୁଖୀନ ହୋଇଛି, ଯେଉଁଥିରେ ମୌଳିକ ଅଧିକାରକୁ ଦୁର୍ବଳ କରିବାର ପ୍ରୟାସ ଏବଂ ଜରୁରୀକାଳୀନ ପରିସ୍ଥିତିର ଅଭିଜ୍ଞତା ଅନ୍ତର୍ଭୁକ୍ତ, ତଥାପି ମୌଳିକ ଗଠନ ତତ୍ତ୍ୱ ଏବଂ ନାଗରିକ ସତର୍କତା ଭଳି ନ୍ୟାୟିକ ସୁରକ୍ଷା ଯୋଗୁଁ ଏହା ଦୃଢ଼ ରହିଛି । 'ନିରନ୍ତର ସତର୍କତା ହେଉଛି ସ୍ୱାଧୀନତାର ମୂଲ୍ୟ' ଉପରେ ଗୁରୁତ୍ୱ ଦେଇ ଶ୍ରୀ ସାହୁ କହିଛନ୍ତି ଯେ, ଯେତେବେଳେ ଲୋକମାନେ ସୂଚନା ପ୍ରାପ୍ତ ହୁଅନ୍ତି, ବିକାଶକୁ ପ୍ରଶ୍ନ କରନ୍ତି ଏବଂ ସାମ୍ବିଧାନିକ ମୂଲ୍ୟବୋଧକୁ ବଜାୟ ରଖନ୍ତି, ସେତେବେଳେ ଗଣତନ୍ତ୍ର ବିକଶିତ ହୁଏ। ସେ ଆହୁରି କହିଛନ୍ତି ଯେ, ସଂଖ୍ୟାଗରିଷ୍ଠ ସରକାର କେତେକ ସମୟରେ ପର୍ଯ୍ୟାପ୍ତ ଯାଞ୍ଚ ବିନା ଆଇନ ଲାଗୁ କରିପାରନ୍ତି, କିନ୍ତୁ ଲୋକଙ୍କ ସାମୂହିକ ସ୍ୱର ଶେଷରେ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରେ ଏବଂ ସମ୍ବିଧାନର ଅଖଣ୍ଡତାକୁ ରକ୍ଷା କରେ ।

ଏହି ଅବସରରେ ଡକ୍ଟର ପ୍ରତିମା ସାରଙ୍ଗୀ କହିଛନ୍ତି ଯେ, 'ଆମେ, ଭାରତର ଲୋକମାନେ' ଶବ୍ଦଗୁଡ଼ିକ ସମ୍ବିଧାନର ଅନ୍ତର୍ଭୁକ୍ତିମୂଳକ ଦର୍ଶନକୁ ପ୍ରତିଫଳିତ କରେ, ଯାହା ସୁନିଶ୍ଚିତ କରେ ଯେ ସମାଜର ଅଣୁଣା ଏବଂ ଅଣପ୍ରତିନିଧିତ୍ୱିତ ବର୍ଗ ମଧ୍ୟ ଜାତୀୟ ଆଲୋଚନାରେ ସ୍ଥାନ ପାଆନ୍ତି । ସେ କହିଛନ୍ତି ଯେ, ସମ୍ବିଧାନ କେବଳ ଏକ ଆଇନଗତ ପାଠ୍ୟ ନୁହେଁ, ବରଂ ପ୍ରତ୍ୟେକ ନାଗରିକ ପାଇଁ ଗର୍ବର ଉତ୍ସ, ଭାରତର ଗଣତାନ୍ତ୍ରିକ, ଧର୍ମନିରପେକ୍ଷ ଏବଂ ସମାନତାବାଦୀ ନୀତିକୁ ମାର୍ଗଦର୍ଶନ କରେ । ମୌଳିକ ଅଧିକାର, ବିଶେଷକରି ସମାନତାର ଅଧିକାରର ଗୁରୁତ୍ୱ ଉପରେ ଆଲୋକପାତ କରି ସେ କହିଥିଲେ ଯେ, ଏହି ନୀତିଗୁଡ଼ିକ ଏକ ଯୁବ, ବିବିଧ ଏବଂ ଉଦୀୟମାନ ବିଶ୍ୱ ଶକ୍ତି ଭାବରେ ଭାରତର ପରିଚୟକୁ ଗଠନ କରେ ଏବଂ ସମସ୍ତଙ୍କ ପାଇଁ ସମ୍ମାନ ଏବଂ ନିରପେକ୍ଷତା ସୁନିଶ୍ଚିତ କରିବାରେ କାର୍ଯ୍ୟପାଳିକା, ବିଧାନସଭା ଏବଂ ନ୍ୟାୟପାଳିକାକୁ ମାର୍ଗଦର୍ଶନ କରିବା ଜାରି ରଖିବ ।

ସିବିସି କର୍ମଚାରୀମାନଙ୍କ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା, ଯେଉଁଥିରେ ଜାତୀୟ ଏକତା, ନାଗରିକ ଦାୟିତ୍ୱ ଏବଂ ସାମ୍ବିଧାନିକ ଆତ୍ମା ଭଳି ବିଷୟବସ୍ତୁ ଉପରେ ଆଲୋକପାତ କରାଯାଇଥିଲା । ଏବଂ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା, ଯାହା ସେମାନଙ୍କର ସକ୍ରିୟ ଅଂଶଗ୍ରହଣକୁ ସ୍ୱୀକୃତି ଏବଂ ସାମ୍ବିଧାନିକ ନୀତି ସହିତ ଅଧିକ ଜଡିତତାକୁ ଉତ୍ସାହିତ କରିଥିଲା ।

କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି), ଭୁବନେଶ୍ୱରର ସହାୟକ ନିର୍ଦ୍ଦେଶକ ପ୍ରଦୀପ କୁମାର ଚୌଧୁରୀ ସ୍ୱାଗତ ଭାଷଣ ଦେବା ସହ ନାଗରିକ ସଚେତନତା ଏବଂ ଦାୟିତ୍ୱକୁ ସୁଦୃଢ଼ କରିବା ପାଇଁ ସମ୍ବିଧାନ ଦିବସ ପାଳନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ପରିଶେଷରେ ପିଆଇବିର ସହାୟକ ନିର୍ଦ୍ଦେଶକ ମହେନ୍ଦ୍ର ପ୍ରସାଦ ଜେନାଙ୍କ ଧନ୍ୟବାଦ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶରତ ମହୋତ୍ସବ ଓ ମୂର୍ଚ୍ଛନାର ବାର୍ଷିକୋତ୍ସବ

ଭୁବନେଶ୍ୱର,୨୬।୧୧ ଏକ୍ସପ୍ରେସ୍ ନ୍ୟୁଜ୍



ସାଂସ୍କୃତିକ ଅନୁଷ୍ଠାନ ମୂର୍ଚ୍ଛନାର ବାର୍ଷିକ ଉତ୍ସବ ଓ ଓଡ଼ିଶା କଲଚ଼ର୍ ଆର୍ଟ ଏକାଡେମୀ (ଓକା) ଅନୁଷ୍ଠାନର ଜାତୀୟସ୍ତରୀୟ ଶରତ ମହୋତ୍ସବ ଜୟଦେବ ଭବନ ଭୁବନେଶ୍ୱର ପରିସରରେ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ ମଲ୍ଲିକ । ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ପୂର୍ବତନ ସଂସ୍କୃତି ନିର୍ଦ୍ଦେଶକ ଓ ଶ୍ରୀମନ୍ଦିର ପ୍ରଶାସକ ତଥା ଆରଡିସି ରଞ୍ଜନ କୁମାର ଦାସ ।

ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତା ଓ ସଭାପତି ବସନ୍ତ କୁମାର ଦାସ ୨୪ତମ ବାର୍ଷିକ ଉତ୍ସବର ବିବରଣୀ ଓ ଶରତ ମହୋତ୍ସବର ଉଦ୍ଦେଶ୍ୟ ଉପରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଆସନ୍ତା ଜାନୁଆରୀ ୨ ତାରିଖରେ ମୂର୍ଚ୍ଛନା ପତ୍ରିକା ଅନ୍ନପୂର୍ଣ୍ଣା ଥିଏଟର ପୁରୀ ଠାରେ ଉନ୍ମୋଚିତ ହେବ ବୋଲି ଘୋଷଣା କରିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ନିଗମର ଅତିରିକ୍ତ ଶାସନ ସଚ୍ଚିବ ନାରାୟଣ ଚନ୍ଦ୍ର ଧଳ । ବରେଣ୍ୟ ଅତିଥି ଭାବେ ଯୋଗଦେଇ ଥିଲେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଅଶୋକ ମଲ୍ଲିକ,ସମ୍ମାନୀତ ଅତିଥି ଭାବେ ଚଳଚ୍ଚିତ୍ର ଅଭିନେତା ଅଭିନବ ସିଂହ, ଦେବୀ ବାରିକ, ମିଟୁ ମିଥୁନ ପ୍ରମୁଖ ଯୋଗଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ ଆଲବମ୍ ଓ ଚଳଚ୍ଚିତ୍ର କଣ୍ଠଶିଳ୍ପୀ ସୁବାଶିସ ମହାକୁଳ, ବରିଷ୍ଠ ସାମ୍ବାଦିକ ମାନସ ରଞ୍ଜନ ଦାଶ, ଜିଲ୍ଲା ଉପ ସଭାପତି ବରିଷ୍ଠ ବିଜେପି ନେତା ମୃତ୍ୟୁଞ୍ଜୟ ମିଶ୍ର, ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଥିଲେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଡ଼. ତ୍ରିଲୋଚନ ବରାଳ । ଏହି ଉତ୍ସବରେ ଓଡ଼ିଶାରୁ ୧୫୦ଜଣ କଳାକାର, କବି, ସମାଜସେବୀମାନଙ୍କୁ ଓଡ଼ିଶା ରତ୍ନ ଓ ଜିଲ୍ଲା ରତ୍ନ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଉପସ୍ଥାପନାରେ ଫେଷ୍ଟିଭାଲ ନିର୍ଦ୍ଦେଶକ ପ୍ରଦୀପ ବିହାରୀ, ଫେଷ୍ଟିଭାଲ ନିର୍ଦ୍ଦେଶିକା ପ୍ରଭାତୀ ନାୟକ ସ୍ୱାଗତ ସଙ୍ଗୀତରେ ବିଜୟିନୀ ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ମୋନାଲିସା ଷଡ଼ଙ୍ଗୀ, ଅକ୍ଷୟ କୁମାର ସାମଲ, ବିଜୟ କେତନ ସାହୁ, ରଞ୍ଜନ କୁମାର ସାହୁ, ବୈଷ୍ଣବ ପ୍ରଧାନ, ପିତାମ୍ବର ପ୍ରଧାନ, ଦିବ୍ୟାଲିଶା ନାୟକ, ମୀନକେତନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

# ଇକୋ ରିଟ୍ରେଟ ଓ କୋଣାର୍କ ମହୋତ୍ସବ ଦୁର୍ନୀତି ବିରୋଧରେ ଦାବିପତ୍ର

ଗୋପ,୨୬।୧୧ ଏକ୍ସପ୍ରେସ୍ ନ୍ୟୁଜ୍



ପ୍ରତିବର୍ଷ ଭଳି ଚଳିତ ବର୍ଷ କୋଣାର୍କ ମହୋତ୍ସବ ଏବଂ ଇକୋ ରିଟ୍ରେଟ ମହାଡ଼ମ୍ବରରେ କରାଯାଉଛି । ଦୁଃଖ ଓ ପରୀତାପର ବିଷୟ ଏହିକିଯେ କେବଳ ଏହି ମହୋତ୍ସବରେ ସମସ୍ତ ମନ୍ତ୍ରୀ ଓ ନେତାମାନଙ୍କୁ କେବଳ ଦେଖିବାକୁ ମିଳୁଛି । ଗୋପ, କୋଣାର୍କ କାକଟପୁର, ବାଙ୍ଗୁରୀଗାଁ ଏବଂ ଅସ୍ତରଙ୍ଗ ଡାକ୍ତରଖାନାରେ ଅଭିଜ୍ଞ ଡାକ୍ତର କିମ୍ବା ନର୍ସ ନଥିବାରୁ ସାଧାରଣ ଜନତା ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେଥିପାଇଁ ଆସନ୍ତା ଡିସେମ୍ବର ମାସ ୨ ତାରିଖ ରୁ ପାଞ୍ଚଦିନ ଧରି ଜିଲ୍ଲା କଂଗ୍ରେସ ପକ୍ଷରୁ କୋଣାର୍କ ବଜାର ବନ୍ଦ ରଖାଯିବ ବୋଲି ଗଣମାଧମକୁ ସୂଚାଇଛନ୍ତି ପୁରୀ ଜିଲ୍ଲା କଂଗ୍ରେସ କମିଟି ସଭାପତି ଇଞ୍ଜିନିଅର ରାଜେଶ ମିଶ୍ର । ଏଥିପାଇଁ ଜିଲ୍ଲାପାଳ ପୁରୀଙ୍କୁ କଂଗ୍ରେସ ଦଳ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ ପୁରୀ ଜିଲ୍ଲା କଂଗ୍ରେସ କମିଟି ସଭାପତି ରାଜେଶ ମିଶ୍ରଙ୍କ ସହିତ କାକଟପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବିଶ୍ୱଭୂଷଣ ଦାସ, ଅମରେନ୍ଦ୍ର ପାଇକରାୟ, ବିଶ୍ୱନାଥ ଦାଶଙ୍କ ସହିତ ପୁରୀଜିଲ୍ଲା କଂଗ୍ରେସ କମିଟିର ନେତୃମଣ୍ଡଳୀ ଉପସ୍ଥିତ ଥିଲେ ।

**ଆଭାସ ଫାଇନାନ୍ସରସ୍ ଲିମିଟେଡ୍**
(CIN:L65922RJ2011PLCO34297) ରେଜିଷ୍ଟର ଏବଂ କର୍ପୋରେଟ୍ ଅଫିସ୍ : ୨୦୧-୨୦୨, ଦ୍ୱିତୀୟ ମହଲା, ସାଉଥ୍ ଏଣ୍ଡ ସ୍କୋୟାର, ମନସରୋଭର ଇଣ୍ଡଷ୍ଟ୍ରୀୟାଲ ଏରିଆ, ଜୟପୁର-୩୦୨୦୨୦
Aavas FINANCIERS LTD
SAPNE AAPKE, SAATH HAMAARA

**୨୦୦୨ ର ସିକ୍ୟୁରିଟାଇଜେସନ୍ ଆକ୍ଟ ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍**

ଯେହେତୁ ଋଣ ଆକାଉଣ୍ଟ ଏନ୍‌ପିଏ ହୋଇଗଲାଣି ତେଣୁ ଆର୍ଥିକ ସମ୍ପତ୍ତିର ନିରାପତ୍ତା ଏବଂ ପୁନଃ ନିର୍ମାଣ ଏବଂ ସୁରକ୍ଷା ସୁଧ ଅଧିନିୟମର ୨୦୦୨ର ଧାରା ୧୩(୨) ଅନୁଯାୟୀ ପ୍ରାଧିକୃତ ଅଧିକାରୀ ଟେବୁଲରେ ଦିଆଯାଇଥିବା ଋଣଗ୍ରହିତାଙ୍କୁ ୬୦ ଦିନିଆ ନୋଟିସ୍ ଜାରି କରିଥିଲେ । ବିଜ୍ଞପ୍ତି ଅନୁଯାୟୀ ଯଦି ଋଣଗ୍ରହୀତା ୬୦ ଦିନ ମଧରେ ରାଶି ଜମା ନକରନ୍ତି, ତେବେ ନିମ୍ନରେ ଦିଆଯାଇଥିବା ସୁରକ୍ଷା ନିଲାମରୁ ଏହି ରାଶି ପୁନଃଉଦ୍ଧାର ହେବ । ଯେହେତୁ ଋଣଗ୍ରହୀତା / ଗ୍ୟାରେଣ୍ଟରକୁ ପଠାଯାଇଥିବା ଡିମାଣ୍ଡ ନୋଟିସ୍ ପରିବେଷଣ କରାଯାଇନାହିଁ, ନିମ୍ନରେ ଦିଆଯାଇଥିବା ସୁରକ୍ଷିତ ସମ୍ପତ୍ତି ଉପରେ ଡିମାଣ୍ଡ ନୋଟିସ୍ ର କପି ମଧ ଲଗାଯାଇଛି । ତେଣୁ ଋଣଗ୍ରହୀତାଙ୍କୁ ୬୦ ଦିନ ମଧରେ ଭବିଷ୍ୟତର ସୁଧ ଓ ପୁନରୁଦ୍ଧାର ର ଖର୍ଚ୍ଚ ସହିତ ଋଣ ରାଶି ଜମା କରିବାକୁ ସୂଚନା ଦିଆଯାଇଛି, ନଚେତ୍ ଉକ୍ତ କାର୍ଯ୍ୟର ଧାରା ୧୩(୪) ଏବଂ ୧୪ ଅନୁଯାୟୀ, ପ୍ରାଧିକୃତ ଅଧିକାରୀ ନିମ୍ନରେ ଦିଆଯାଇଥିବା ସୁରକ୍ଷାକୁ ମାଗଣାରେ ଅଧିକାର କରିନେବେ ।

| ଋଣଗ୍ରହୀତାଙ୍କ ନାମ | ଡିମାଣ୍ଡ ନୋଟିସ୍ ତାରିଖ ଏବଂ ଟଙ୍କା | ବନ୍ଧକ ସମ୍ପତ୍ତିର ବିବରଣୀ |
| --- | --- | --- |
| ଜଗନ୍ନାଥ ମହାପାତ୍ର, ଶୁଭକାନ୍ତ ମହାପାତ୍ର, ଆରତୀ ମହାପାତ୍ର<br>ଆକାଉଣ୍ଟ ନଂ-୨୪୧୨୨୮୪୦୪୦୩୨୮୭୧ | ୨୬ ନଭେମ୍ବର ୨୫<br>ଟ.୩୦୦୯୧୬/-<br>୩ ନଭେମ୍ବର ୨୫ | ଖାତା ନଂ-୯୬, ପ୍ଲଟ ନଂ-୭୫ ମୌଜା- କାଦୁଆ<br>ତହସିଲ-ସତ୍ୟବାଦି, ଜିଲ୍ଲା-ପୁରୀ<br>ଓଡ଼ିଶା (ଇଣ୍ଡିଆ) ୭୫୨୦୧୪/ ଆଡମେଜରିଂ ୪୮୯.୫୨ sq.ft. |

ସ୍ଥାନ-ଓଡିଶା ତାରିଖ-୨୭.୧୧.୨୦୨୫
ଅଥୋରାଇଜଡ୍ ଅଫିସର ଆଭାସ୍ ଫାଇନାନ୍ସରସ୍ ଲିମିଟେଡ୍

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୨୭ ନଭେମ୍ବର ୨୦୨୫ ● ଗୁରୁବାର


## ମଦ ଗାଡିକୁ ଫିଲ୍ମ ଷ୍ଟାଇଲରେ ଧରିଲା ପୁଲିସ

ବୈଶିଙ୍ଗା:ଏକ୍ସପ୍ରେସ୍ ନ୍ୟୁଜ୍

ଆଜି ବୈଶିଙ୍ଗା-ଆମ୍ବଗଡିଆ ରାସ୍ତାରେ ବୈଶିଙ୍ଗା ପୁଲିସ ଏବଂ ମଦ ଗାଡି ମଧ୍ୟରେ ଚୋର ପୁଲିସ ଖେଳ ସାରା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଦ୍ରୁତଗତିରେ ଯାଉଥିବା ଓଆର୦୧ କେ ୦୦୯୨ ବିଶିଷ୍ଟ ଏକ ମଦ ବୋଝେଇ ପିକ୍ଅପକୁ ପାଖାପାଖି ଏକ ଘଣ୍ଟା ଧରି ପିଛା କରିବା ପରେ ଧରିଛି ପୁଲିସ। ସୂଚନା ମୁତାବକ ଦ୍ରୁତଗତିରେ ଏକ ପିକ୍ଅପ ଯାଉଥିବାରୁ ସେଥିରେ ବେଆଇନ ଗୋରୁ ଚାଲାଣ ସନ୍ଦେହ କରି କିଛି ଲୋକ ଏଏସଆଇ ଶୁଭ୍ରାଂଶୁ ଶେଖର ରାଉଳଙ୍କୁ ସୂଚନା ଦେଇଥିଲେ। ଖବର ପାଇ ବୈଶିଙ୍ଗା ଥାନା ଏଏସଆଇ ଉକ୍ତ ପିକଅପକୁ ପିଛା କରିଥିଲେ। ବୈଶିଙ୍ଗା-ଆମ୍ବଗଡ଼ିଆ ଭାୟା ଗଡ଼ପଦା ରାସ୍ତାରେ ଦୀର୍ଘ ସମୟ ଧରି କାର୍ ରେସ୍ ଚାଲିଥିଲା। ମଦ ବୋଝେଇ ପିକଅପଟି ଆମ୍ବଗଡ଼ିଆ ଭିତରେ ବଣ ରାସ୍ତା ଦେଇ ଭୋଳାଗଡିଆ-ଚୁରମରା ଦେଇ ରୁପ୍ସା ଥାନା ଅଧୀନ ଗଡ଼ପଦା ରାସ୍ତା ଲଛମନଖୁଣ୍ଟା ଅଭିମୁଖେ ଯାଉଥିବା ସମୟରେ ପୂର୍ବ ଯୋଜନା ଅନୁଯାଇ କିଛି ଲୋକ ଗାଡିକୁ ଅଟକାଇବାକୁ ଚେଷ୍ଟା କରିଥିଲେ। ଫଳରେ ଗାଡିଟି ଭାରସ୍ୟାମ ହରାଇ ଏକ ଘର ଭିତରେ ପଶି ଯାଇଥିଲା। ଗାଡିରୁ ପାଖାପାଖି ୧୫ କୁଇଣ୍ଟାଲ ମଦ ଜବତ କରି ରୁପ୍ସା ଥାନାକୁ ହସ୍ତାନ୍ତର କରିଛି ବୈଶିଙ୍ଗା ପୁଲିସ।

## ମହାନଦୀରୁ ଶିଶୁର ମୃତ ଦେହ ଉଦ୍ଧାର

କଟକ:ଏକ୍ସପ୍ରେସ୍ ନ୍ୟୁଜ୍

କଟକ ମହାନଦୀର ଯୋବ୍ରା ଆନିକଟରୁ ଅଜଣା ଶିଶୁର ମୃତଦେହ ବୁଧବାର ଉଦ୍ଧାର ହୋଇଛି। ଅଗ୍ନିଶମ ବାହିନୀର ଟିମ ଘଟଣା ସ୍ଥଳରେ ପହଞ୍ଚି ଆନିକଟରେ ଭାସୁଥିବା ମୃତ ଦେହକୁ ଉଦ୍ଧାର କରିଥିଲା । ଉଦ୍ଧାର ପରେ ଏହା ଏକ ଶିଶୁ କନ୍ୟାର ମୃତଦେହ ବୋଲି ଜଣା ପଡ଼ିଥିଲା । ଶିଶୁଟିର ବୟସ ୬ ମାସରୁ ୧ବର୍ଷ ହେବ ବୋଲି ଅନୁମାନ କରାଯାଉଛି । ବୁଧବାର ସକାଳୁ ଆନିକଟର ୯୭ ନମ୍ବର ଗେଟ ତଳେ ଏକ ଅଜଣା ଶିଶୁର ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ । ଘଟଣା ସ୍ଥଳରେ ମାଲଗୋଦାମ ଥାନା ପୋଲିସ ଓ ଅଗ୍ନିଶମ ବିଭାଗର ଟିମ ପହଞ୍ଚିଥିଲେ । ଅଗ୍ନିଶମବିଭାଗ ଟିମ ନଦୀରୁ ମୃତ ଶିଶୁକୁ ଉଦ୍ଧାର କରିବା ପରେ ଶିଶୁର ମୃତଦେହକୁ ପୋଲିସର ଜିମା ଦେଇଥିଲେ ।

## ପ୍ରଶାସନିକ କୋଠରୀ ଶିଳାନ୍ୟାସ

ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍

କଟକ ଜିଲ୍ଲା ବାରଙ୍ଗ ବ୍ଲକ ଅନ୍ତର୍ଗତ ଫୁଲନଖରା – ନିଆଳି ରାସ୍ତାରେ ଅବସ୍ଥିତ ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟର ନୂତନ ପ୍ରଶାସନିକ ଗୃହର ୭୦ ଲକ୍ଷ ଟଙ୍କା ବିନିମୟରେ ନିଆଳି ବିଧାୟକ ଛବି ମଲ୍ଲିକ ଶିଳାନ୍ୟାସ କରିଥିବା ଦେଖିବାକୁ ମିଳିଥିଲା। ଏହି ଶିଳାନ୍ୟାସ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷା ଶକୁନ୍ତଳା ସାମଲ, ଧୀରେନ୍ଦ୍ର ବାରିକ, ଜୟନ୍ତ କୁମାର ଜେନା, ଦିଲ୍ଲିପ କୁମାର ପାତ୍ର, ନିରୋଦ କୁମାର ଜେନା, ଅମିୟ କୁମାର ସ୍ୱାଇଁ, ଆଲୋକ ଗଜେନ୍ଦ୍ର, ଅଶ୍ୱିନୀ କାଣ୍ଡି, ଉମାକାନ୍ତ ପୃଷ୍ଟି ଉପସ୍ଥିତ ଥିଲେ। ଏହି କାର୍ଯ୍ୟଟି ରୁସା ପ୍ରକଳ୍ପ ଯୋଜନାରେ କରାଯାଉଛି। ଏହି କାର୍ଯ୍ୟକୁ କଟକ ଗ୍ରାମ୍ୟ ଉନ୍ନୟନ ବିଭାଗ, ଡିଭିଜନ୍-୨ ଅଧିନରେ ଟେଣ୍ଡର ମାଧ୍ୟମରେ କାର୍ଯ୍ୟ କରାଯାଉଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ଅଜୟ କୁମାର ବେହେରା ମଧ୍ୟ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ସର୍ବପ୍ରଥମେ ବିଧାୟକ ମହାବିଦ୍ୟାଳୟରେ ପହଞ୍ଚି ମହାବିଦ୍ୟାଳୟ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ପରେପରେ ଶିଳାନ୍ୟାସ କରିଥିଲେ। ଏନ୍‌ସିସି, ଏନ୍‌ଏସଏସ ଓ ୱାଇଆରସିର ଛାତ୍ରଛାତ୍ରୀ ମୁଖ୍ୟ ଫାଟକ ପାଖେ ରହି ବିଧାୟକଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଂଶୀଧର ଦାଶ, ବିଜୟ କୁମାର ଦାସ, ଲଳିତ କୁମାର ଦାସ, ଶିଶିର କୁମାର ଜେନା, ଗୌରାଙ୍ଗ ଚରଣ ନାଥ, ହିତାଂଶୁ ଶେଖର ଦାସ, ମନୋରଞ୍ଜନ ମହାନ୍ତି, ଦୀପକ କୁମାର ମଲ୍ଲିକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିଲେ।

## କଂଗ୍ରେସ ତରଫରୁ ସମ୍ବିଧାନ ବଞ୍ଚାଓ ଦିବସ



କେନ୍ଦୁଝର:ଏକ୍ସପ୍ରେସ୍ ନ୍ୟୁଜ୍

ଦେଶର ଅଖଣ୍ଡତା, ସାର୍ବଭୌମତା, ନିରପେକ୍ଷତା ସହିତ ନୀତି, ନିୟମ ଓ କାନୁନକୁ ସମାନତା ଦେବା ଏବଂ ଗଣତନ୍ତ୍ରର ସୁପରିଚାଳନା ଓ ଗୋଟିଏ ମାପକାଠିରେ ଚାଲିବା ପାଇଁ ସମ୍ବିଧାନ ପ୍ରଣେତା ଡ଼ଃ ଭୀମରାଓ ଆମ୍ବେଦକରଙ୍କ ଅଧକ୍ଷତାରେ ଗଠିତ ସମ୍ବିଧାନକୁ ସମ୍ମାନ ଦେବା ପାଇଁ ସାରା ଦେଶରେ ସମ୍ବିଧାନ ଦିବସ ପାଳନ କରାଯାଉଛି। କିନ୍ତୁ ଦେଶରେ ବର୍ତ୍ତମାନ ବିଜେପି ସରକାରର ଏକଛତ୍ରବାଦୀ ଓ ମନମୁଖୀ ଶାସନ ଚଳାଉଛି। ଲୋକମାନେ ଉପଯୁକ୍ତ ନ୍ୟାୟ ପାଉନାହାନ୍ତି। ଲୋକମାନଙ୍କୁ ଉପଯୁକ୍ତ ନ୍ୟାୟ ନ ପାଇବା ଏବଂ ସମ୍ବିଧାନକୁ ସୁରକ୍ଷା ରଖିବାକୁ ସମ୍ବିଧାନ ବଞ୍ଚାଓ ଦିବସ କେନ୍ଦୁଝରେ ଜିଲ୍ଲା କଂଗ୍ରେସ କମିଟି ତରଫରୁ ଜିଲ୍ଲା ସଂସ୍କୃତି ଭବନ ଠାରେ ପାଳିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ଇଂ ମନୋଜ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡା, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ଇଂ ବିନୋଦ ବିହାରୀ ନାଏକ, ଆଦିବାସୀ ନେତା ନିର୍ମଳ ନାଏକ ପ୍ରମୁଖ ସମ୍ବିଧାନ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ରତ୍ନାକର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଲଳିତ ମୋହନ ନାୟକ, ଉତ୍ତମ କୁମାର ସାହୁ, ଶରତ ଚନ୍ଦ୍ର ପାତ୍ର, ସାମ୍ବାଦିକ ଦିଲ୍ଲିପ କୁମାର ସାହୁ, ମହିଳା କଂଗ୍ରେସ ନେତ୍ରୀ ସବିତା ସାହୁ, କଂଗ୍ରେସ ନେତା ହାଡିବନ୍ଧୁ ଖୁଣ୍ଟିଆ, ଅମିତ କୁମାର ମହାନ୍ତ, ସୁବ୍ରତ କୁମାର ନାୟକ, ଦିନେଶ ରାଉତ, ଚିତ୍ତରଞ୍ଜନ ପାତ୍ର, ଲକ୍ଷ୍ମଣ ଦାଶ, ଗୋବିନ୍ଦ ଚନ୍ଦ୍ର ମହାନ୍ତ, ରାମଚନ୍ଦ୍ର ମହାରଣା, ସେକ ଏଲିୟାସ, ହୃଦୟ ରଞ୍ଜନ ସିଂହ, ଲମ୍ବୋଧର ବେହେରା, ଗୋପାଳ ଚନ୍ଦ୍ର ସା, ସମ୍ରାଟ ନାୟକ, ନିରଞ୍ଜନ ପାତ୍ର, ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ହାତୀ ଭାଙ୍ଗିଥିବା ମନ୍ଦିର ପାଚେରୀ ମରାମତି ହେଉନି

ହିନ୍ଦୋଳ:ଏକ୍ସପ୍ରେସ୍ ନ୍ୟୁଜ୍

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡର ଆରାଧ୍ୟ ଦେବୀ ମା ରନ୍ତେଶ୍ୱରିଙ୍କ ମନ୍ଦିର ଚତୁଃପାର୍ଶ୍ୱରେ ଥିବା ପାଚେରୀର କିଛି ଅଂଶ ହାତୀ ପଲଙ୍କ ଦ୍ୱାରା ଭାଙ୍ଗି ଯାଇଥିଲେ ମଧ ତାଙ୍କୁ ମରାମତି କରିବା ଦିଗରେ ଏନ୍‌ଏସି କର୍ତ୍ତୃପକ୍ଷ ମନ ବଳାଉ ନଥିବାରୁ ମନ୍ଦିର ପରିସର ଏବେ ବୁଲା ଗାଈ ଗୋରୁଙ୍କ ବିଚରଣ ସ୍ଥଳ ପାଲଟିଛି। ଗାଈ ଗୋରୁମାନେ ମନ୍ଦିର ପରିସରକୁ ଅବାଧରେ ପ୍ରବେଶ କରି ଏଣେ ତେଣେ ବିଚରଣ କରିବା ଦ୍ୱାରା ବହୁ ଫୁଲ ଗଛ ନଷ୍ଟ ହେବା ସଙ୍ଗେସଙ୍ଗେ ମନ୍ଦିର ପରିସର ଅପରିଷ୍କାର ଅପରିଚ୍ଛନ୍ନ ହୋଇଯାଉଛି। ପାଚେରୀର ଭଗ୍ନ ଅଂଶକୁ ମରାମତି କରିବା ସହ ଏହାର ଚତୁଃ ପାର୍ଶ୍ୱରେ ଅବସିଷ୍ଟାଂଶ ପାଚେରୀ ନିର୍ମାଣ କରିବାକୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରାୟ ଏକ ମାସ ପୂର୍ବେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଓ ମୌଖିକ ଭାବେ ନିବେଦନ କରାଯାଇଥିବା ନେଇ କମିଟିର ବରିଷ୍ଠ କାର୍ଯ୍ୟ କର୍ତ୍ତା ଧରଣୀଧର ପାଳ ଜଣାଇଛନ୍ତି। ତେବେ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଭାଗୀୟ ଯନ୍ତ୍ରୀଙ୍କୁ ପଠାଇ ଭଗ୍ନ ସ୍ଥଳୀର ଖର୍ଚ୍ଚ ଅଟକଳ କରିବା ପରେ ଯାଇ ପାଚେରୀ ମରାମତି କାର୍ଯ୍ୟ କରିବାକୁ ଆଶ୍ୱାସନା ଦେଇଥିଲେ। ତେବେ ଆଜି ଯାଏଁ ବିଭାଗୀୟ ଯନ୍ତ୍ରୀ ଘଟଣା ସ୍ଥଳକୁ ଯାଇନଥିବା ଅଭିଯୋଗ କରିଛନ୍ତି। ଏନ୍‌ଏସିର ବିଭିନ୍ନ ୱାର୍ଡରେ ରହିଥିବା ପୀଠ ସ୍ଥଳୀ, କ୍ଲବ, ସରକାରୀ ସାଂସ୍କୃତିକ ଅନୁଷ୍ଠାନ, କଂକ୍ରିଟ ରାସ୍ତା, ଡ୍ରେନ ଆଦି ନିର୍ମାଣ କରିବା ଓ ସେଗୁଡ଼ିକର ଆବଶ୍ୟକ ସ୍ଥଳେ ମରାମତି କାର୍ଯ୍ୟ କରିବା ଏନ୍‌ଏସିର ବାଧ୍ୟତା ମୂଳକ କାର୍ଯ୍ୟ ହୋଇଥିବା ବେଳେ ସେଥିପ୍ରତି ଅହେତୁକ ବିଳମ୍ବ ସଂସ୍ଥାର କାର୍ଯ୍ୟ ଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ରନ୍ତେଶ୍ୱରି ମନ୍ଦିର ଭଗ୍ନ ପ୍ରାଚୀର ମରାମତି ଦିଗରେ ଏନ୍‌ଏସି କର୍ତ୍ତୃପକ୍ଷ ଯତ୍ନବାନ ହେବାକୁ ଏଠାକାର ବୁଦ୍ଧିଜୀବୀ ମହଲ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ୪ ଶ୍ରମ କୋଡ୍ ପ୍ରତ୍ୟାଖ୍ୟାନ ଦିବସ

କଟକ:ଏକ୍ସପ୍ରେସ୍ ନ୍ୟୁଜ୍

କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଂଚ ଓ ସଂଯୁକ୍ତ କିଶାନ ମୋର୍ଚ୍ଚା ପକ୍ଷରୁ ସର୍ବଭାରତୀୟ ଡାକରାରେ ୪ଟି ଶ୍ରମ କୋଡ଼ ପ୍ରତ୍ୟାଖ୍ୟାନ ଦିବସ ଉପଲକ୍ଷେ ଜିଲ୍ଲାପାଳ ଅଫିସ ନିକଟରେ ବିକ୍ଷୋଭ ସମାବେଶ ଆୟୋଜିତ ହୋଇଯାଇଛି । ଶ୍ରମ ବିରୋଧି ଶ୍ରମ କୋଡ଼ ବାତିଲ କରିବା, ଦୈନିକ କାର୍ଯ୍ୟ ନିଘଣ୍ଟ ୧୦ଘଂଟାକୁ ବଢ଼ାଇବା ବନ୍ଦ କରିବା, ମହିଳା ଶ୍ରମିକଙ୍କ ରାତ୍ରିକାଳୀନ ଡ୍ୟୁଟି ଉପରେ ଥିବା କଟକଣା ହଟାଇବା ବନ୍ଦ କରିବା, ମନରେଗା ଯୋଜନା ବର୍ଷକୁ ୨୦୦ଦିନ ଓ ଦୈନିକ ୬୦୦ଟଙ୍କା ମଞ୍ଜୁରୀ ଗ୍ୟାରେଣ୍ଟି ଦେବା ଆଦି ପ୍ରମୁଖ ଦାବିରେ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ କିଶୋର ଜେନ, ରବିନାରାୟଣ ମଲ୍ଲିକ, ରାଜକିଶୋର ମଳିକ, ବିରଜା ନାୟକ, ସନ୍ତୋଷ ଭୋଳ, ଖଗେଶ୍ୱର ସେଠୀ, ବିନୋଦ ବେହେରା, ପୁଷ୍ପା ଦାସ, ଅମରେନ୍ଦ୍ର ମହାନ୍ତି, ବଦ୍ରିନାରାୟଣ ଦାସ, ବିଜୟ ସାହୁ, ଅଭୟ ସ୍ୱାଇଁ, ସନ୍ତୋଷ ବେହେରା ଓ ବିଷ୍ଣୁ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ।

## କଟକରୁ କଣ୍ଟିଲୋ ପର୍ଯ୍ୟନ୍ତ ରେଲଲାଇନ୍ ନିର୍ମାଣ ଦାବି

ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍

କଟକ ବାଲିକୁଦାଠାରୁ ରେଲଲାଇନ୍ ନୟାଗଡ ଜିଲ୍ଲା କଣ୍ଟିଲୋ ପର୍ଯ୍ୟନ୍ତ ନିର୍ମାଣ ପାଇଁ ବାଙ୍କୀ ଜନକଲ୍ୟାଣ ବରିଷ୍ଠ ନାଗରିକ ସଂଘ ତରଫରୁ ୪ଶହ ଜଣ ନାଗରିକମାନଙ୍କ ଦସ୍ତଖତରେ ଏକ ଦାବିପତ୍ର କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ କଟକ ସାଂସଦ ଭର୍ତ୍ତୃହରି ମହତାବଙ୍କ ଜରିଆରେ ପ୍ରଦାନ କରାଯାଉଛି। ଏହି ରେଲଲାଇନ୍ ବାଙ୍କୀ ଦେଇ ଆସିବା ଫଳରେ ପର୍ଯ୍ୟଟକମାନେ ଅଂଶୁପା ହ୍ରଦ, ମା'ଚର୍ଚ୍ଚିକା ମନ୍ଦିର, ବାଙ୍କୀ ସ୍ୱୟଂଶାସିତ କଲେଜ, ବୈଦ୍ୟେଶ୍ୱରସ୍ତ ଟି-ସେତୁ, ରାମନାଥ ମନ୍ଦିର, ସିଂହନାଥ ମନ୍ଦିର, ପଦ୍ମାବତୀ କଲେଜ ଆଦି ଦେଇ କଣ୍ଟିଲୋକୁ ସଂଯୋଗ କଲେ ଲକ୍ଷ ଲକ୍ଷ ଲୋକ ଉପକୃତ ହେବେ ବୋଲି ଏହି ଦାବିପତ୍ରରେ ଦର୍ଶାଯାଇଛି। ଏହାକୁ ଶୀଘ୍ର କାର୍ଯ୍ୟକରିବା ପାଇଁ ବାଙ୍କୀର ଜନସାଧାରଣ ରେଳମନ୍ତ୍ରୀଙ୍କ ଠାରେ ଦାବିପତ୍ର ଉପସ୍ଥାପିତ କରିଛନ୍ତି।

## ବେସରକାରୀ ସ୍କୁଲକୁ ଏନ୍‌ଓସି ପ୍ରଦାନ କ୍ଷେତ୍ରରେ ବ୍ୟାପକ ଜାଲିଆତି

ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍

ରାଜ୍ୟରେ ବେସରକାରୀ ବିଦ୍ୟାଳୟଗୁଡ଼ିକୁ ମାଧ୍ୟମିକ ଶିକ୍ଷା ପ୍ରଦାନ ନିମନ୍ତେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଦିଆଯାଉଥିବା ଏନ୍‌ଓସିରେ ବ୍ୟାପକ ଅନିୟମିତତା ଏବଂ ଦୁର୍ନୀତି ହେଉଥିବାର ତଥ୍ୟ ଏବେ ସାମ୍ନାକୁ ଆସିଛି। ରାଷ୍ଟ୍ରୀୟ ମାନବାଧିକାର ସାମ୍ମୁଖ୍ୟ ତରଫରୁ ଏ ସଂକ୍ରାନ୍ତୀୟ ଉପଯୁକ୍ତ ତଥ୍ୟ ପ୍ରମାଣ ସହ ଗଣଶିକ୍ଷା ସଚିବଙ୍କୁ ଅଭିଯୋଗ ପତ୍ର ଦାଖଲ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି ବୋଲି ସାମ୍ମୁଖ୍ୟର ସଭାପତି ରମେଶ ଭାରତୀ ଏବଂ ଆବାହକ ଭୁମୋହନ ବେବର୍ତ୍ତା ପଟ୍ଟନାୟକ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ତରଫରୁ ରାଜ୍ୟରେ ବେସରକାରୀ ବିଦ୍ୟାଳୟ ଖୋଲି ଶିକ୍ଷାଦାନ ନିମନ୍ତେ ତିନୋଟି ପର୍ଯ୍ୟାୟରେ ବିଭିନ୍ନ ନୀତି ନିୟମ ପାଳନ କରିବା ସର୍ତ୍ତରେ ଅନୁମତି ପ୍ରଦାନ କରାଯାଉଛି। ପ୍ରଥମେ ବିଦ୍ୟାଳୟ ଖୋଲିବା ନିମନ୍ତେ ବିଭାଗୀୟ ଅନୁମତି। ଦ୍ୱିତୀୟରେ ପ୍ରାଥମିକ ଶିକ୍ଷା ପ୍ରଦାନ ପର୍ଯ୍ୟନ୍ତ ଅନୁମତି (ସି.ଓଆର୍) ଏବଂ ତୃତୀୟରେ ମାଧ୍ୟମିକ ଶିକ୍ଷା ଅର୍ଥାତ୍ ନବମ ଦଶମ ଶ୍ରେଣୀ ଶିକ୍ଷା ପ୍ରଦାନ ନିମନ୍ତେ ଅନୁମତି (ଏନ୍‌ଓସି) ଆବଶ୍ୟକ ଯାହାର ବୈଧତା ଏକବର୍ଷ, ଏବଂ ପ୍ରତ୍ୟେକ ବର୍ଷ ଏହାର ନବୀକରଣ ହେବ ଏନ୍‌ଓସି ପ୍ରାପ୍ତ ପରେ ବିଭିନ୍ନ ବୋର୍ଡ ଅନୁବନ୍ଧିତ ସାର୍ଟିଫିକେଟ ପ୍ରଦାନ କରିବେ।

ରାଜ୍ୟ ଶିକ୍ଷା ମାନଚିତ୍ର ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା ହେଉଛି ପ୍ରମୁଖ ଜିଲ୍ଲା, ସର୍ବାଧିକ ବେସରକାରୀ ବିଦ୍ୟାଳୟ ଖୋର୍ଦ୍ଧା ଜିଲ୍ଲାରେ ଅବସ୍ଥିତ। ବିଭାଗୀୟ ତଥ୍ୟ ଅନୁଯାୟୀ ପାଖାପାଖି ୪୦୦ରୁ ଉର୍ଦ୍ଧ୍ୱ ପ୍ରାଥମିକ ସ୍ତରୀୟ ଶିକ୍ଷାଦାନ ନିମନ୍ତେ ବେସରକାରୀ ବିଦ୍ୟାଳୟ ଚାଲୁଥିବା ବେଳେ ମାତ୍ର ୬୦ଟି ବିଦ୍ୟାଳୟକୁ ମାଧ୍ୟମିକ ଶିକ୍ଷା ପ୍ରଦାନ ନିମନ୍ତେ ଅନୁମତି (ଏନ୍‌ଓସି) ପ୍ରଦାନ କରାଯାଇଛି। ଏହି ସଂଖ୍ୟା ଅତି କମ୍ କାରଣ ଏନ୍‌ଓସି ପ୍ରଦାନ ନିମନ୍ତେ ଗଣଶିକ୍ଷା ବିଭାଗ ତରଫରୁ ଯେଉଁ ତିନୋଟି ଦୃଢ ସର୍ତ୍ତାବଳୀ ଧାର୍ଯ୍ୟ କରାଯାଇଛି ତନ୍ମଧ୍ୟରୁ ପ୍ରମୁଖ ସର୍ତ୍ତାବଳୀ ହେଉଛି ଓଡ଼ିଶା ଗେଜେଟ୍, ଅତିରିକ୍ତ ସଂକଳ୍ପ ସଂ-୨୯୫୧୯,୨୬ ସେପ୍ଟେମ୍ବର ୧୯୯୮ ଅନୁଯାୟୀ ସହରାଞ୍ଚଳରେ ବିଦ୍ୟାଳୟ ନିମନ୍ତେ ଅନ୍ୟୁନ ଏକ ଏକର ଜାଗା ବିଦ୍ୟାଳୟ ନାମରେ ପଟ୍ଟା ଥିବା ଆବଶ୍ୟକ। ଏହି ସର୍ତ୍ତାବଳୀ ଅନୁଯାୟୀ ପ୍ରାଥମିକ ସ୍ତରୀୟ ସିଓଆର୍ ପ୍ରାପ୍ତ ବିଦ୍ୟାଳୟ ଅନୁପାତରେ ମାଧ୍ୟମିକ ଶିକ୍ଷା ନିମନ୍ତେ ପ୍ରଦାନ କରାଯାଉଥିବା ଏନ୍‌ଓସି ପ୍ରାପ୍ତ ବିଦ୍ୟାଳୟ ସଂଖ୍ୟା ବହୁତ୍ କମ୍। ଆମର ହସ୍ତଗତ ହୋଇଥିବା ତଥ୍ୟ ଅନୁଯାୟୀ ଭୁବନେଶ୍ୱରରେ ନାରାୟଣ, ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଖଣ୍ଡଗିର, କେଦାରଗୌରୀ ଆଦି ସ୍କୁଲ ଦୀର୍ଘଦିନ ଧରି ଭଡ଼ାଘରେ ଚାଲିଥିବା ସତ୍ତ୍ୱେ ଚଞ୍ଚକତା କରି ଜାଲ କାଗଜପତ୍ର ଦାଖଲ କରି ପ୍ରଥମଥର ପାଇଁ ଏନ୍‌ଓସି ହାତେଇଛନ୍ତି ଏବଂ ଜାଲ୍ ଅଗ୍ନି ନିରାପତ୍ତା ସାର୍ଟିଫିକେଟ ଦାଖଲ କରିଛନ୍ତି ବୋଲି ଖୋର୍ଦ୍ଧା ଜିଲ୍ଲା ଶିକ୍ଷାଧିକାରୀ ଜଣାଇଛନ୍ତି ପରବର୍ତ୍ତୀ ଅବସ୍ଥାରେ ଆଉ ନବୀକରଣ କରିନାହାନ୍ତି। ମାଧ୍ୟମିକ ଶିକ୍ଷା ବିଭାଗ ତରଫରୁ ନିୟମ ଉଲ୍ଲଂଘନ କରାଯାଇ ଜିଲ୍ଲା ଶିକ୍ଷାଧିକାରୀମାନଙ୍କ ସହଯୋଗରେ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଇ ଏନ୍‌ଓସି ପ୍ରଦାନ କରାଯାଇଛି।

୨୦୨୦ ମସିହାରେ ତତ୍କାଳୀନ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଏକ ଅଭିଯୋଗର ଶୁଣାଣୀ କରି ନାରାୟଣ ବିଦ୍ୟାଳୟ ଚଞ୍ଚକତା କରି ଅସାଧୁ ଉପାୟରେ କିଛି ବିଭାଗୀୟ ଅଧିକାରୀଙ୍କ ସହାୟତାରେ ଏନ୍‌ଓସି ପ୍ରାପ୍ତ କରିଛନ୍ତି ବୋଲି ମଧ୍ୟ ନିର୍ଦ୍ଦେଶନାମା ଅଛି, ପରବର୍ତ୍ତୀ ଅବସ୍ଥାରେ କୋଭିଡ ମହାମାରୀ ନିମନ୍ତେ ଏହି ତଦନ୍ତର ଅଗ୍ରଗତି ହୋଇ ପାରିନଥିଲା।

ଛାତ୍ରଛାତ୍ରୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହିସବୁ ଅନିୟମିତତା ଏବଂ ଦୁର୍ନୀତି ସମ୍ବନ୍ଧରେ ସାମ୍ମୁଖ୍ୟର ସଭାପତିଙ୍କ ସହ ଜିଲ୍ଲା ସଭାପତି ନିର୍ମଳ ରାଉତ, ରାଜ୍ୟ ସଂଯୋଜକ ସ୍ୱପ୍ନେନ୍ଦୁ ସାମନ୍ତରାୟ ଗଣଶିକ୍ଷା ବିଭାଗର ସଚିବଙ୍କୁ ଦାବିପତ୍ର ପ୍ରଦାନ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିବାସହ ଉପଯୁକ୍ତ ପଦକ୍ଷେପ ନନେଲେ ଆଇନ୍‌ର ସାହାଯ୍ୟ ନିଆଯିବ ବୋଲି ଶ୍ରୀ ଭାରତୀ ଜଣାଇଛନ୍ତି।

## ରାଜ୍ୟସ୍ତରୀୟ ଦୃଷ୍ଟିହୀନ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍



ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର ଏବଂ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘର ମିଳିତ ଆନୁକୂଲ୍ୟରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ କ୍ରିକେଟ ଷ୍ଟାଡିୟମ ଠାରେ ଆୟୋଜିତ ୩-ଦିନିଆ ସପ୍ତମ ରାଜ୍ୟ ସ୍ତରୀୟ ଦୃଷ୍ଟିହୀନ ମହିଳା କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ ହୋଇଯାଇଛି।

ଉଦ୍‌ଘାଟନୀ ସମାରୋହରେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଓ ସଶକ୍ତୀକରଣ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀମତି ରଜନୀ ଜାନୀ ମୁଖ୍ୟ ଅତିଥି ଭାବେ ଯୋଗ ଦେବା ସହିତ ବିଭାଗର ଅତିରିକ୍ତ ଶାସନ ସଚିବ ଭାସ୍କର ରାଇତୋ, ଉପ-ଶାସନ ସଚିବ ବସନ୍ତ ବେହେରା, ଉପ-ଶାସନ ସଚିବ, ସନ୍ନ୍ୟାସୀ କୁମାର ବେହେରା, ଶିଶୁ ଓ ମହିଳା ବିକାଶ ସମିତିର ଅଧକ୍ଷା ମେଜର୍ ଡକ୍ଟର କଳ୍ପନା ଦାସ, ସୋଆର କ୍ରୀଡ଼ା ଅଧିକାରୀ ଶ୍ରୀମତି ସୁନୀତା ବର୍ମା ଓ ପ୍ରମୋଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଆନ୍ତର୍ଜାତିକ ଦୃଷ୍ଟିବାଧିତ କ୍ରିକେଟର ତଥା ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘର ସଭାପତି ମହମ୍ମଦ ଜାଫର ଇକବାଲ ଉଦ୍‌ଘାଟନୀ ଉତ୍ସବ ପରିଚାଳନା କରିଥିଲେ।

ଏହି ଟୁର୍ଣ୍ଣାମେଂଟରେ ୮ଟି ଦଳ ଯଥା-ସ୍କୁଲ ଫର୍ ଦି ବ୍ଲାଇଣ୍ଡ, ରାଣୀପାଟଣା ବାଲେଶ୍ୱର, ଲୁଇ ବ୍ରେଲ୍ ସ୍କୁଲ ଦୃଷ୍ଟିହୀନ ମହିଳା କ୍ରିକେଟ ଟିମ୍, ରମାଦେବୀ ମହିଳା ବିଶ୍ୱବିଦ୍ୟାଳ ଭୁବନେଶ୍ୱର, ଶୈଳବାଳା ଦୃଷ୍ଟିହୀନ ମହିଳା କ୍ରିକେଟ ଟିମ୍, କଟକ, ରେଡକ୍ରସ ସ୍କୁଲ ଫର ଦ ବ୍ଲାଇଣ୍ଡ, ଆମ୍ବପୁଆ, ଗଞ୍ଜାମ, ମୟୁରଭଞ୍ଜ ଦୃଷ୍ଟିହୀନ ମହିଳା ଦଳ, ଭୀମଭୋଇ ଦୃଷ୍ଟିହୀନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ବଲାଙ୍ଗୀର ଦୃଷ୍ଟିହୀନ କ୍ରିକେଟ ଦଳ।

ପ୍ରଥମ ଲିଗ ମ୍ୟାଚ୍ ବାଲେଶ୍ୱର ସ୍କୁଲ ଫର ଦ ବ୍ଲାଇଣ୍ଡ, ରାଣୀପାଟଣା ଏବଂ ମୟୁରଭଞ୍ଜ ଦୃଷ୍ଟିହୀନ ମହିଳା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ବାଲେଶ୍ୱର ବିଜୟ ଲାଭ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ରମାଦେବୀ ବିଶ୍ୱବିଦ୍ୟାଳୟ ଏବଂ ସ୍କୁଲ ଫର ଦ ବ୍ଲାଇଣ୍ଡ, ଆମ୍ବପୁଆ ମଧ୍ୟରେ ହୋଇଥିବା ବେଳେ ରମାଦେବୀ ବିଶ୍ୱବିଦ୍ୟାଳୟ ବିଜୟ ଲାଭ କରିଥିଲା। ତୃତୀୟ ମ୍ୟାଚ ଲୁଇ ବ୍ରେଲ ସ୍କୁଲ ଓ ବଲାଙ୍ଗୀର ଦୃଷ୍ଟିହୀନ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ଲୁଇ ବ୍ରେଲ ସ୍କୁଲ ଭୁବନେଶ୍ୱର ବିଜୟ ଲାଭ କରିଥିଲା।

ସେହିପରି ୪ର୍ଥ ମ୍ୟାଚ ଶୈଳବାଳା କଲେଜ କଟକ, ଓ ଭୀମଭୋଇ ସ୍କୁଲ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ଶୈଳବାଳା କଲେଜ ବିଜୟ ଲାଭ କରିଥିଲା। ପଦ୍ମିନୀ ଟୁଡୁ, ରଚନା ଜେନା, ସୁକାନ୍ତି ଦଳପତି ଓ ବିନିତା ତପୋ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ମ୍ୟାଚର ଶ୍ରେଷ୍ଠ ଖେଳାଳୀ ଭାବେ ପୁରସ୍କୃତ ହୋଇଥିଲେ।

## ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ଶେରଗଡ:ଏକ୍ସପ୍ରେସ୍ ନ୍ୟୁଜ୍

ଶେରଗଡ ବ୍ଲକ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଦ୍ୱାରା ବ୍ଲକ ସ୍ତରୀୟ ପ୍ରଥମ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା-୨୦୨୫ ଶେରଗଡ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ କାର୍ଯ୍ୟାଳୟ ସାମନାରେ ଥିବା ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାକୁ ଆସିକା ସାଂସଦ ଶ୍ରୀମତି ଅନୀତା ଶୁଭଦର୍ଶନୀ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ମୁଖ୍ୟତଃ ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ଯୋଜନା ବିଷୟରେ ଚାଷୀମାନଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଏହି ମେଳା ଆୟୋଜନ କରାଯାଇଛି। ଏହି ଅବସରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ସହିତ ଅନ୍ୟ ବିଭାଗମାନଙ୍କ ଦ୍ୱାରା ୧୨ଟି ଷ୍ଟଲ ମାଧ୍ୟମରେ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ପ୍ରଦର୍ଶନୀ କରାଯାଇଥିଲା। ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡଃ ଦୁର୍ଗା ମାଧବ ହୋତାଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ବୈଠକରେ ସାଂସଦ ଶ୍ରୀମତି ଅନୀତା ଶୁଭଦର୍ଶନୀ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ ଏହି ଯୋଜନା ସାଧାରଣ ଜନତାଙ୍କ ପାଖରେ ପହଞ୍ଚାଇବା ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଏଥିରେ ସୁନାନ୍ତର ଗ୍ରାମର ହରିହର ଭୂୟାଁ, ସୁଜାତା ସାହୁ, ମା ନାରାୟଣୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପ୍ରମିଳା ପାତ୍ର, ନମିତା ସାହୁ, ସପନା ପୋଲାଇ, ମାଳିନୀ ପାଢୀ, ନର୍ମଦା ନାହାକଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ମେଳାରେ ସାଂସଦଙ୍କ ସହ ଘୁମୁସର ଆସିକା ସାଙ୍ଗଠନିକ ଜିଲ୍ଲା ସଭାପତି ବିଜୟ କୁମାର ସ୍ୱାଇଁ, ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ, ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି ଦିଗାମ୍ବର ନାହାକ, ହିଞ୍ଜିଳି ବିଜେପି ବିଧାୟକ ପ୍ରାର୍ଥୀ ଶିଶିର ମିଶ୍ର, ବ୍ଲକ ବିଜେଡି ସଭାପତି ଶରତ ପାତ୍ର, ସ୍ଥାନୀୟ ବିଡିଓ ମିସ ତୃପ୍ତିମୟୀ ଜେନା, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡଃ ଅଞ୍ଜନ ଦାସ, ଜିଲ୍ଲା ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ (ରୋଗ ନିଦାନ) ଡଃ ଜଗଦୀଶ ମହାନ୍ତି, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡଃ ଗଣେଶ ଚନ୍ଦ୍ର ମହାନ୍ତି, ମତ୍ସ୍ୟ ଉପ ନିର୍ଦ୍ଦେଶକ ଗଞ୍ଜାମ ଜୋନ ସୁରେଶ ଚନ୍ଦ୍ର ବେହେରା, ଭାରପ୍ରାପ୍ତ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡଃ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ସହକାରୀ ମତ୍ସ୍ୟ ଅଧିକାରୀ ଧ୍ରୁବରାଜ ଭୋଇ ଉପସ୍ଥିତ ଥିବାବେଳେ ଏମବିବିଏସ ମିସ ସୁକନ୍ୟା ଅଧିକାରୀ ମଞ୍ଚ ପରିଚାଳନା କରିଥିଲେ।

## ବିଜେପିରେ ସାମିଲ ହେଲେ ବିଜେଡି କର୍ମୀ

କୋରେଇ:ଏକ୍ସପ୍ରେସ୍ ନ୍ୟୁଜ୍

ବିଧାୟକ ଆକାଶ ଦାସ ନାୟକଙ୍କ ନୀତି ଆଦର୍ଶ ଓ ସ୍ୱଚ୍ଛ ଶାସନ ବିକଶିତ କୋରେଇ ଗଠନ ଦିଗରେ ଅନୁପ୍ରାଣିତ ହୋଇ ରସୁଲପୁର ବ୍ଲକ ପହଂଗା ପଞ୍ଚାୟତର ମହାମିଶ୍ରଣ ପର୍ବରେ ସାମିଲ ହୋଇଛନ୍ତି ଶତାଧିକ ବିଜେଡି କର୍ମୀ। ବିଧାୟକଙ୍କ ନେତୃତ୍ୱରେ ଦୁର୍ଗା ପଡିଆରେ ଆୟୋଜିତ ହୋଇଥିଲା ମହାମିଶ୍ରଣ ପର୍ବ। ଏହି ମିଶ୍ରଣ ପର୍ବରେ ପଞ୍ଚାୟତର ଶତାଧିକ ଆଗ ଧାଡିର ବିଜେଡି ପୁରୁଷ ଓ ମହିଳା କର୍ମୀ ବିଜେପିରେ ସାମିଲ ହୋଇଥିଲେ। ଆଗାମୀ ଦିନରେ କୋରେଇ ବିଜେପିକୁ ଶକ୍ତିଶାଳୀ କରିବା ସହିତ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆକାଶ ଦାସ ନାୟକଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ବିଜେପିରେ ସାମିଲ ହୋଇଥିବା କର୍ମୀମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ପହଂଗା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟା କୁମୁଦିନୀ ସାହୁ, ପୂର୍ବତନ ବିଜୁ ଛାତ୍ର ଜନତା ଦଳ ପହଂଗାର ସଭାପତି ସ୍ୱାଧୀନ କୁମାର ଦାସ, ଯୁବ ସମାଜସେବୀ ନିରଞ୍ଜନ ନାୟକ, ଜୋତିରଞ୍ଜନ ସାହୁ, ରଘୁନାଥ ପରିଡା, ବିଜେଡି ସଭାପତି ଅଶୋକ ମଲ୍ଲିକଙ୍କ ସମେତ ଅନେକ ବିଜେଡିର ଆଗ ଧାଡିର କର୍ମୀମାନେ ବିଜେପିରେ ସାମିଲ ହୋଇଥିଲେ।

## ମହିଳା ବିରୋଧୀ ହିଂସା ନିବାରଣ ଓ ନିରାକରଣ ପକ୍ଷ

ବ୍ରହ୍ମପୁର:ଏକ୍ସପ୍ରେସ୍ ନ୍ୟୁଜ୍

ଗଞ୍ଜାମ ଜିଲ୍ଲା ପ୍ରଶାସନ, ଜିଲ୍ଲା ସମାଜ କଲ୍ୟାଣ ବିଭାଗ, ଆଇଏସଆରଡି- ୱାନ ଷ୍ଟପ୍ ସେଣ୍ଟର ଓ ଶକ୍ତି ସଦନର ମିଳିତ ଆନୁକୂଲ୍ୟରେ ମହିଳା ଓ ବାଳିକାମାନଙ୍କ ବିରୋଧରେ ଡିଜିଟାଲ ମାଧ୍ୟମରେ ହେଉଥିବା ହିଂସାକୁ ସଂପୂର୍ଣ୍ଣ ଭାବେ ଶେଷ କରିବା ପାଇଁ ମିଳିତ ଭାବରେ ୧୬ ଦିନିଆ କାର୍ଯ୍ୟକ୍ରମକୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ କୁମାର ଦାସ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଲିଙ୍ଗ ଭିତ୍ତିକ ହେଉଥିବା ହିଂସାକୁ ସଂପୂର୍ଣ୍ଣ ଭାବେ ନିରାକରଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସାମାଜ କଲ୍ୟାଣ ଅଧିକାରୀ ପାର୍ବତୀ ସୋରେନ, ଓଡିଶା ଜୀବୀକା ବିକାଶ ସ୍ୱୟଂ ପ୍ରକଳ୍ପ ଅଧିକାରୀ ମନୋରମା ମଲିକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, ଜିଲ୍ଲା ସଂଯୋଜିକା ତଥା ଜିଲ୍ଲା ମହିଳା ସଶକ୍ତିକରଣ ହବ୍ ଗୀତାଞ୍ଜଳି ମହାରଣା, ଆଇଏସଆରଡିର ନିର୍ଦ୍ଦେଶକ ସୁଧୀର ସାବତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମହିଳା ଓ ବାଳିକା ହିଂସା ଦୂରୀକରଣ କରିବା ପାଇଁ ସମସ୍ତେ ମିଳିତ ଭାବେ ଚେଷ୍ଟା କରିବା ସହ ଲିଙ୍ଗଗତ ସମାନତା ଓ ମହିଳାମାନଙ୍କୁ ସମାଜରେ ଉପଯୁକ୍ତ ସମ୍ମାନ ମିଳିବା ଆବଶ୍ୟକ ବୋଲି ମତ ପ୍ରକାଶ କରିବା ସହ ୱାନ ଷ୍ଟପ୍ ସେଣ୍ଟର କେନ୍ଦ୍ର ପ୍ରଶାସିକା ଶ୍ରୀମତୀ ମହେଶ୍ୱତା ପାଢୀ ଜିଲ୍ଲାରେ ବିଭିନ୍ନ ସ୍ତରରେ ହେବାକୁ ଥିବା କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଥିଲେ। ଏହି ପରିପ୍ରେକ୍ଷୀରେ, ଜିଲ୍ଲା ପ୍ରଶାସନ, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ସହିତ ମିଳିତ ଭାବରେ, ଜିଲ୍ଲା, ବ୍ଲକରେ ବିଭିନ୍ନ ସଚେତନତା ଏବଂ ପ୍ରସାର କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଚାହୁଁଛି, ଯେଉଁଥିରେ ସାମୁଦାୟିକ ସମ୍ବେଦନଶୀଳତା କାର୍ଯ୍ୟକ୍ରମ, ସ୍କୁଲ/କଲେଜ ସଚେତନତା ଅଭିଯାନ, ପଥପ୍ରାନ୍ତ ନାଟକ, ହିତାଧିକାରୀ ବୈଠକ ଏବଂ ଦକ୍ଷତା ବିକାଶ ଅଧିବେଶନ ଅନ୍ତର୍ଭୁକ୍ତ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର କର୍ମକର୍ତ୍ତା, ଅଙ୍ଗନୱାଡି କର୍ମୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ,ଏମବିକେ/ ସିଆରପିଙ୍କ ସହ ଆଇଏସଆରଡି, ୱାନ ଷ୍ଟପ ସେଣ୍ଟର ଓ ଶକ୍ତି ସଦନର କର୍ମକର୍ତ୍ତା ଯୋଗ ଦେଇ ଜିଲ୍ଲା ପ୍ରଶାସନ କାର୍ଯ୍ୟ।ଳୟଠାରୁ ବିଶାଳ ଶୋଭା ଯାତ୍ରାରେ ବାହାରି ଛତ୍ରପୁର ସହର ପରିକ୍ରମା କରିବା ସହ ପଥ ପ୍ରାନ୍ତ ସଭା କରାଯାଇଥିଲା।

## ବିଭିନ୍ନ ସ୍ଥାନରେ ସମ୍ବିଧାନ ଦିବସ

**କେନ୍ଦୁଝର:** ସରକାରୀ ମହିଳା ମହାବିଦ୍ୟାଳୟରେ ବୁଧବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର୍ ଲଳିତ ରଞ୍ଜନ ସାହୁ ଅଧକ୍ଷତା କରି ସମ୍ବିଧାନର ଗୁରୁତ୍ୱ ଓ ମହତ୍ତ୍ୱ ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରିଥିଲେ। ଏହି ଅବସରରେ ଶିକ୍ଷା ବିଭାଗ ମୁଖ୍ୟ ଡ. ରାମକୃଷ୍ଣ ମଲ୍ଲ ସମ୍ବିଧାନର




ଐତିହାସିକ ପୃଷ୍ଠଭୂମି ଓ ତାର ମୂଲ୍ୟବୋଧ ସମ୍ପର୍କରେ ଛାତ୍ରୀମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଦେବାନନ୍ଦ ମଲ୍ଲିକ ସମ୍ବିଧାନର ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କରିବା ସହିତ ଜଣେ ଭାରତୀୟ ନାଗରିକ ହିସାବରେ ସମ୍ବିଧାନକୁ ସମ୍ମାନ ଜଣାଇବା ପାଇଁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟରେ ସମ୍ବିଧାନ ସମ୍ପର୍କିତ କୁଇଜ୍ ପ୍ରତିଯୋଗିତା ହୋଇଥିଲା ଏବଂ କୃତି ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉପସ୍ଥିତ ଥିବା ସମସ୍ତ ଅଧ୍ୟାପକ/ଅଧ୍ୟାପିକା, କର୍ମଚାରୀ ଓ ପିଲାମାନଙ୍କୁ ପ୍ରଫେସର୍ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ସମ୍ବିଧାନର ପ୍ରସ୍ତାବନା ପାଠ କରାଯାଇଥିଲା। ଶେଷରେ ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ସସ୍ମିତା ମଞ୍ଜରୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

**ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ:** ପ୍ରତିବର୍ଷ ୨୬ ନଭେମ୍ବରକୁ 'ସମ୍ବିଧାନ ଦିବସ' ଭାବରେ ପାଳନ କରିବା ପାଇଁ ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଗୁରୁତ୍ୱ ଏବଂ ଗର୍ବର ସହିତ ସମ୍ବିଧାନ ଦିବସ ପାଳନ କରିଛି। ଏହି ପାଳନର ଲକ୍ଷ୍ୟ ସାମ୍ବିଧାନିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ଏବଂ ଭାରତୀୟ ସମ୍ବିଧାନର ଗୁରୁତ୍ୱ ବିଷୟରେ ଗଭୀର ସଚେତନତା ସୃଷ୍ଟି କରିବା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଭାରତର




ସମ୍ବିଧାନ ପ୍ରସ୍ତାବନାର ସାମୂହିକ ପାଠ। ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠି ରେଳମଣ୍ଡଳ ମୁଖ୍ୟାଳୟରେ ଏହି ପାଳନର ନେତୃତ୍ୱ ନେଇଥିବାବେଳେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ପି. କେ. ବେହେରା ଏବଂ ଶୁଭ୍ରଜ୍ୟୋତି ମଣ୍ଡଳଙ୍କ ସହିତ ସମସ୍ତ ବରିଷ୍ଠ ଶାଖା ଅଧିକାରୀ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ।

ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅଧୀନରେ ଥିବା ସମସ୍ତ କାର୍ଯ୍ୟାଳୟ, ବିଭାଗ, କ୍ଷେତ୍ର ୟୁନିଟ୍, ଷ୍ଟେସନ, ଡିପୋ ଏବଂ ଦୂରବର୍ତ୍ତୀ କାର୍ଯ୍ୟସ୍ଥଳରେ ଏକକାଳୀନ ସମ୍ବିଧାନ ଦିବସ ପାଳନ କରାଯାଇଥିଲା। ବିଭିନ୍ନ ଷ୍ଟେସନ ଏବଂ କାର୍ଯ୍ୟସ୍ଥଳରେ ନିୟୋଜିତ ରେଳ ଅଧିକାରୀ ଏବଂ କର୍ମଚାରୀମାନେ ସେମାନଙ୍କ ନିଜନିଜ ସ୍ଥାନରେ ପ୍ରସ୍ତାବନା ପାଠ କରି ସକ୍ରିୟ ଭାବରେ ଅଂଶଗ୍ରହଣ କରି ନ୍ୟାୟ, ସ୍ୱାଧୀନତା, ସମାନତା ଏବଂ ଭ୍ରାତୃତ୍ୱର ଆଦର୍ଶକୁ ବଜାୟ ରଖିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଧାରଣ କରିଥିଲେ।

ପ୍ରସ୍ତାବନା ପାଠ ସହିତ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଭାରତୀୟ ସମ୍ବିଧାନର ମୌଳିକତାକୁ ବୁଝିବାରେ ନାଗରିକ ଏବଂ ରେଳ କର୍ମଚାରୀମାନଙ୍କୁ ନିୟୋଜିତ କରି ସଚେତନତା କରାଇବା ପାଇଁ ଆଲୋଚନା, ୱେବିନାର ଏବଂ 'ପ୍ରସ୍ତାବନା ପଠନ' କାର୍ଯ୍ୟକଳାପରେ ଅନଲାଇନ୍ ଅଂଶଗ୍ରହଣ ଭଳି ସଚେତନତା ପଦକ୍ଷେପକୁ ଉତ୍ସାହିତ କରିଥିଲା। ରେଳମଣ୍ଡଳ ମୁଖ୍ୟାଳୟରେ ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ଆର.ଏନ.ଏ. ପରିଡାଙ୍କ ତତ୍ତ୍ୱାବଧାନରେ ପରିଚାଳନା କରାଯାଇଥିଲା। ଏହି ପାଳନ ସମ୍ବିଧାନର ମାର୍ଗଦର୍ଶକ ନୀତିଗୁଡ଼ିକୁ ସମ୍ମାନ ଦେବା ଏବଂ ଦୈନନ୍ଦିନ ପ୍ରଶାସନିକ ଏବଂ ସାଧାରଣ ସେବା ଅଭ୍ୟାସରେ ସାମ୍ବିଧାନିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ପାଇଁ ରେଳମଣ୍ଡଳର ସଂକଳ୍ପକୁ ପ୍ରତିଫଳିତ କରିଥିଲା।

**ଭଦ୍ରକ:** ରାଜ୍ୟ ଆଇନସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶକ୍ରମେ ସମ୍ବିଧାନ ଦିବସ ନିମିତ୍ତ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଆଇନସେବା ପ୍ରାଧିକରଣ, ଭଦ୍ରକର ଅଧକ୍ଷ ଶ୍ରୀ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସମ୍ବିଧାନର ଆମୁଖ (ପ୍ରିମ୍ବଲ) ପାଠ କରାଯାଇଥିଲା। ଏଥିରେ ଜିଲ୍ଲା ନ୍ୟାୟାଳୟର ସମସ୍ତ ବିଚାରପତି ବୃନ୍ଦଙ୍କ ସମେତ ସମସ୍ତ କର୍ମଚାରୀଗଣ ମଧ୍ୟ ସମ୍ବିଧାନ ପାଠରେ ଯୋଗ ଦେଇଥିଲେ। ଏହା ସହିତ ଚିଙ୍ଗୁଡ଼ିପୁରସ୍ଥିତ ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠର, ଭଦ୍ରକ ଠାରେ ସମ୍ବିଧାନ




ଦିବସ ପାଳନ ନିମିତ୍ତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ପୂର୍ଣ୍ଣଶ୍ଳୋକ ରଥ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସମ୍ବିଧାନ ଅଧିକାର ଓ କର୍ତ୍ତବ୍ୟ ସଂପର୍କିତ ନିଜ ବକ୍ତବ୍ୟ ମାଧ୍ୟମରେ ସମ୍ବିଧାନ ପ୍ରତି ପ୍ରତ୍ୟେକ ନାଗରିକମାନଙ୍କର ମର୍ଯ୍ୟାଦା ଓ ବିଶ୍ୱାସକୁ ଅଖଣ୍ଡ ରଖିବା ତଥା ଭାରତର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ଇତ୍ୟାଦି ବିଷୟରେ ପ୍ରତିପାଦନ କରି ଉପସ୍ଥିତ ଥିବା ଅନ୍ୟ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଅତିଥିମାନଙ୍କ ମଧ୍ୟରେ ସଂଗ୍ରାମ ପଟ୍ଟନାୟକ, ଇନ୍‌ସପେକ୍ଟର, ଭଦ୍ରକ, ଡ଼. ତାପସ କୁମାର ମହାନ୍ତି, ବହ୍ନିଶିଖା ବିଶ୍ୱାଳ, ସହାୟକ ଏଲ୍.ଏ.ଡ଼ି.ଏସ୍, ନ୍ୟାୟରକ୍ଷକ ଭଦ୍ରକ, ଅଜୟ କୁମାର ନନ୍ଦ, ପ୍ରଧାନଶିକ୍ଷକ, ଗୀତ ରୋଜାଲିନ୍, ସହାୟକ ପ୍ରଧାନଶିକ୍ଷକ, ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ, ଚିଙ୍ଗୁଡ଼ିପୁର, ଭଦ୍ରକ ତଥା ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇ କାର୍ଯ୍ୟକ୍ରମଟିକୁ ସଫଳ କରାଇଥିଲେ । ପରିଶେଷରେ ଭଲ ବକ୍ତୃତା ଦେଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ସ୍ୱରୂପ ପୁସ୍ତକ ଓ କଲମ ପ୍ରଦାନ କରାଯାଇଥିଲା ଏବଂ ତତ୍‌ସହିତ ଭବିଷ୍ୟତରେ ଜଣେ ଜଣେ ଭଲ ଛାତ୍ର ହେବା ପାଇଁ ଉପସ୍ଥିତ ଅତିଥିମାନେ ସେମାନଙ୍କ ବକ୍ତବ୍ୟ ମାଧ୍ୟମରେ ଉତ୍ସାହିତ କରିଥିଲେ।

## ଅପରେସନ 'ବଜ୍ର ବାଲି'ର ଅୟମାରମ୍ଭ

ଜଗତସିଂହପୁର:ଏକ୍ସପ୍ରେସ୍ ନ୍ୟୁଜ୍

ଗତକାଲି ବିଳମ୍ବିତ ରାତି ପ୍ରାୟ ସାଢେ ବାରଟା ସମୟରେ ଜଗତସିଂହପୁର ଜିଲ୍ଲାପାଳ ଜେ ସୋନାଲଙ୍କ ନେତୃତ୍ୱରେ କେନ୍ଦ୍ରାଞ୍ଚଳ ଡି.ଆଇ.ଜି, ଏସ. ପି. ଶ୍ରୀ ଅଙ୍କିତ ବର୍ମା, ତିର୍ତ୍ତୋଲ ତହସିଲଦାର ଓ ଖଣି ଅଧିକାରୀ ମିଳିତ ଭାବେ ତିର୍ତ୍ତୋଲ ତହସିଲ ଅନ୍ତର୍ଗତ କିଲିପାଳ ସ୍ଥିତ ମହାନଦୀର ବାଲି ଚୋରା ଚାଲାଣ ହେଉଥିବା ସମୟରେ ଏକ ଜୋରଦାର ଚଢ଼ାଉ କରିଥିଲେ। ଏହି ଚଢ଼ାଉ ସମୟରେ ଏସପି ଅଙ୍କିତ ବର୍ମାଙ୍କ କହିବାନୁସାରେ ସେହି ଜାଗାରେ ପ୍ରାୟ ପଚାଶରୁ ଅଧିକ ହାଇୱା ବାଲି ଚଲାଣରେ ଲିପ୍ତ ଥିଲେ। ସେମାନେ ମହାନଦୀର ମଧ୍ୟଭାଗକୁ ଯାଇ ତିନିଟା ଏକ୍ସାଭେଟର ସିଲ କରିଥିଲେ। ପ୍ରାୟ ସବୁ ହାଇୱାଗୁଡାକ ଓଭର ଲୋଡିଂ ହୋଇଥିଲା। ମାଫିଆମାନେ ପ୍ରତ୍ୟେକ ଦିନ ଯେତିକି ବାଲି ଉତ୍ତୋଳନ ହେବାକଥା, ତାଠାରୁ ଢେର ଅଧିକ ବାଲି ଉତ୍ତୋଳନ କରୁଥିଲେ। ଯାହାଫଳରେ ସରକାର ଯେତିକି ରାଜସ୍ୱ ପାଇବାକଥା, ସେତିକି ପାଉନାହାନ୍ତି, ସରକାର କ୍ଷତି ସହୁଛନ୍ତି। ବର୍ତ୍ତମାନ ରାଜ୍ୟ ସରକାର ବାଲି ମାଫିଆମାନଙ୍କୁ ସାବାଡ଼ କରିବା ପାଇଁ ଦୃଢ ପାଦକ୍ଷେପ ନେଇଛନ୍ତି। ଡିଆଇଜିଙ୍କ କହିବାନୁସାରେ ଖୋଦ ମୁଖ୍ୟମନ୍ତ୍ରୀ ବାଲିମାଫିଆଙ୍କୁ ସାବାଡ଼ କରି ସେମାନଙ୍କୁ ବାଟକୁ ଆଣିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ ଯେତେବେଳେ ରେଡ଼ କରିବାକୁ ଯାଇଥିଲେ ସ୍ଥାନେସ୍ଥାନେ ମାଫିଆମାନଙ୍କ ସୂଚନାଦାତା ଠିଆ ହୋଇ ସେମାନଙ୍କୁ ରେଡ ପଡିବା ନେଇ ସୂଚନା ଦେଉଥିଲେ। ଏସପି ୫ ଜଣ ଟ୍ରକ ଡ୍ରାଇଭର ଓ ଜଣେ ମେକାନିକକୁ ଗିରଫ କରିବା ନେଇ ସୂଚନା ଦେଇଥିଲେ। ଗୋଟିଏ ବର୍ଷରେ ଗୋଟିଏ ଘାଟରେ ପ୍ରାୟ ସରକାରଙ୍କର ପନ୍ଦର କୋଟି ଟଙ୍କା ହାନି ହେଉଥିବାର ସୂଚନା ଦେଇଥିଲେ।



## ଗାଳ୍ପିକ ସଦାନନ୍ଦ ତ୍ରିପାଠୀ ପାଇବେ 'ଗାଁ ମଜଲିସ୍ ସାହିତ୍ୟ ସମ୍ମାନ'

ସୋର:ଏକ୍ସପ୍ରେସ୍ ନ୍ୟୁଜ୍

ବାଲେଶ୍ୱରର ଅନ୍ୟତମ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗାଁ ମଜଲିସ୍ ସାହିତ୍ୟ ସଂସଦ ଏବଂ ସାହିତ୍ୟ ପତ୍ରିକା ଶଂଖବେଳା ପାଇଁ ଚଳିତ ବର୍ଷର ସାହିତ୍ୟ ସମ୍ମାନ ଓ ସମ୍ବର୍ଦ୍ଧନା ପାଇବାକୁ ଥିବା ପ୍ରତିଭାଧରମାନଙ୍କର ନାମ ଘୋଷଣା କରାଯାଇଛି। ବିଶିଷ୍ଟ ଗାଳ୍ପିକ ସଦାନନ୍ଦ ତ୍ରିପାଠୀ ପାଇବେ ଚଳିତ ବର୍ଷର ମର୍ଯ୍ୟାଦାଜନକ 'ଗାଁ ମଜଲିସ୍ ସାହିତ୍ୟ ସମ୍ମାନ'। ସେହିପରି ଗାଳ୍ପିକ ଗଂଗାଧର ବିଶ୍ୱାଳ ପାଇବେ 'ଶଂଖବେଳା ଗଳ୍ପ ସମ୍ମାନ', ଏବଂ କବି ଖଗେଶ୍ୱର ମହତାବଙ୍କୁ ମିଳିବ 'ଶଂଖବେଳା କବିତା ସମ୍ମାନ'। ସଂଗଠନ ଓ ସଂପାଦନା ସମ୍ମାନ ପାଇବେ ଗୋକର୍ଣ୍ଣିକା ସଂପାଦକ ରମାକାନ୍ତ ଜେନା। ନାଟ୍ୟକାର ଭାବଗ୍ରାହୀ ଦାସଙ୍କୁ ମିଳିବ 'ମନମୋହନ ମହାପାତ୍ର ନାଟ୍ୟ ସମ୍ମାନ', 'ମଦନମୋହନ ଦଳେଇ ଉପନ୍ୟାସ ସମ୍ମାନ' ପାଇବେ ଗାଳ୍ପିକ ଉଦୟ ନାରାୟଣ ଦାସ, କବି ତ୍ରିଲୋଚନା ଦାସ ପାଇବେ 'ପ୍ରଦ୍ୟୁମ୍ନ ମହନୀ କବିତା ସମ୍ମାନ', 'ସ୍ୱର୍ଣ୍ଣଲତା-ବିଶ୍ୱନାଥ ଲେଖକା' ସମ୍ମାନ ପାଇବେ ଯୁବ କବୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, 'ଜୟକୃଷ୍ଣ ବିଶ୍ୱାଳ ସାହିତ୍ୟ-ସେବା ସମ୍ମାନ' ପାଇବେ ବିଦ୍ୟୁତଲତା ଦାସ, 'ଭୁବନାନନ୍ଦ ଦଳେଇ ଶିକ୍ଷା-ସାହିତ୍ୟ ସମ୍ମାନ' ପାଇବେ କବି ଦେବାଶିଷ ଚକ୍ରବର୍ତ୍ତୀ, 'ଚିନ୍ତାମଣି ମଲ୍ଲିକ ସାହିତ୍ୟ-ଶିକ୍ଷକ ସମ୍ମାନ' ପାଇବେ କୃପାସିନ୍ଧୁ ପାଣିଗ୍ରାହୀ, 'ଗଣେଶ ମହାପାତ୍ର ସାହିତ୍ୟ ସମ୍ମାନ' ପାଇବେ କବି ରଜୀତ୍ ଦାସ, 'ଭାଗବତ-କମଳାକାନ୍ତ ଓଝା ନୃତ୍ୟକଳା ସମ୍ମାନ' ପାଇବେ ଅଭିନେତ୍ରୀ ଅନ୍ନପୂର୍ଣ୍ଣା ଲେଙ୍କା, ରଜନୀ ବାରିକଙ୍କୁ ମିଳିବ 'କୋକିଳ-ଶୁକମଣି ଆଦର୍ଶ ଜନନୀ ସମ୍ମାନ', 'ଲୋପାମୁଦ୍ରା ମେଧା ଗୌରବ ସମ୍ମାନ' ପାଇବେ ଲିପସିତା ସାହୁ। ସଂସଦର ସଭାପତି ଡ. ରମାକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମନୋନୟନ କମିଟି ବୈଠକର ନିଷ୍ପତ୍ତି ଅନୁସାରେ ଆସନ୍ତା ଡିସେମ୍ବର ୨୧ରେ ହେବାକୁ ଥିବା ବାର୍ଷିକ ଉତ୍ସବରେ ପ୍ରଦାନ କରାଯିବ ବୋଲି ସଂସଦର ଯୁଗ୍ମ ସଂପାଦକ ଚନ୍ଦ୍ରମୋହନ ମହାପାତ୍ର ସୂଚନା ଦେଇଛନ୍ତି।

ଶେଷ ପୃଷ୍ଠା

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 27th November, 2025 Thursday | RNI Regd. No. ODIODI/2006/23033 | Postal Regd. No. : BN/169/13-15

## ହେଲ୍‌ଥ ଟନିକ୍



### ଢୋଲ ବାଦକ ଇଚ୍ଛା ପୂରଣ

ଗୋଟିଏ ବାହାଘରରେ ଜଣେ ଢୋଲ ବଜାଉଥିବା ଲୋକର ଢୋଲରେ ଥିବା ଚିତ୍ରକୁ ଦେଖିବା ପରେ ଜଣେ ବୟସ୍କ ବ୍ୟକ୍ତି ଖୁବ୍ ଖୁସି ହୋଇଗଲେ। ଢୋଲ ବଜାଉଥିବା ଲୋକର ଢୋଲରେ ଦୁଇପଟେ ଦୁଇଟି ମହିଳାଙ୍କ ରଙ୍ଗିନ ଫଟୋ ଲାଗିଥିଲା। ବୟସ୍କ ବ୍ୟକ୍ତି ଢୋଲବାଲାକୁ କହିଲେ- ଯା ହେଉ, ମହିଳାମାନଙ୍କ ପ୍ରତି ତୁମର ଖୁବ୍ ଆଦର ମୁଁ ଦେଖୁଛି। କାରଣ ତୁମ ଢୋଲର ଦୁଇପଟେ ଦୁଇଜଣ ମହିଳାଙ୍କ ଫଟୋ ରଖିଛ। ଏହି ଦୁଇଜଣ ମହିଳା କିଏ ?

ଢୋଲ ବଜାଉଥିବା ବ୍ୟକ୍ତି ଏକଥା ଶୁଣିବାମାତ୍ରେ ବୟସ୍କ ବ୍ୟକ୍ତିଙ୍କୁ କହିଲା- ଏ ଦୁଇଜଣଙ୍କ ମଧ୍ୟରୁ ଜଣେ ମୋ ସ୍ତ୍ରୀ ଓ ଅନ୍ୟ ଜଣକ ମୋ ଶାଶୁ। ଘରେ ସୁବିଧା ହୁଏ ନି ତ। ତେଣୁ ଦୁଇପଟେ ଦୁଇଜଣଙ୍କ ଫଟୋ ରଖି ଢୋଲ ମାଧ୍ୟମରେ ମୋ ଇଚ୍ଛା ପୂରଣ କରେ।

# ନିଜ ମାଟିରେ ଲଜ୍ଜାଜନକ ପରାଜୟ: ୪୦୮ ରନରେ ହାରିଲା ଟିମ୍ ଇଣ୍ଡିଆ

**ଗୌହାଟୀ, ୨୬।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଘରୋଇ ପରିବେଶ, ଘରୋଇ ଦର୍ଶକ, ଘରୋଇ ପିଚ୍, ଘରୋଇ ଫାଇଦା ସତ୍ତ୍ୱେ ମାଟି କାମୁଡିଛି ଟିମ ଇଣ୍ଡିଆ। ଇଜ୍ଜତ ହରାଇବା ସହ ମୂଳପୋଛ ହୋଇଛି ଭାରତୀୟ କ୍ରିକେଟ ଟିମ। ଦୀର୍ଘ ୨୫ ବର୍ଷ ପରେ ଭାରତରେ ଟେଷ୍ଟ ସିରିଜ ଜିତି ଦକ୍ଷିଣ ଆଫ୍ରିକା ନୂଆ ଇତିହାସ ମଧ୍ୟ ରଚିଛି। ୨୦୦୦ ମସିହାରେ ହାନ୍ସି କ୍ରୋନେଜଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ଶେଷଥର ଭାରତ ମାଟିରେ ଟେଷ୍ଟ ସିରିଜ(୨-୦) ଜିତିଥିଲା। ଏବେ ତେମ୍ବା ବଭୁମାଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ୨୫ ବର୍ଷ ତଳର ସଫଳତାକୁ ଦୋହରାଇଛି। ଭାରତ ମାଟିରେ ଦଳ ୨ଟିକିଆ ଟେଷ୍ଟ ସିରିଜକୁ କ୍ଲିନସୁଇପ କରିଛି।

ଘରୋଇ ମାଟିରେ ଭାରତ ଇଜ୍ଜତ ହରାଇବା ସହ ଭାରତୀୟ ଟିମ ଟେଷ୍ଟ ସିରିଜରେ ମୂଳପୋଛ ହୋଇଯାଇଛି। ଏହାପୂର୍ବରୁ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ୩ଟିକିଆ ସିରିଜରେ ମଧ୍ୟ ଭାରତୀୟ ଟିମ ଗୋଟିଏ ହେଲେ ମ୍ୟାଚ୍ ଜିତିପାରି ନଥିଲା। ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ୦-୩ରେ ହାରି ଗୌତମ ଗମ୍ଭୀରଙ୍କ ଟିମ ଇଣ୍ଡିଆର ନାକ କଟିଥିଲା। ଏବେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ସମାନ ଦଶା ଭୋଗି ଭାରତୀୟ ଟିମ ଇଜ୍ଜତ ହରାଇଛି। ପ୍ରଥମ ଟେଷ୍ଟକୁ ୩୦ ରନରେ ହାରିଥିବା ଭାରତ ଗୌହାଟୀରେ ୪୦୮ ରନରେ ପରାସ୍ତ ହୋଇଛି। ଘରୋଇ ମାଟିରେ ପୂର୍ବରୁ ଭାରତ କେବେ ହେଲେ କୌଣସି ଟେଷ୍ଟରେ ଏତେ ରନରେ ହାରି ନଥିଲା।




ଭାରତ ବିପକ୍ଷରେ ଦକ୍ଷିଣ ଆଫ୍ରିକାର ଏହା ସବୁଠାରୁ ବଡ ଟେଷ୍ଟ ବିଜୟ। ଏହି ପରାଜୟ ମଧ୍ୟ ଗମ୍ଭୀରଙ୍କ କୋଚିଂରେ ଖେଳୁଥିବା ଭାରତୀୟ ଟିମର ମୁଣ୍ଡକୁ ତଳକୁ କରି ଦେଇଛି। ଭାରତୀୟ ଟିମର ଦାୟିତ୍ୱହୀନ ବ୍ୟାଟିଂ ଆଜି ଦଳକୁ ପରାଜୟ ବରଣ କରିବାକୁ ବାଧ କରିଛି। ଗମ୍ଭୀର ଯୁଗରେ ଦଳ ଟେଷ୍ଟ ଇତିହାସର ସବୁଠାରୁ ବଡ ପରାଜୟର ସମ୍ମୁଖୀନ ହୋଇଛି।

ପ୍ରଥମ ଇନିଂସରେ ଦଳ ମାତ୍ର ୨୦୧ ରନ କରିଥିଲା। ଦ୍ୱିତୀୟ ଇନିଂସରେ ତା'ଠାରୁ ଆହୁରି ଦୟନୀୟ ସ୍ଥିତିର ସମ୍ମୁଖୀନ ହୋଇଛି ଦଳ। ୫୪୯ ରନର ଟାର୍ଗେଟକୁ ପିଛା କରୁଥିବା ଭାରତୀୟ ଟିମ କେବଳ ୧୪୦ ରନ କରିବାକୁ ସକ୍ଷମ ହୋଇଛି। ରବୀନ୍ଦ୍ର ଜାଡେଜାଙ୍କ ୫୪ ରନକୁ ଛାଡି ଦେଲେ ଦକ୍ଷିଣ ଆଫ୍ରିକା ବୋଲରଙ୍କୁ ଜବାବ ଦେବାରେ ଆଉ କୌଣସି ଭାରତୀୟ ବ୍ୟାଟର ସକ୍ଷମ ହୋଇ ନାହାନ୍ତି।

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ବିଶାଳ ୪୮୯ ରନ କରିଥିଲା। ଦ୍ୱିତୀୟ ଇନିଂସରେ ଦଳ ୫ ୱିକେଟ ହରାଇ ୨୬୦ ରନ କରିବା ପରେ ପାଳି ଘୋଷଣା କରିଥିଲା। ଦକ୍ଷିଣ ଆଫ୍ରିକାର ପ୍ରଥମ ଇନିଂସ ସ୍କୋର ୪୮୯କୁ ଭାରତ ଦୁଇଥର ବ୍ୟାଟିଂ କରି ମଧ୍ୟ ହାସଲ କରିପାରି ନାହିଁ। ଭାରତର ସବୁ ବ୍ୟାଟର ୨ଥର ଲେଖାଏ ବ୍ୟାଟିଂ କରିଥିଲେ ହେଁ କେବଳ ୩୪୧ ରନ କରିପାରିଛନ୍ତି। ଏହା ଠାରୁ ଆଉ ଲଜ୍ଜାଜନକ କଥା ବୋଧେ କିଛି ହୋଇନପାରେ।

ପ୍ରଥମ ଇନିଂସରେ ମାର୍କୋ ୟାନସେନ ୬ ୱିକେଟ ନେବା ସହ ୯୩ ରନ କରିଥିଲେ। ଦ୍ୱିତୀୟ ଇନିଂସରେ ସେ ଗୋଟିଏ ୱିକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପାଇଛନ୍ତି। କୋଲାକତା ଟେଷ୍ଟରେ ମ୍ୟାନ ଅଫ ଦି ମ୍ୟାଚ୍ ପାଇଥିବା ସ୍ପିନର ସିମନ ହାର୍ମର ଦ୍ୱିତୀୟ ଟେଷ୍ଟରେ ୯ ୱିକେଟ ଦଖଲ କରିଛନ୍ତି। ସେ ୨ ଟିକିଆ ଟେଷ୍ଟ ସିରିଜରେ ୧୭ ୱିକେଟ ନେଇଥିବାରୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପାଇଛନ୍ତି।

## ହତ୍ୟା ଘଟଣାରେ ୫ ଗିରଫ



**ଭୁବନେଶ୍ୱର, ୨୬।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ପରକୀୟାପ୍ରୀତିକୁ କେନ୍ଦ୍ର କରି ଭୁବନେଶ୍ୱର ଚନ୍ଦକା ଥାନା ଅନ୍ତର୍ଗତ ଗୋଡ଼ିବାରୀ ଗ୍ରାମ ନିକଟରେ ଗତ ସୋମବାର ମଧ୍ୟରାତ୍ରରେ ଘଟିଥିବା ସଂଘଟିତ ନୃଶଂସ ହତ୍ୟାକାଣ୍ଡ ଘଟଣାରେ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି କମିଶନରେଟ ପୋଲିସ। ଏହି ଘଟଣାରେ ଯାଜପୁର ଅଞ୍ଚଳର ୨୦ ବର୍ଷ ବୟସ୍କ ଶତ୍ରୁଘ୍ନ ବିରୁଆ ନାମକ ଜଣେ ଟେଷ୍ଟ ହାଉସ କର୍ମଚାରୀକୁ ପଥରରେ ଛେଚି ଅତି ବିଭତ୍ସ ଭାବେ ହତ୍ୟା କରାଯାଇଥିଲା।

## ସମ୍ବିଧାନ ଦ୍ୱାରା ଆମର ଆତ୍ମସମ୍ମାନ ସୁନିଶ୍ଚିତ: ରାଷ୍ଟ୍ରପତି

**ନୂଆଦିଲ୍ଲୀ, ୨୬।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ୭୬ତମ ସମ୍ବିଧାନ ଦିବସ ପାଳନ କରୁଛି ସାରା ଦେଶ। ସଂସଦରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବିଧାନ ଦିବସ ପାଳନ କରାଯାଇଛି। ଏହି ଅବସରରେ ଉଭୟ ଗୃହକୁ ସମ୍ବୋଧନ କରିଛନ୍ତି ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଯେ ଭାରତର ଗଣତନ୍ତ୍ର ବିଶ୍ୱ ପାଇଁ ଏକ ଉଦାହରଣ। ସଂସଦ ଭବନରେ ଅଭିଭାଷଣ ଦେଇ ସେ କହିଛନ୍ତି ଯେ ସମ୍ବିଧାନ ଦ୍ୱାରା ଆମର ଆତ୍ମସମ୍ମାନ ସୁନିଶ୍ଚିତ ହୋଇଛି।

୨୫କୋଟି ଲୋକ ଦାରିଦ୍ର ସୀମାରେଖାରୁ ବାହାରି ଆସିଛନ୍ତି। ରାଷ୍ଟ୍ରପତି କହିଛନ୍ତି ଯେ ୧୯୪୯ମସିହା ଆଜିର ଦିନରେ ସମ୍ବିଧାନ ସଭାର ସଦସ୍ୟମାନେ ଭାରତର ସମ୍ବିଧାନ ପ୍ରସ୍ତୁତ କରିବାର



କାର୍ଯ୍ୟ ସମାପ୍ତ କରିଥିଲେ। ଏହି ଦିନ ଆମେ ଭାରତର ଲୋକମାନେ ଆମର ସମ୍ବିଧାନ ଗ୍ରହଣ କରିଥିଲୁ। ସ୍ୱାଧୀନତା ପରେ ସମ୍ବିଧାନ ସଭା ମଧ୍ୟ ଭାରତର ମଧ୍ୟବର୍ତ୍ତୀକାଳୀନ ସଂସଦ ଭାବରେ ନିଜର କର୍ତ୍ତବ୍ୟ ପାଳନ କରିଥିଲା।

ବାବା ସାହେବ ଡକ୍ଟର ଭୀମରାଓ ଆମ୍ବେଦକର ଆମ ସମ୍ବିଧାନର ମୁଖ୍ୟ ନିର୍ମାତା। ବାବା ସାହେବଙ୍କ ୧୨୫ତମ ଜନ୍ମବାର୍ଷିକୀ ଅବସରରେ ୨୦୧୫ରୁ ପ୍ରତିବର୍ଷ ନଭେମ୍ବର ୨୬କୁ ସମ୍ବିଧାନ ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ରାଷ୍ଟ୍ରପତି କହିଛନ୍ତି ୨୫କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିବା ଦେଶର ସବୁଠାରୁ ବଡ ସଫଳତା ମଧ୍ୟରୁ ଗୋଟିଏ। ଆଜି ରାଷ୍ଟ୍ରପତି ୯ଟି ଭାଷାରେ ସମ୍ବିଧାନର ଅନୁବାଦିତ ସଂସ୍କରଣ ଉନ୍ମୋଚନ କରିଛନ୍ତି। ଏଥିରେ ମାଲାୟଲମ, ମରାଠୀ, ନେପାଳୀ, ପଞ୍ଜାବୀ, ବୋଡୋ, କାଶ୍ମୀରୀ, ତେଲୁଗୁ, ଓଡିଆ ଏବଂ ଆସାମୀ ଅନ୍ତର୍ଭୁକ୍ତ ରହିଛି।

କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସି.ପି ରାଧାକୃଷ୍ଣନ୍ କହିଛନ୍ତି ଯେ ଆମର ସମ୍ବିଧାନକୁ ଆମ ମହାନ ନେତା, ଭାରତ ମାତାର ବୀରମାନେ ସମ୍ବିଧାନ ସଭାରେ ପ୍ରସ୍ତୁତଳ ବିତର୍କ ଏବଂ ଗୃହୀତ କରିଥିଲେ। ଏହା ସ୍ୱାଧୀନତା ପାଇଁ ଲଢିଥିବା ଲକ୍ଷଲକ୍ଷ ଦେଶବାସୀଙ୍କ ଜ୍ଞାନ, ତ୍ୟାଗ ଏବଂ ସ୍ୱପ୍ନକୁ ପ୍ରତିଫଳିତ କରେ।

## ରାପର ଅଭିନବ ମୃତ୍ୟୁ ଘଟଣାରେ ପତ୍ନୀ ଗିରଫ

**କଟକ, ୨୬।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଆ ରାପର ଅଭିନବ ସିଂହଙ୍କ ଆତ୍ମହତ୍ୟା ପାଇଁ ପ୍ରୋତ୍ସାହିତ କରିବା ଅଭିଯୋଗରେ ତାଙ୍କ ପତ୍ନୀ ଦୀପିକା ରାଉତକୁ ପୋଲିସ ଗିରଫ କରିଛି। ୨୮୫ ଦିନ ଧରି ଜାରି ରହିଥିବା ଏକ ବିସ୍ତୃତ ତଦନ୍ତ ପରେ ସ୍ଥାନୀୟ ଲାଲବାଗ ପୋଲିସ ଦୀପିକାଙ୍କୁ ଆଜି ଗିରଫ କରିଛି। ୩୨ ବର୍ଷୀୟ ଅଭିନବ ସିଂହ ଫେବୃଆରୀ ୯ ତାରିଖରେ ବେଙ୍ଗାଲୁରର ତାଙ୍କ ଭଡ଼ା ଆପାର୍ଟମେଣ୍ଟରେ ବିଳମ୍ବିତ ରାତିରେ ବିଷ ଖାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସିଂହ ମାତ୍ର ଗୋଟିଏ ସପ୍ତାହ ପୂର୍ବରୁ କାମ ପାଇଁ ବେଙ୍ଗାଲୁରରୁ ଚାଲି ଆସିଥିଲେ ଏବଂ ଏକ ଘରୋଇ କଂପାନୀରେ ଅଟୋମିସନ ପରୀକ୍ଷଣ ଇଂଜିନିୟର ଭାବେ ନିଯୁକ୍ତି ପାଇଥିଲେ। ସେ ଓଡ଼ିଶାର ହିପହପ ସର୍କଲରେ ମଧ୍ୟ ବେଶ ଜଣାଶୁଣା ଥିଲେ। ତାଙ୍କର ଅନେକ ଗୀତ ୟୁଟ୍ୟୁବରେ ଲକ୍ଷ ଲକ୍ଷ ଥର ଦେଖାଯାଇଥିଲା। ପୋଲିସ ସୂଚନା ମୁତାବକ ସିଂହଙ୍କ ପରିବାର ତାଙ୍କ ସ୍ତ୍ରୀଙ୍କ ଉପରେ ମାନସିକ ନିର୍ଯ୍ୟାତନା ଦେଉଥିବା ଅଭିଯୋଗ କରିଥିଲେ ଏବଂ ଦାବି କରିଥିଲେ ଯେ, ନିର୍ଯ୍ୟାତନା ତାଙ୍କୁ ଏହି ଚରମ ପଦକ୍ଷେପ ନେବାକୁ ବାଧ କରିଥିଲା। ତାଙ୍କ ବାପା ଏହି ସଂପର୍କରେ ଲାଲବାଗ ଥାନାରେ ଏକ ଅଭିଯୋଗ ଦାଖଲ କରିଥିଲେ। ଏହି ଅଭିଯୋଗ ପତ୍ରରେ ଉକ୍ତ ଦୀପିକା ରାଉତ, ତାଙ୍କ ପରିବାର ସଦସ୍ୟ ଅନ୍ୟମାନଙ୍କ ନାମ ଦିଆଯାଇଥିଲା। ଉକ୍ତ ଦୀପିକାଙ୍କୁ ଗିରଫ କରିବା ପୂର୍ବରୁ ତଦନ୍ତକାରୀ ମାନେ ମାମଲାର ବିଭିନ୍ନ ଦିଗ ଯାଂଚ କରିଥିଲେ। ଗିରଫ ଅଭିଯୁକ୍ତ ଉକ୍ତ ଦୀପିକା ରାଉତକୁ ପୋଲିସ ଆଜି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, କଟକର କାଳିଗଳିର ବାସିନ୍ଦା ଅଭିନବ ତାଙ୍କ ଚ୍ୟାନେଲ ଏବଂ ପ୍ରଡ଼କ୍ସନ ହାଉସ ମାଧ୍ୟମରେ ସ୍ଥାନୀୟ ହିପହପ ପ୍ରତିଭାକୁ ପ୍ରୋତ୍ସାହିତ କରୁଥିଲେ। ଉଦୀୟମାନ କଳାକାରମାନଙ୍କୁ ସମର୍ଥନ କରିବାରେ ରାପର ଅଭିନବ ସାହାଯ୍ୟ କରୁଥିଲେ।

## ସ୍ୱାର୍ଥପର ଲୋକ ଦଳରୁ ପଳେଇଲେ ଭଲ: ପ୍ରମିଳା

**ଭୁବନେଶ୍ୱର, ୨୬।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ବିସ୍ଫୋରକ ବୟାନ ରଖିଛନ୍ତି। ସେ କହିଛନ୍ତି ନବୀନ ବାବୁ ମୋତେ ଫୋନ୍ କଲେ, ଗୃହରେ ଅନୁପସ୍ଥିତ ରହିବାକୁ କହିଥିଲେ। ମୁଁ ତାଙ୍କ ହିସାବରେ ଭୋଟ୍ ଦେବାକୁ ଯାଇନଥିଲି। କିଛି ଲୋକ ନବୀନବାବୁଙ୍କୁ ଦେଖା କରିବାକୁ ଦେଉନାହାଁନ୍ତି। ଭୂପିନ୍ଦର ସିଂଙ୍କୁ ମଧ୍ୟ ଦେଖା କରାଇ ଦେଲେନି। ମୁଁ ଦେଖା କରିବାକୁ ଚାହୁଁଛି ବୋଲି ନବୀନ ବାବୁଙ୍କୁ ଜଣାଇ ନିଆଯାଉନି। ନିର୍ବାଚନ ବେଳେ ନବୀନ ବାବୁ ପ୍ରଚାର ମଙ୍ଗ ଧରିଲେନି। ବିଜୁବାବୁ ଓ ନବୀନ ବାବୁଙ୍କ ଫଟୋ ଉଠିଗଲା, ପାଣ୍ଡିଆନଙ୍କ ଫଟୋ ଲାଗିଲା। ସ୍ୱାଭିମାନ୍ ଓଡିଆ ଏହାର ସଠିକ୍ ଜବାବ ଦେଲେ। ସେପଟେ ଦେବାଶିଷଙ୍କୁ ସ୍ୱାର୍ଥପର ନେତା କହି ଟାର୍ଗେଟ୍ କରିଛନ୍ତି ପ୍ରମିଳା ମଲ୍ଲିକ। କିଛି ସ୍ୱାର୍ଥପର ନେତା ଅଛନ୍ତି, ସ୍ୱାର୍ଥରେ ବାଧା ଆସିଲେ ଦଳ ଛାଡନ୍ତି। ଦଳ ଛାଡି ଦଳ ବିରୋଧରେ କୁହନ୍ତି। ସ୍ୱାର୍ଥପର ଲୋକ ଦଳରୁ ପଳେଇଲେ ଭଲ, ଦଳ ଶୃଙ୍ଖଳାରେ ଚାଲିବ। ଦେବାଶିଷ ଅସୁସ୍ଥ ଅଛନ୍ତି, ପଦବୀ ସମ୍ଭାଳି ପାରିବେନି ବୋଲି ଇସ୍ତଫା ଦେଲେ। ଯେତେବେଳେ ପଦବୀ ଓ କ୍ଷମତା ଥିଲା ସେତେବେଳେ କାହିଁକି କିଛି କହିଲେନି। ଏବେ କ୍ଷମତା ଚାଲିଗଲା ବୋଲି କହୁଛନ୍ତି ନୀତି ଆଦର୍ଶରୁ ଚାଲିଗଲା।

## ମାହାଙ୍ଗା ବିଡିଓ-ଜନପ୍ରତିନିଧି ମୁହାଁମୁହିଁ

**ମାହାଙ୍ଗା, ୨୬।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ସମ୍ବିଧାନ ଦିବସରେ ସମ୍ବିଧାନର ନିୟମକୁ ଭଙ୍ଗ କରିଛନ୍ତି ଖୋଦ ଭାରପ୍ରାପ୍ତ ବିଡିଓ ମହୋଦୟ। ଏଭଳି ଘଟଣା ଦେଖିବାକୁ ମାହାଙ୍ଗା ବ୍ଲକର ପଂଚାୟତ ସମିତିରେ। ଦୀର୍ଘ ୯ ମାସ ବିତିଯିବା ପରେ ପଂଚାୟତ ସମିତିର ନବମ ବୈଠକ ଥିବାବେଳେ ସମସ୍ତ ଜନପ୍ରତିନିଧି ମାନେ ସମ୍ମିଳନୀ କକ୍ଷରେ ଦୀର୍ଘ ଦୁଇ ଘଂଟା ଧରି ଅପେକ୍ଷା କରିଥିଲେ ସୁଦ୍ଧା ବିଡିଓ ଓ ବ୍ଲକର ଅଧିକାରୀ ଏବଂ କର୍ମଚାରୀଙ୍କ ଦେଖା ମିଳିନଥିଲା। କେବଳ ସେତିକି ନୁହେଁ ଭାରପ୍ରାପ୍ତ ବିଡିଓ ସୁଭାଶିଷ ପାଲଟାଙ୍କ ନିର୍ଦ୍ଦେଶ କ୍ରମେ ବିଦ୍ୟୁତ୍ କଟାଯାଇଥିବା ବେଳେ ଅନ୍ୟ କାର୍ଯ୍ୟାଳୟଗୁଡିକର ବିଦ୍ୟୁତ୍ ସରବରାହ ଚାଲୁ ରହିଥିଲା। ବିଡିଓ ଅନୁପସ୍ଥିତ ଥିବାବେଳେ ବ୍ଲକର ବହୁ କର୍ମଚାରୀ ସେମାନଙ୍କ କାର୍ଯ୍ୟାଳୟରେ ନ ଥିବା ହେତୁ ଅନେକ ଅଫିସ୍ ଘରେ ତାଲା ଝୁଲୁଥିବା ସ୍ଥଳେ ଅନେକ ଘରେ କେବଳ ଖାଲି ଚେୟାର ଦେଖିବାକୁ ମିଳିଥିଲା। ଯାହାକି ଏଠାରେ ସ୍ପଷ୍ଟ ବାରି ହେଉଛି ବିଡିଓ ହେଉଛନ୍ତି ସର୍ବେସର୍ବା। ବିଡିଓ ମହୋଦୟ ସମ୍ବିଧାନର କେଉଁ ନିୟମ, କାହା ନିର୍ଦ୍ଦେଶ ଏବଂ କେଉଁ ଆଧାରରେ ପଂଚାୟତ ସମିତି ବୈଠକକୁ ବାତିଲ କରାଇଲେ ତାହାକୁ ନେଇ ଉଠିଛି ବଡ ପ୍ରଶ୍ନ। ବ୍ଲକ ଅଧ୍ୟକ୍ଷା ଦୀପା ମଲିକ ଦିନ ୧୧ଟା ସମୟରେ ବୈଠକ ଆରମ୍ଭ କରିଥିଲେ। ବିଡିଓଙ୍କ ଅନୁପସ୍ଥିତ ହେତୁ ବ୍ଲକ ଅଧ୍ୟକ୍ଷା



ବିଡିଓଙ୍କୁ ଫୋନ ଯୋଗେ ବୈଠକରେ ଯୋଗ ଦେବା ପାଇଁ ଯୋଗାଯୋଗ କରିଥିଲେ। କିନ୍ତୁ ବିଡିଓ ଶ୍ରୀ ପାଲଟା ତହସିଲ କାର୍ଯ୍ୟାଳୟରେ ବସି ବିଭିନ୍ନ କାର୍ଯ୍ୟର ଆଳ ଦେଖାଇ ବ୍ଲକକୁ ଆସି ନଥିଲେ। ଯାହାକୁ ବ୍ଲକ ଅଧ୍ୟକ୍ଷା ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଅନ୍ଧାର କୋଠରୀରେ ଦିବା ୧୧ ଘଟିକାରୁ ଅପରାହ୍ନ ୧.୩୦ ମିନିଟ ପର୍ଯ୍ୟନ୍ତ ବିଡିଓ ଓ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ ପଂଚାୟତ ସମିତି ବୈଠକ ଚାଲୁ ରହିବା ସହ ବିଡିଓଙ୍କ ଏଭଳି କାର୍ଯ୍ୟ ନେଇ ନିନ୍ଦା ପ୍ରସ୍ତାବ ଆଗତ ହୋଇଥିଲା। ଏହାପରେ ସମ୍ମିଳନୀ କକ୍ଷରୁ ବିଡିଓଙ୍କ ବିରୁଦ୍ଧରେ ବିଭିନ୍ନ ନାରାବାଜି ଦେଇ ଆସୁଥିବା ବେଳେ ଏହି ସମୟରେ ବିଡିଓ ଶ୍ରୀ ପାଲଟା ବ୍ଲକ କାର୍ଯ୍ୟାଳୟକୁ ପ୍ରବେଶ କରୁଥିବା ସମୟରେ ଅଧ୍ୟକ୍ଷା, ଜନପ୍ରତିନିଧି ଓ ବିଡିଓଙ୍କ ମଧ୍ୟରେ ଯୁକ୍ତିତର୍କ ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି ଶ୍ରୀ ପାଲଟା ଜନପ୍ରତିନିଧିମାନଙ୍କୁ ହାତ ହଲାଇ ଆଙ୍ଗୁଠି ଦେଖାଇ ନାଲି ଆଖି ଦେଖାଉଥିବାବେଳେ ପରିସ୍ଥିତି ଅଣାୟତ ହୋଇଥିଲା। ଏପରିକି କେଉଁ ଆଧାରରେ ଅଧ୍ୟକ୍ଷଙ୍କ ବିନା ଅନୁମତିରେ ପଂଚାୟତ ସମିତି ବୈଠକକୁ ବିଡିଓ ବାତିଲ କରିଥିବା ନେଇ ପଚାରିବାରୁ ସେ ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ଆଜି ସାରା ଭାରତ ସମ୍ବିଧାନ ଦିବସ ପାଳନ କରୁଥିବାବେଳେ ମାହାଙ୍ଗା ବିଡିଓ ସମ୍ବିଧାନକୁ ହତ୍ୟା କରିଥିବା ନେଇ ମାହାଙ୍ଗା ପଂଚାୟତର ଅଧ୍ୟକ୍ଷା, ସରପଂଚ, ସମିତି ସଭ୍ୟସଭ୍ୟା ଏବଂ ଜିଲ୍ଲା ପରିଷଦମାନେ ଦୋଷାରୋପ କରିଛନ୍ତି। ବ୍ଲକ ପରିସରରେ ଏକ ଅପ୍ରତିକର ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ମାହାଙ୍ଗା ଆଇଆଇସି ତପନ କୁମାର ରାଉତ, ଭଦ୍ରେଶ୍ୱର ଆଇଆଇସି ସନ୍ଧ୍ୟାରାଣୀ ସିଂହ, ଏସଆଇ କେ ଲାକ୍ରା, ଏଏସଆଇ ବିଦ୍ୟାଧର ମଲିକ ଉପସ୍ଥିତି ରହି ଉତେଜନା ପରିସ୍ଥିତିକୁ ଆୟତ କରିଥିଲେ। ଉକ୍ତ ବୈଠକରେ ବ୍ଲକ ଅଧ୍ୟକ୍ଷାଙ୍କ ସହ ସାଂସଦଙ୍କ ପ୍ରତିନିଧି ଅଶୋକ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ଜଗବନ୍ଧୁ ସେଠୀ, ରିଆଜୁଲ ହୋଦା, ସୁସ୍ମିତା ଦାସ ଏବଂ ୪୦ରୁ ସରପଂଚ, ସମିତି ସଭ୍ୟସଭ୍ୟା ଉପସ୍ଥିତ ଥିଲେ।

## ମୃତ ବିଚାରାଧୀନ ବନ୍ଦୀଙ୍କ ପତ୍ନୀଙ୍କୁ ୨୦ଲକ୍ଷ କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ

**କଟକ, ୨୬।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ବିଚାରାଧୀନ ବନ୍ଦୀଙ୍କ ଉପଯୁକ୍ତ ଚିକିତ୍ସା ପ୍ରସଙ୍ଗରେ ଅବହେଳା ଜେଲ କର୍ତ୍ତୃପକ୍ଷଙ୍କ ପାଇଁ ମହଙ୍ଗା ପଡ଼ିଛି। ଜେଲ କର୍ତ୍ତୃପକ୍ଷଙ୍କ ଅବହେଳା କାରଣରୁ ଉପଯୁକ୍ତ ଚିକିତ୍ସା ନପାଇ ପୁରୀ ଜିଲ୍ଲା ନିମାପଡ଼ା ସବ ଜେଲରେ ଜଣେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ନେଇ ଦାୟର ମାମଲାର ହାଇକୋର୍ଟ ଶୁଣାଣି କରି ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ତଥା ମୃତକଙ୍କ ପତ୍ନୀଙ୍କୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ୬ ସପ୍ତାହ ମଧ୍ୟରେ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ରେକର୍ଡ଼ରେ ଉପଲବ୍ଧ ତଥ୍ୟ, ମୃତ ବ୍ୟକ୍ତିଙ୍କ ରୋଜଗାର ଓ ଆବେଦନକାରୀଙ୍କ ଭବିଷ୍ୟତ ଜୀବନକୁ ନେଇ ଆବେଦନକାରୀ ଉକ୍ତ କ୍ଷତିପୂରଣ ରାଶି ପାଇବାକୁ ହକଦାର ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ ବିରଜା ପ୍ରସନ୍ନ ଶତପଥିଙ୍କୁ ନେଇ ଗଠିତ ଖଣ୍ଡପୀଠ ସବିତା ନିଶଙ୍କଙ୍କ ଆବେଦନର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ଆବେଦନକାରୀଙ୍କ ସ୍ୱାମୀ କୃତିବାସ ଖଟେଇ ଉପେଗା ଓ କୋମସରା ପଂଚାୟତ ନିର୍ବାହୀ ଅଧିକାରୀ ଥିଲାବେଳେ ପିପିଲି ଥାନାରେ ରୁଜୁ ଏକ ମାମଲାରେ ୨୦୧୬ ସେପ୍ଟେମ୍ବର ୨୦ରେ ଗିରଫ ହୋଇ ଜେଲ ଯାଇଥିଲା। ନିମାପଡ଼ା ସବଜେଲରେ ଆବେଦନକାରୀଙ୍କୁ ବିଚାରାଧୀନ ବନ୍ଦୀ ଭାବେ ରଖା ଯାଇଥିଲା। ୨୦୦୮ରୁ ଆବେଦନକାରୀଙ୍କ ସ୍ୱାମୀ ମଧୁମେହରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିବା ନେଇ ଜେଲ କର୍ତ୍ତୁପକ୍ଷ ଅବଗତ ଥିଲେ ମଧ୍ୟ ତାଙ୍କୁ ଉପଯୁକ୍ତ ଚିକିତ୍ସା ପ୍ରଦାନ କରାଯାଇ ନଥିଲା। ଫଳରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବଗିଡ଼ି ଯାଇଥିଲା। ସ୍ୱାମୀଙ୍କ ଉପଯୁକ୍ତ ଚିକିତ୍ସା ପାଇଁ ଏକ ପିଟିସନ ପିପିଲି ଜେଏମଏଫସି ଅଦାଲତରେ ଦାଖଲ କରିଥିଲେ। ଅଦାଲତଙ୍କ ନିର୍ଦ୍ଦେଶ ଆଧାରରେ ଆବେଦନକାରୀଙ୍କ ସ୍ୱାମୀଙ୍କୁ ୨୦୧୭ ଜାନୁଆରୀ ୨୫ରେ ପ୍ରଥମେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ସେହିଦିନ କଟକ ଏସସିବି ମେଡ଼ିକାଲ କଲେଜ ଓ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଆମ୍ବୁଲାନ୍ସ ବାବଦ ଦେୟ ଆବେଦନକାରୀ ଦେଇଥିଲେ। କିନ୍ତୁ ସେତେବେଳକୁ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା। ଶେଷରେ ୨୦୧୭ ଜାନୁଆରୀ ୨୬ ତାରିଖରେ ଆବେଦନକାରୀଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଥିଲା। ଜେଲ କର୍ତ୍ତୁପକ୍ଷଙ୍କ ଅବହେଳା ପାଇଁ ତାଙ୍କ ସ୍ୱାମୀଙ୍କ ଜୀବନ ଯାଇଥିବା ଦର୍ଶାଇ ଆବେଦନକାରୀ ୨୦୧୭ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବି ହେମନ୍ତ କୁମାର ରାଉତ ମାମଲା ପରିଚାଳନା କରୁଥିଲେ।

## ପ୍ରଥମ ପୃଷ୍ଠାରୁ...

### ଅହମଦାବାଦରେ...

ଥିବା କ୍ରୀଡା ଭିତ୍ତିଭୂମିର ଉଦାହରଣ ଦେଇ ଭାରତ ସରକାର ୨୦୩୦ରେ ରାଜ୍ୟ ଗୋଷ୍ଠୀ କ୍ରୀଡାର ଆୟୋଜନ କରିବାକୁ ଚାହୁଁଥିବା ସିଜିଏଫଙ୍କୁ ଅନଔପଚାରିକ ଭାବେ ଜଣାଇଥିଲେ। ସିଜିଏଫ ସହ ଆଲୋଚନା କରିବା ପରେ ଭାରତ ସରକାର ବିଧିବଦ୍ଧ ଭାବେ ହୋଷ୍ଟିଂ ଅଧିକାରୀ ପାଇବା ପାଇଁ ମାର୍ଚ୍ଚ ୩୧ ପୂର୍ବରୁ ଆବେଦନ କରିଥିଲେ। ଭାରତ ଏଯାଏ କେବଳ ଗୋଟିଏ ଥର ରାଜ୍ୟ ଗୋଷ୍ଠୀ କ୍ରୀଡାର ଆୟୋଜନ କରିଛି। ୨୦୧୦ରେ ଦିଲ୍ଲୀରେ ଏହା ଆୟୋଜନ ହୋଇଥିଲା। ଭାରତ ମଧ୍ୟ ଏହି କ୍ରୀଡା ମହାକୁମ୍ଭରେ ଦମଦାର ପ୍ରଦର୍ଶନ କରିଥିଲା। ୨୦୧୦ ରାଜ୍ୟ ଗୋଷ୍ଠୀ କ୍ରୀଡାରେ ଭାରତ ୩୮ଟି ସ୍ୱର୍ଣ୍ଣ, ୨୭ଟି ରୌପ୍ୟ ଓ ୩୬ଟି ବ୍ରୋଞ୍ଜ ସହ ମୋଟ ୧୦୧ ପଦକ ଜିତିଥିଲା। ପଦକ ଜିତିବା ତାଲିକାରେ ମଧ୍ୟ ଦେଶ ୨ ନମ୍ବରରେ ରହିଥିଲା। ୧୯୩୦ରୁ ପ୍ରତି ୪ ବର୍ଷରେ ଥରେ ରାଜ୍ୟ ଗୋଷ୍ଠୀ କ୍ରୀଡା ଆୟୋଜନ ହେଉଛି। ଭାରତ ପ୍ରଥମ ସଂସ୍କରଣରେ ଭାଗ ନେଇ ନଥିଲା। ସେହିପରି ୧୯୫୦, ୧୯୬୨, ୧୯୮୬ରେ ମଧ୍ୟ ଭାରତରୁ କେହି ବି ରାଜ୍ୟ ଗୋଷ୍ଠୀ କ୍ରୀଡାରେ ଭାଗ ନେଇ ନଥିଲେ। ୨୦୨୬ରେ ସ୍କଟଲ୍ୟାଣ୍ଡର ଗ୍ଲାସଗୋରେ ରାଜ୍ୟ ଗୋଷ୍ଠୀ କ୍ରୀଡା ଆୟୋଜନ ହେବ।

### ଆଜି ଉଦ୍‌ବୋଧନ...

କହିବାକୁ ଦିଆଯାଉ ବୋଲି ବିରୋଧୀ ଦଳ ସଦସ୍ୟମାନେ ଦାବି ରଖିଥିଲେ।

ଶୀତ ଅଧିବେଶନର ଦ୍ୱିତୀୟ ଦିନ ନଭେମ୍ବର ୨୮ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପ୍ରଥମ ଅତିରିକ୍ତ ବ୍ୟୟ ମଞ୍ଜୁରୀ ଗୃହରେ ଉପସ୍ଥାପନ କରିବେ। ଏହା ବ୍ୟତୀତ ବିଭିନ୍ନ ବିଲ୍ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହେବ। ବିଧାନସଭା ଅଧିବେଶନ ଓ ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ତଥା ବିଧାନସଭା ଚାରିପାଖରେ ଚାରି ସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

### ନଗରପାଳଙ୍କ ସହିତ...

ବ୍ରଜକିଶୋର ପ୍ରଧାନ ମଧ୍ୟ ନଗରପାଳ ପବିତ୍ର ଭୂତିଆଙ୍କ ଘରକୁ ଯାଇ ବୁଝାଇବା ସହିତ କିଛି କାଉନ୍‌ସିଲରଙ୍କୁ ବୁଝାଇଥିଲେ। ହେଲେ ସେ ବରିଷ୍ଠ ନେତା ଏବଂ ବିଧାୟକଙ୍କ କୌଣସି କଥାକୁ କର୍ଣ୍ଣପାତ ନକରି ଆଜି ସେମାନେ ଶେଷ ନିଷ୍ପତ୍ତି ନେଇଥିବା ଜଣାପଡିଛି।

ଆଜି ତାଳଚେର ନଗରପାଳ ପବିତ୍ର ଭୂତିଆଙ୍କ ସମେତ ୧୩ ଜଣ କାଉନ୍‌ସିଲର ଯଥା ତାଳଚେର ପୌରପରିଷଦର ୧ ନମ୍ବର ୱାର୍ଡର କାଉନ୍‌ସିଲର ଆସିଫ ଖାନ, ୨ ନମ୍ବର ୱାର୍ଡର ଯଶୋବନ୍ତ ମିଶ୍ର, ୩ ନମ୍ବର ୱାର୍ଡର ଲିପିକା ବେହେରା, ୫ ନମ୍ବର ୱାର୍ଡର ସଞ୍ଜିବ କୁମାର ବେହେରା, ୬ ନମ୍ବର ୱାର୍ଡର ଜିତେନ୍ଦ୍ର ଭୂତିଆ, ୯ ନମ୍ବର ୱାର୍ଡର ମମତା ରାଉତ, ୧୦ ନମ୍ବର ୱାର୍ଡର ଅଜିତ କୁମାର ସାହୁ, ୧୧ ନମ୍ବର ୱାର୍ଡର ନିରୂପମା ପଟ୍ଟନାୟକ, ୧୨ ନମ୍ବର ୱାର୍ଡର ସଞ୍ଜିବ କୁମାର ଗଡନାୟକ, ୧୪ ନମ୍ବର ୱାର୍ଡର ବଳବିନ୍ଦର କୁଅର, ୧୫ ନମ୍ବର ୱାର୍ଡର ସବିତା ପାଉଲ, ୧୮ ନମ୍ବର ୱାର୍ଡର ଲିନା ସାହୁ, ୨୦ ନମ୍ବର ୱାର୍ଡର ଅନିତା ବିଶ୍ୱାଳ ପ୍ରମୁଖ।

ଆଜି ତାଳଚେର ବିଧାୟକ ତଥା ଅନୁଗୁଳ ଜିଲ୍ଲା ବିଜେଡି ସଭାପତି ବ୍ରଜକିଶୋର ପ୍ରଧାନ ଏବଂ ରାଜ୍ୟ କାର୍ଯ୍ୟାଳୟ ଶଙ୍ଖ ଭବନକୁ ନିଜନିଜର ଇସ୍ତଫାପତ୍ର ପ୍ରଦାନ କରିଥିବା ଜଣାପଡିଛି। ଏଥିସହିତ ଏହି ୧୩ ଜଣ କାଉନ୍‌ସିଲରଙ୍କ ସମେତ ନଗରପାଳ ଆସନ୍ତା ୨୮ ତାରିଖ ଦିନ ଭୁବନେଶ୍ୱରସ୍ଥିତ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଯୋଗଦେବାର ବ୍ୟବସ୍ଥା ରହିଥିବା ଜଣାପଡିଛି। ଅପରପକ୍ଷରେ ତାଳଚେର ପୌରପାଳିକାରୁ ନଗରପାଳ ଦଳ ପରିବର୍ତ୍ତନ କରିବା ସାରା ଜିଲ୍ଲା ତଥା ରାଜ୍ୟର ବିଜେଡି ଦଳ ପାଇଁ ବଡ କ୍ଷତି ବୋଲି ବିଜେଡି ଦଳର କର୍ମୀମାନଙ୍କ ମଧ୍ୟରେ ଆଲୋଚନା ଓ ଚର୍ଚ୍ଚା ହେଉଛି।

### ଏକାସଙ୍ଗେ ଆତ୍ମସମର୍ପଣ...

ଆତ୍ମସମର୍ପଣ କରିଥିବା ଏହି ନକ୍ସଲମାନଙ୍କ ମଧ୍ୟରୁ ୩୨ ଜଣଙ୍କ ମୁଣ୍ଡରେ ବଡଧରଣର ପୁରସ୍କାର ରାଶି ଥିଲା, ଯାହାର ସମୁଦାୟ ପରିମାଣ ୧ କୋଟି ୧୯ ଲକ୍ଷ ଟଙ୍କା। ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କ ମଧ୍ୟରେ କେତେକ ଶୀର୍ଷ ଏବଂ ମଧ୍ୟମ ସ୍ତରୀୟ ନକ୍ସଲ ସାମିଲ ଅଛନ୍ତି, ଯେଉଁମାନଙ୍କ ଉପରେ ଲକ୍ଷଲକ୍ଷ ଟଙ୍କାର ପୁରସ୍କାର ରାଶିଥିଲା।

୯ ନକ୍ସଲଙ୍କ ଉପରେ ୮ ଲକ୍ଷ ଟଙ୍କା ଲେଖାଏ, ୩ ନକ୍ସଲଙ୍କ ଉପରେ ପ୍ରତ୍ୟେକ ୫ ଲକ୍ଷ ଟଙ୍କା, ୧୨ ଜଣ ନକ୍ସଲଙ୍କୁ ପ୍ରତ୍ୟେକଙ୍କୁ ୨ ଲକ୍ଷ ଟଙ୍କା, ୮ ଜଣ ନକ୍ସଲଙ୍କୁ ପ୍ରତ୍ୟେକଙ୍କ ଉପରେ ୧ ଲକ୍ଷ ଟଙ୍କା ରହିଥିଲା।

ଏହି ଆତ୍ମସମର୍ପଣ କରିଥିବା ନକ୍ସଲମାନେ ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟି, ତେଲେଙ୍ଗାନା ରାଜ୍ୟ କମିଟି ଏବଂ ଧମତାରି-ଗାରିଆବନ୍ଦ-ନୂଆପାଡ ଡିଭିଜନ ଭଳି ପ୍ରମୁଖ ନକ୍ସଲ ସଂଗଠନ ସହିତ ଜଡିତ ଥିଲେ। ପୋଲିସ ଅଧିକାରୀଙ୍କ ଅନୁଯାୟୀ, ସମସ୍ତ ଆତ୍ମସମର୍ପଣ କରିଥିବା ନକ୍ସଲ ଭାରତୀୟ ସମ୍ବିଧାନ ଉପରେ ବିଶ୍ୱାସ ପ୍ରକାଶ କରିଛନ୍ତି ଏବଂ ଏକ ଗଣତାନ୍ତ୍ରିକ ବ୍ୟବସ୍ଥା ଅଧୀନରେ ଏକ ମର୍ଯ୍ୟାଦାଜନକ ଏବଂ ସୁରକ୍ଷିତ ଜୀବନ ବଞ୍ଚିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରତ୍ୟେକ ଆତ୍ମସମର୍ପଣ କରିଥିବା ନକ୍ସଲଙ୍କୁ ତୁରନ୍ତ ୫୦,୦୦୦ ଟଙ୍କା ପ୍ରୋତ୍ସାହନ ସ୍ୱରୂପ ମିଳିବ। ସେମାନେ ସମାଜର ମୁଖ୍ୟସ୍ରୋତକୁ ଫେରିବା ପାଇଁ ପୁନର୍ବାସ ଯୋଜନାରୁ ମଧ୍ୟ ଲାଭ ପାଇବେ।

ଅଧିକାରୀମାନେ ରିପୋର୍ଟ କରିଛନ୍ତି ଯେ ଚଳିତ ବର୍ଷ ଜିଲ୍ଲାରେ ୫୨୮ ଜଣ ମାଓବାଦୀଙ୍କୁ ଗିରଫ କରାଯାଇଛି ଏବଂ ୫୬୦ ଜଣ ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି। ଜିଲ୍ଲାରେ ବିଭିନ୍ନ ଏନକାଉଣ୍ଟରରେ ମୋଟ ୧୪୪ ଜଣ ମାଓବାଦୀ ନିହତ ହୋଇଛନ୍ତି।

### ଲୋକଙ୍କ ସମସ୍ୟା...

ପ୍ରତି ସରକାରଙ୍କର ଉଦାସୀନତାର ଦୃଢ ବିରୋଧ କରାଯିବ ବୋଲି ସେ କହିଥିଲେ।

ରାଜ୍ୟରେ ଚାଲିଥିବା ବିଜେପି ସରକାରକୁ ଚାଷୀ, ମହିଳା ଓ ଯୁବ ବର୍ଗର ବିରୋଧୀ ବୋଲି ବର୍ଣ୍ଣନା କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ କ୍ଷମତାକୁ ଆସିବା ପରେ ବିଜେପି ସରକାର ଏ ପର୍ଯ୍ୟନ୍ତ ଗୋଟିଏ ବି ନିଯୁକ୍ତି ପରୀକ୍ଷା ତ୍ରୁଟି ଶୂନ୍ୟ ଭାବରେ ପରିଚାଳନା କରିପାରି ନାହାନ୍ତି। ଯାହାକି ଯୁବ ବର୍ଗ ମଧ୍ୟରେ ହତାଶା ସୃଷ୍ଟି କରିଛି। ତେଣୁ ଜନସାଧାରଣ ସମ୍ମୁଖୀନ ହେଉଥିବା ଏହି ସବୁ ପ୍ରସଙ୍ଗରେ ସରକାରଙ୍କୁ ଉତ୍ତରଦାୟୀ ହେବାକୁ ପଡିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ।

ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ପଶ୍ଚିମ ଓଡିଶାରେ ଧାନ ସଂଗ୍ରହ ନେଇ ଦେଖାଦେଇଥିବା ସମସ୍ୟା ବିଷୟ ଉଠାଇଥିଲେ। କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ବିଭିନ୍ନ ଆଳରେ ଗରିବ ଲୋକଙ୍କ ରାସନ କାର୍ଡ କାଟିବା ପାଇଁ ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ବିରୋଧୀ ଦଳ ନେତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ ଗୃହରେ ବିରୋଧୀ ଦଳର ରଣନୀତି ଉପରେ ଆଲୋକପାତ କରିବା ସହିତ ଆସନ୍ତା କାଲି ରାଷ୍ଟ୍ରପତିଙ୍କ ବିଧାନସଭା କାର୍ଯ୍ୟକ୍ରମ ସମ୍ପର୍କରେ ସଭ୍ୟମାନଙ୍କୁ ଅବଗତ କରିଥିଲେ।

### କେନ୍ଦ୍ର କ୍ୟାବିନେଟରେ...

କୋଟି ଟଙ୍କା ୫ ବର୍ଷ ପର୍ଯ୍ୟନ୍ତ କମ୍ପାନୀକୁ ବିକ୍ରି ଆଧାରିତ ପ୍ରୋତ୍ସାହନ ରୂପରେ ଦିଆଯିବ। ସେଭଳି ୭୫୦ କୋଟି ଟଙ୍କା ପ୍ରାରମ୍ଭିକ ଭାବରେ ପ୍ଲାଣ୍ଟ ତିଆରି କରିବା ପାଇଁ କ୍ୟାପିଟାଲ ସବସିଡି ରୂପରେ ବ୍ୟବହାର କରାଯିବ। ସରକାର ବିଶ୍ୱ ସ୍ତରରେ ନିଲାମୀ ଜରିଆରେ ମୋଟ ୫ଟି କମ୍ପାନୀକୁ ଚୟନ କରିବାର ଯୋଜନା କରୁଛନ୍ତି, ଯେଉଁଥିରେ ପ୍ରତି କମ୍ପାନୀକୁ ସର୍ବାଧିକ ବାର୍ଷିକ ୧୨୦୦ ନିୟୁତ ଟନ୍ ଉତ୍ପାଦନ କ୍ଷମତା ଦିଆଯିବ। ଯୋଜନାର ମୋଟ ସମୟସୀମା ୭ ବର୍ଷରହିବ। ପ୍ରଥମ ଦୁଇ ବର୍ଷ ପ୍ଲାଣ୍ଟ ସେଟ୍ କରିବା ଓ ଆଗାମୀ ୫ ବର୍ଷ ଉତ୍ପାଦନ ଓ ଇନସେନଟିଭ୍ ପାଇଁ ରହିବ। ଏହି ପଦକ୍ଷେପ ଭାରତକୁ ଟେକ୍‌ନୋଲୋଜି ଦୃଷ୍ଟିରୁ ଆତ୍ମନିର୍ଭର କରିବା, ବିଶ୍ୱ ବଜାରରେ ପ୍ରତିଯୋଗୀତା ସୃଷ୍ଟି କରିବା ଓ ୨୦୭୦ ପର୍ଯ୍ୟନ୍ତ 'ନେଟ୍ ଜିରୋ' ଲକ୍ଷ୍ୟ ହାସଲ କରିବା ଦିଗରେ ଏକ ବଡ଼ ପଦକ୍ଷେପ ବୋଲି କୁହାଯାଉଛି। ଏହା ସରକାରଙ୍କ ବିକଶିତ ଭାରତ ଭିଜନକୁ ମଜବୁତ କରୁଥିବା ନିଷ୍ପତ୍ତି ବୋଲି କୁହାଯାଉଛି।

### ୧ରେ ଖୋଲିବ...

କରାଯିବ। ଶ୍ରୀ ମନ୍ଦିର ପ୍ରଶାସନ ପକ୍ଷରୁ ଏହି ବ୍ୟବସ୍ଥା କରାଯିବ।

ଶ୍ରୀଗୁଣ୍ଡିଚା ମନ୍ଦିର ପ୍ରତ୍ୟେକ ଦିନ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭକ୍ତଙ୍କ ପାଇଁ ଖୋଲା ରହିବ। ତେବେ ଶୀତ ଦିନେ ନଭେମ୍ବର ମାସରୁ ଫେବୃଆରୀ ପର୍ଯ୍ୟନ୍ତ ମନ୍ଦିର ସକାଳ ୬ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖୋଲା ରହିବ। ସେହିପରି ବିଭିନ୍ନ ନୀତିକାନ୍ତି ଥିବାରୁ ରଥଯାତ୍ରା ସମୟରେ ଦେବ ସ୍ନାନ ପୂର୍ଣ୍ଣିମା ଠାରୁ ନୀଳାଦ୍ରୀ ବିଜେ ପର୍ଯ୍ୟନ୍ତ ଶ୍ରୀଗୁଣ୍ଡିଚା ମନ୍ଦିର ବନ୍ଦ ରହିବ ବୋଲି ଶ୍ରୀ ମନ୍ଦିର ମୁଖ୍ୟ ପ୍ରଶାସନ ଅରବିନ୍ଦ ପାଢ଼ୀ କହିଛନ୍ତି।

ସୂଚନାଯୋଗ୍ୟ, କୋଭିଡ୍ ପରଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ଭକ୍ତଙ୍କ ପାଇଁ ବନ୍ଦ ରହିଛି। କେବଳ ରଥଯାତ୍ରା ସମୟରେ ୯ ଦିନ ଗୁଣ୍ଡିଚା ମନ୍ଦିର ଖୋଲାଯାଇଥାଏ। ତେବେ ପୁଣି ଥରେ ଏହା ଖୋଲିବାକୁ ଯାଉଥିବାରୁ ଶ୍ରଦ୍ଧାଳୁମାନେ ଖୁସି ପ୍ରକଟ କରିଛନ୍ତି।

### ୨୦୨୫ ପାଇଁ...

ସମ୍ମାନିତ କରାଯାଇଛି। ୨୦୨୪ ବର୍ଷ ପାଇଁ ୭ଜଣ ଏବଂ ୨୦୨୫ବର୍ଷ ପାଇଁ ୮ଜଣଙ୍କୁ କବିଚନ୍ଦ୍ର କାଳୀଚରଣ ଯୁବପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। ଏହି ଉତ୍ସବରେ ରାଜ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ବିଧାୟକ ବାବୁ ସିଂ, ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଆକାଶ ଦାସନାୟକ ପ୍ରମୁଖ ଉପସ୍ଥିତ ଥିଲେ।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ

Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ